# ନିତିଦିନ NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
24 NOVEMBER 2025
ସୋମବାର
୨୪ ନଭେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 188 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୧୮୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


ପ୍ରଥମ ଦୃଷ୍ଟିବାଧିତ ମହିଳା ଟି-୨୦ ବିଶ୍ୱକପ୍

# ନେପାଳକୁ ହରାଇ ଭାରତ ଚାମ୍ପିଅନ୍

**କଲମ୍ବୋ,୨୩।୧୧/ଏଜେନ୍ସି:**



ପ୍ରଥମ ଥର ଖେଳାଯାଇଥିବା ଦୃଷ୍ଟିବାଧିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ୍ ହୋଇଛି । ରବିବାର କଲମ୍ବୋରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଟିମ୍ ନେପାଳକୁ ୭ ୱିକେଟ୍‌ରେ

**ଓଡ଼ିଆ ଖେଳାଳି ଫୁଲ ସରେନ୍ ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି**

**ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ହରାଇ ଟାଇଟଲ୍ ନିଜ ନାମରେ କରିଛି । ଏହା ପୂର୍ବରୁ ଭାରତ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ୯ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ସ୍ଥାନ ପକ୍କା କରିଥିଲା ।

ପି ସାରା ଓଭାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଭାରତ ଟସ୍ ଜିତି ଫିଲ୍ଡିଂ ନେଇଥିଲା । ନେପାଳ ଟିମ୍ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୧୧୪ ରନ୍ ହିଁ କରିପାରିଥିଲା । ଭାରତୀୟ ବୋଲର୍‌ମାନେ ନେପାଳ ବ୍ୟାଟର୍‌ଙ୍କୁ ଗୋଟିଏ ହିଁ ବାଉଣ୍ଡାରୀ ମାରିବାକୁ ଦେଇଥିଲେ । ଜବାବରେ ଭାରତୀୟ ମହିଳା ୧୨ ଓଭର୍‌ରେ ମାତ୍ର ୩ ୱିକେଟ୍ ହରାଇ ୧୧୭ ରନ୍ କରି ଲକ୍ଷ୍ୟ

▶▶ ୫

ଆଇବିଏସ୍‌ଏ ବୈଠକରେ ପ୍ରଧାନମନ୍ତ୍ରୀ

# ‘ସୁରକ୍ଷା ପରିଷଦର ସଂସ୍କାର ଏକ ବିକଳ୍ପ ନୁହେଁ, ଜରୁରୀ’

**‘ଆଇବିଏସ୍‌ଏ ଡିଜିଟାଲ୍ ନବାଚାର ସଂଘ’ ପ୍ରତିଷ୍ଠା ପାଇଁ ପ୍ରସ୍ତାବ**

**ଆତଙ୍କବାଦ ବିରୋଧରେ ସମନ୍ୱୟର ଆବଶ୍ୟକତାକୁ ମୋଦୀଙ୍କ ଗୁରୁତ୍ୱ**



**ଜୋହାନ୍ସବର୍ଗ,୨୩।୧୧/ଏଜେନ୍ସି:**

ବିଶ୍ୱସ୍ତରୀୟ ଶାସନ ପ୍ରତିଷ୍ଠାନ, ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଏବେ ଏକ ବିକଳ୍ପ ନୁହେଁ ବରଂ ଜରୁରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା (ଆଇବିଏସ୍‌ଏ) ନେତାମାନଙ୍କ ବୈଠକରେ ଅଂଶଗ୍ରହଣ କରି ଏଭଳି କହିଛନ୍ତି । ଏହି ବୈଠକ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସାଙ୍କ ଦ୍ୱାରା ଆୟୋଜିତ ହୋଇଥିଲାବେଳେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଦା ସିଲଭା ଏଥିରେ ଯୋଗ ଦେଇଥିଲେ । ଏହି ବୈଠକକୁ ସମୟୋଚିତ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହା ଆଫ୍ରିକା ମାଟିରେ ପ୍ରଥମ ଜି-୨୦ ଶିଖର ସମ୍ମିଳନୀ ସହିତ ହୋଇଛି ଏବଂ ଗ୍ଲୋବାଲ ସାଉଥ ଦେଶମାନଙ୍କ ଦ୍ୱାରା ଲଗାତାର ଚାରୋଟି ଜି-୨୦ ଅଧ୍ୟକ୍ଷତାର ସମାପନକୁ ଚିହ୍ନିତ କରୁଛି, ଯାହା ମଧ୍ୟରୁ ଶେଷ ତିନୋଟି ଆଇବିଏସ୍‌ଏ ସଦସ୍ୟ ଦେଶଙ୍କ ଦ୍ୱାରା ହୋଇଥିଲା । ଏହାର ପରିଣାମସ୍ୱରୂପ ମାନବ-କୈନ୍ଦ୍ରିକ ବିକାଶ, ବହୁପାକ୍ଷିକ ସଂସ୍କାର ଏବଂ ସ୍ଥାୟୀ ଅଭିବୃଦ୍ଧି ଉପରେ କେନ୍ଦ୍ରିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ଆଇବିଏସ୍‌ଏ କେବଳ ତିନୋଟି ଦେଶର ଏକ ଗୋଷ୍ଠୀ ନୁହେଁ ବରଂ ତିନୋଟି ପ୍ରମୁଖ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ତିନୋଟି ପ୍ରମୁଖ ଅର୍ଥନୀତିକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ । ଆତଙ୍କବାଦ ବିରୋଧୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଘନିଷ୍ଠ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ

▶▶ ୫

# ଆଜି ସିଜେଆଇ ଭାବେ ସୂର୍ଯ୍ୟକାନ୍ତଙ୍କ ଶପଥ

**ନୂଆଦିଲ୍ଲୀ,୨୩।୧୧/ଏଜେନ୍ସି:**



ସୋମବାର ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶର ୫୩ତମ ପ୍ରଧାନ ବିଚାରପତି(ସିଜେଆଇ) ଭାବେ ଶପଥ ନେବେ । ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ବି.ଆର. ଗଭଇଙ୍କ କାର୍ଯ୍ୟକାଳ ସୋମବାର ଶେଷ ହେଉଛି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାଙ୍କ ସ୍ଥାନ ନେବେ । ସିଜେଆଇ ଭାବେ ତାଙ୍କ କାର୍ଯ୍ୟକାଳ ପ୍ରାୟ ୧୪ ମାସର ରହିବ । ୨୦୨୭ ଫେବ୍ରୁଆରୀ ୯ ତାରିଖରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଅବସର ନେବେ । ତେବେ ରାଷ୍ଟ୍ରପତି ଭବନରେ ହେବାକୁ ଥିବା ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ ଗ୍ରହଣ ସମାରୋହରେ ବିଶ୍ୱର ୬ଟି ଦେଶର ମୁଖ୍ୟ ନ୍ୟାୟାଧୀଶ ଯୋଗ ଦେବେ । ଏଥିସହ ସୁପ୍ରିମକୋର୍ଟର ଇତିହାସରେ ପ୍ରଥମ ଥର ଲାଗି କୌଣସି ସିଜେଆଇଙ୍କ ଶପଥ ଗ୍ରହଣରେ ଏତେ ସଂଖ୍ୟାରେ ଅନ୍ୟ ଦେଶର ନ୍ୟାୟିକ ପ୍ରତିନିଧିମଣ୍ଡଳ ଉପସ୍ଥିତ

▶▶ ୫

# ୩ ଅପରାଧୀଙ୍କୁ ଏନ୍‌କାଉଣ୍ଟର୍

**ରାଉରକେଲା,୨୩।୧୧/ଏନ୍‌ଏନ୍‌ଏସ୍:**

**ହସ୍ପିଟାଲ୍‌ରେ ଭର୍ତ୍ତି**

ରାଉରକେଲାରେ ଏନ୍‌କାଉଣ୍ଟର । ଶନିବାର ବିଳମ୍ବିତ ରାତିରେ ୩ ଦୁର୍ଦ୍ଦାନ୍ତଙ୍କୁ ଏନକାଉଣ୍ଟର କରିଛି ରାଉରକେଲା ପୁଲିସ୍ । ଗୁରୁତର ୩ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଚକ୍‌ମା ଦେଇ ଖସି ଯିବାକୁ ଉଦ୍ୟମ କରୁଥିବାବେ ପୁଲିସ୍‌ର ସ୍ୱତନ୍ତ୍ର ଟିମ୍ ଏହି ଏନକାଉଣ୍ଟର କରିଛି । ୩ ଦୁର୍ଦ୍ଦାନ୍ତ ହେଲେ ଚନ୍ଦେ ନାୟକ, ପାରସ ରାମ, ରାଜେଶ ସିଂହ । ଏମାନେ ବିଗତ ଦିନରେ ରାଉରକେଲା ପୁଲିସ୍ ଜିଲ୍ଲାର ବଣାଇ, ଲହୁଣୀପଡା, କୋଇଡା, ବାଙ୍କେ, ରେଙ୍ଗାଲବେଡା ଅଞ୍ଚଳ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଡକାୟତି ଘଟଣାରେ ଜଡ଼ିତ ଥିବା ବୋଲି ପୁଲିସ ସୁତ୍ରରୁ ସୂଚନା ମିଳିଛି ।ଗତକାଲି ବିଳମ୍ବିତ ରାତିରେ ଏହି ୩ଜଣ ଅଭିଯୁକ୍ତଙ୍କୁ ଲମସେ ଓ କୁଚେଇତା ଅଞ୍ଚଳରେ ପୁଲିସ ଏନକାଉଣ୍ଟର କରିଛି । ବର୍ତ୍ତମାନ ୩ ଜଣ ରାଉରକେଲା ସରକାରୀ

▶▶ ୫

# ‘ଓବିସି ତାଲିକାରେ ୧୪ ଜାତିଙ୍କୁ ସାମିଲ କରାଯାଉ’

**ରାଷ୍ଟ୍ରୀୟ ପଛୁଆବର୍ଗ ଆୟୋଗ ଅଧ୍ୟକ୍ଷଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**

**ଭୁବନେଶ୍ୱର,୨୩।୧୧/ଏନ୍‌ଏନ୍‌ଏସ୍:**



ଓଡ଼ିଶା ସରକାରଙ୍କ ଏସ୍‌ଇବିସି ତାଲିକାରେ ଥିବା ଖଣ୍ଡାୟତ, ପାଇକ, ଚଷା ପାଇକ ଏବଂ କଳିଙ୍ଗୀ ଶୂଦ୍ର ଖଣ୍ଡାୟତଙ୍କ ସହ ମୋଟ୍ ୧୪ଟି ଜାତିଙ୍କୁ ଓବିସି ତାଲିକାରେ ସାମିଲ କରାଯିବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ୍ ଅହିରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଏସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ଚିଠିରେ କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି, ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି,

▶▶ ୫

**ଆଗକୁ ବଢୁଛି ଲଘୁଚାପ କ୍ଷେତ୍ର**

# ବଢ଼ିଲା ବାତ୍ୟା ସମ୍ଭାବନା

**ଭୁବନେଶ୍ୱର,୨୩।୧୧/ଏନ୍‌ଏନ୍‌ଏସ୍:**



ଗତ ମାସରେ ମୋନ୍ଥା ଡରାଇଥିଲା । ଚଳିତ ମାସରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଭାରତୀୟ ପାଣିପାଗ ବିଭାଗ ପୁଣି ବାତ୍ୟା ଆକଳନ କରିବା ପରେ ଭୟ ବଢ଼ିଛି । ଆଇଏମ୍‌ଡି କହିଛି, ମାଲାକ୍କା ସମୁଦ୍ର ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ସୃଷ୍ଟି ଲଘୁଚାପ ଆଜି ୱେଲ ମାର୍କଡ ଲୋ ପ୍ରେସରରେ ପରିଣତ ହୋଇଛି । ଆସନ୍ତାକାଲି ଅର୍ଥାତ ସୋମବାର ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ହେବ ଅବପାତ । ପରବର୍ତ୍ତୀ ୪୮ ଘଣ୍ଟାର ଅଧିକ ଘନୀଭୂତ ହେବ । ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି ଜାରି ରଖିବ ଅବପାତ । ଅଧିକ ଘନୀଭୂତ ହୋଇ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେବ ବାତ୍ୟା । ସାଇକ୍ଲୋନର ଗତିପଥ ଓ ପ୍ରଭାବ ନେଇ କୌଣସି ଆକଳନ କରିନି ପାଣିପାଗ ବିଭାଗ ।

**ଆଜି ନେବ ଅବପାତର ରୂପ**

**୨୫ରୁ ବଢ଼ିବ ପବନର ବେଗ**

**ମୁକାବିଲା ପାଇଁ ପ୍ରସ୍ତୁତ : ମନ୍ତ୍ରୀ**

କିନ୍ତୁ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ୨୫ ତାରିଖରୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପବନର ବେଗ ବଢ଼ିବ । ୨୫ ସନ୍ଧ୍ୟାରୁ ପବନର ବେଗ ଘଣ୍ଟାପ୍ରତି ରହିବ ୫୦-୬୦ କିଲୋମିଟର । ୨୬ ସକାଳୁ ୬୦ରୁ ୭୦ କିଲୋମିଟର ଓ ସର୍ବାଧିକ ୮୦ କିମି ଏବଂ ୨୭ ସକାଳୁ ୧୦୦ କିମି ରହିପାରେ ପବନ ବେଗ । ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟା ମୁକାବିଲାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି କହିଛନ୍ତି ଯେ ବାତ୍ୟାକୁ ନେଇ ବିଭାଗ ସତର୍କ ରହିଛି । ମୁକାବିଲା ପାଇଁ ମଧ୍ୟ ପ୍ରସ୍ତୁତ ରହିଛି ।

ବଙ୍ଗୋପସାଗରରେ ବାତ୍ୟା ହେବା ନିଶ୍ଚିତ । ଏଥିପାଇଁ ପାଗ ଅନୁକୂଳ ରହିଛି । ମାଲାକ୍କା ଓ ସଂଗଲ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଲଘୁଚାପ ସକ୍ରିୟ ଥିବା ବେଳେ ଶ୍ରୀଲଙ୍କା ତଳକୁ ଦକ୍ଷିଣ-ପଶ୍ଚିମ

▶▶ ୫

# ଆଜି ମୁଖ୍ୟମନ୍ତ୍ରୀଙ୍କ ଜନତା ଦରବାର

**ଭୁବନେଶ୍ୱର,୨୩।୧୧/ଏନ୍‌ଏନ୍‌ଏସ୍:**



ସୋମବାର ବସିବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନତା ଦରବାର । ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି । ଭୁବନେଶ୍ୱର ୟୁନିଟ ୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ସୋମବାର ସକାଳ ୧୦.୩୦ ସମୟରୁ ଏହା ଆରମ୍ଭ ହେବ । ତେବେ ଗତ ସେପ୍ଟେମ୍ବର ୮ ତାରିଖରେ ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ

▶▶ ୫

# କୂଅରେ ପଡ଼ି ହାତୀ ଶାବକ ମୃତ

**ଭୁଷଣ୍ଡପୁର,୨୩।୧୧/ଏନ୍‌ଏନ୍‌ଏସ୍:**

ପରିତ୍ୟକ୍ତ କୂଅରେ ପଡ଼ି ଗଲା ହାତୀ ଶାବକର ଜୀବନ । ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ଗୋପାଳପୁର ସେକ୍ସନ ଚମ୍ପାଗଡ଼ ବିଟ୍ ହାଉସ ଅଧୀନସ୍ଥ ବନ୍ଧପଲ୍ଲୀ ଓ ଜଙ୍କିଆ ଗ୍ରାମରେ ଏହି ଅଘଟଣ ଘଟିଛି । ଗ୍ରାମର ପାତାଳେଶ୍ୱର ମନ୍ଦିର ନିକଟସ୍ଥ କାଜୁ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ି ଛୁଆ ହାତୀର ମୃତ୍ୟୁ ହୋଇଛି । ମୃତ ହାତୀ ଛୁଆର ବୟସ ପାଖାପାଖି ୪ରୁ ୬ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ସେଠାକାର ଦୃଶ୍ୟକୁ ଅନୁଧ୍ୟାନ କଲେ ହାତୀ ଛୁଆଟି ଦୀର୍ଘ ୧୦ ଦିନ ହେବ ସେହି ପରିତ୍ୟକ୍ତ କୂଅରେ ପଡ଼ିରହିଥିଲା । ତେବେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ଯାଇ ହାତୀ ଶାବକର ମୃତ୍ୟୁ ହୋଇଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ । ତେବେ ରଣପୁର ରେଞ୍ଜ ଅଧିକାରୀ ଗ୍ରାମବାସୀଙ୍କ ଠାରୁ ଖବର ପାଇ ବନବିଭାଗ ଟିମ୍ ସହ

▶▶ ୫

ବିଷ ଚାଦର ତଳେ ଦିଲ୍ଲୀ

# ଘରୋଇ ଅଫିସ୍‌କୁ ‘ୱାର୍କ ଫ୍ରମ୍ ହୋମ୍’ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୩।୧୧/ଏନ୍‌ଏନ୍‌ଏସ୍:ନୂଆଦିଲ୍ଲୀ:**





ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉଦବେଗଜନକ ସ୍ଥିତିରେ ରହିଛି । ଦିନକୁ ଦିନ ବିଷାକ୍ତ ହେବାରେ ଲାଗିଛି ବାୟୁର ମାନ । ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇଓ) ୪୦୦ ଅତିକ୍ରମ କରିଛି ଏବଂ ନୋଏଡାର ଏକ୍ୟୁଆଇ ମଧ୍ୟ ୪୦୦ ରେ ପହଞ୍ଚିଛି । କ୍ରମାଗତ ଭାବରେ ବାୟୁ ଗୁଣବତ୍ତା ହ୍ରାସ ପାଉଥିବାରୁ ରେଖା ଗୁପ୍ତାଙ୍କ ସରକାର କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଘରୋଇ ପ୍ରତିଷ୍ଠାନଗୁଡ଼ିକୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ ଅନୁଯାୟୀ, ଦିଲ୍ଲୀ ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ରହିଛି । ବାୟୁ ଗୁଣବତ୍ତା ପରିଚାଳନା କମିଶନ (ସିଏକ୍ୟୁଏମ୍)ର ମାର୍ଗଦର୍ଶିକା ଅନୁଯାୟୀ ଘରୋଇ କାର୍ଯ୍ୟାଳୟ ଗୁଡ଼ିକୁ

**୫୦% କର୍ମଚାରୀଙ୍କ ସହ କରିବେ କାର୍ଯ୍ୟ**

▶▶ ୫


श्रम एवं रोजगार मंत्रालय
भारत सरकार
MINISTRY OF LABOUR & EMPLOYMENT
GOVERNMENT OF INDIA



ନୂତନ ଯୁଗ
ଉଦ୍ଦେଶ୍ୟରେ
ଗିଗ୍ ଏବଂ ପ୍ଲାଟ୍‌ଫର୍ମ ୱାର୍କସ
“ଦେଶ ନିଜ ଶ୍ରମଶକ୍ତି ପାଇଁ ଗର୍ବିତ ଶ୍ରମେବ ଜୟତେ”
-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଚାରି ଶ୍ରମ ସଂହିତା
କାର୍ଯ୍ୟକାରୀ

ଗିଗ୍ ଏବଂ ପ୍ଲାଟଫର୍ମ କର୍ମଚାରୀଙ୍କ ପାଇଁ ମୋଦୀ ସରକାରଙ୍କର ଗ୍ୟାରେଣ୍ଟି

- ପ୍ରଥମ ଥର ପାଇଁ ଗିଗ୍ ଏବଂ ପ୍ଲାଟ୍‌ଫର୍ମ କର୍ମୀ ଏବଂ ଏଗ୍ରିଗେଟର୍‌ଙ୍କୁ ପ୍ରଥମ ଥର ଆନୁଷ୍ଠାନିକ ଭାବେ ପରିଭାଷିତ କରାଯାଇଛି ।
- ସାମାଜିକ ସୁରକ୍ଷା ପାଣ୍ଠିର ବ୍ୟବସ୍ଥା: ଏଗ୍ରିଗେଟର୍‌ମାନେ ବାର୍ଷିକ କାରବାରର ୧-୨% ଯୋଗଦାନ କରିବେ, ଯାହା ଗିଗ୍ ଏବଂ ପ୍ଲାଟ୍‌ଫର୍ମ କର୍ମଚାରୀମାନଙ୍କୁ ପ୍ରଦତ୍ତ ପରିମାଣର ୫% ପର୍ଯ୍ୟନ୍ତ ସୀମି ତ ।
- ଜୀବନ ଏବଂ ଅକ୍ଷମତା କଭର୍: ଦୁର୍ଘଟଣାଜନିତ ବୀମା, ସ୍ୱାସ୍ଥ୍ୟ ଏବଂ ପ୍ରସୂତି ଲାଭ, ବାର୍ଦ୍ଧକ୍ୟ ସୁରକ୍ଷା ଇତ୍ୟାଦି ପାଇଁ ସାମାଜିକ ସୁରକ୍ଷା ଯୋଜନା ।
- ଆଧାର ଲିଙ୍କ୍ ହୋଇଥିବା ୟୁନିଭର୍ସାଲ୍ ଏକାଉଣ୍ଟ ନମ୍ବର ରାଜ୍ୟସାରା ଲାଭର ପୋର୍ଟେବିଲିଟି ଏବଂ ସୁଗମ ବିତରଣ ସୁନିଶ୍ଚିତ କରିବା ।

CBC 23101/13/0004/2526




ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାର

# ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ସତ୍ୟସାଇ ସେବା ସଙ୍ଗଠନ ଭୁବନେଶ୍ୱର ସାଇ ଜିଲ୍ଲାର ସାଇ ଜନଜନୀଠାରେ ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ନଗର ସଂକୀର୍ତ୍ତନ, ମଙ୍ଗଳବାଦ୍ୟ ପରେ ସାଇ ଜନନୀ ଆବାହକ ଦ୍ୱାରା ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା।

ଏହି ଅବସରରେ ରେଡକ୍ରସ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର କରାଯାଇଥିଲା। ସଙ୍ଗଠନ ତରଫରୁ ସମସ୍ତ ରୋଗୀଙ୍କ ଆରୋଗ୍ୟ କାମନା କରାଯାଇ କ୍ୟାପିଟାଲ୍ ହସ୍ପିଟାଲ, ହାଇଟେକ୍ ହସ୍ପିଟାଲ, ବିଏମ୍ସି ହସ୍ପିଟାଲ, ଆୟୁର୍ବେଦ ହସ୍ପିଟାଲ ସମେତ ବିଭିନ୍ନ ହସ୍ପିଟାଲରେ ଫଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। କୋଟି ନାମାର୍ଚ୍ଚନା, ବେଦଧ୍ୱନି, ଭଜନ ସହିତ ସତ୍ୟସାଇ ହାଇସ୍କୁଲ ପିଲାମାନଙ୍କ ଦ୍ୱାରା ଜନ୍ମଦିନ କେକେ କଟାଯାଇ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ସମସ୍ତ ଭକ୍ତ ଓ ସାଇ ଆଶ୍ରିତଙ୍କ ସମେତ ସାଧାରଣ ଲୋକ ପ୍ରସାଦ ସେବନ କରିଥିଲେ। ପ୍ରାୟ ୧୩୦ ନାରାୟଣଙ୍କୁ ଅନ୍ନପ୍ରସାଦ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ଭୁବନେଶ୍ୱର ସାଇ ଜିଲ୍ଲା ଅନ୍ତର୍ଗତ ସମସ୍ତ ୬ଟି ସମିତିରେ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇ ସମସ୍ତ ଭଜନ ମଣ୍ଡଳୀ ଓ ପୋଷ୍ୟ ଗ୍ରାମଗୁଡ଼ିକରେ ସାଇବାବାଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସାନ୍ଧ୍ୟ କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ ଓ ବେଦ ପାଠ କରାଯାଇ ଭଜନ, ସତ୍ସଙ୍ଗ, ଭଗବାନ୍ଙ୍କ ଦିବ୍ୟ ସମ୍ଭାଷଣର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ମଙ୍ଗଳ ଆଳତି ଏବଂ ଦିବ୍ୟ ଦର୍ଶନ ସହିତ ଜନ୍ମଦିନ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ପ୍ରେମିକାର ତଣ୍ଟି କାଟିଲା ପ୍ରେମିକ

**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ଦୁହେଁ ପରସ୍ପରକୁ ଭଲପାଉଥିଲେ। ବିବାହ ନ କରି ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ଏକାଠି ରହୁଥିଲେ। ହେଲେ ଦୁହିଁଙ୍କ ମଧ୍ୟରେ ପ୍ରବେଶ କରିଥିଲା ତୃତୀୟ ପୁରୁଷ। ପ୍ରେମିକା ସହ ଅନ୍ୟ ଜଣେ ଯୁବକଙ୍କ ମଧ୍ୟରେ ଗଢ଼ି ଉଠିଥିଲା ଅନୈତିକ ସମ୍ପର୍କ। ଏହି ଘଟଣାକୁ ନେଇ ପ୍ରେମିକାର ତଣ୍ଟି କାଟି ଦେଇଛି ପ୍ରେମିକ। ଚନ୍ଦ୍ରଶେଖରପୁର ଥାନାରେ ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତ ପ୍ରେମିକ ଟିଙ୍କୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆହତ ପ୍ରେମିକାକୁ ଏକ ଘରୋଇ ହସ୍ପିଟାଲ୍ରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ ଏହି ପ୍ରେମୀଯୁଗଳଙ୍କ ଘର ହେଉଛି ଉତ୍ତରପ୍ରଦେଶର ଦାର୍ଜିଲିଂରେ। ଦୁହେଁ ନିଜ ରାଜ୍ୟରେ ମଧ୍ୟ ଛୋଟମୋଟ ବ୍ୟବସାୟ କରି ଏକାଠି ରହିଆସୁଥିଲେ। ସେଠାରେ ପ୍ରେମିକା ଅନ୍ୟ ଜଣେ ଯୁବକଙ୍କ ସହ ଅନୈତିକ ସମ୍ପର୍କରେ ରହିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଦୁହେଁ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଆସି ସେଠାରେ ଘରଭଡ଼ା ନେଇ ଏକତ୍ର ରହୁଥିଲେ। ପ୍ରେମିକ ଟିଙ୍କୁ ଚନ୍ଦ୍ରଶେଖରପୁର ସ୍ଥିତ ବୁଦ୍ଧପାର୍କଠାରେ ଏକ ମୋମୋ ଦୋକାନ ଖୋଲି ନିଜର ବ୍ୟବସାୟ ଚଳାଇଆସୁଥିଲେ। ଏହା ମଧ୍ୟରେ ଟିଙ୍କୁଙ୍କ ପ୍ରେମିକାଙ୍କ ସହ ଘର ମାଲିକଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ଏ କଥା ଟିଙ୍କୁ ଜାଣିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମାତ୍ର ପ୍ରେମିକା ଅନୈତିକ ସମ୍ପର୍କରୁ ଦୂରେଇ ନ ରହିବାରୁ ଆଜି ଏହାର ଭୟାବହ ରୂପ ଦେଖିବାକୁ ମିଳିଥିଲା। ବୁଦ୍ଧପାର୍କଠାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଚାଲିଥିବାବେଳେ ଉତ୍କ୍ଷିପ୍ତ ହୋଇ ପ୍ରେମିକ ଟିଙ୍କୁ ଏକ ଧାରୁଆ ଛୁରୀରେ ନିଜ ପ୍ରେମିକାର ଗଳା କାଟି ଦେଇଥିଲା। ସ୍ଥାନୀୟ ଲୋକେ ଏହା ଦେଖିବାକୁ ପାଇ ଚନ୍ଦ୍ରଶେଖରପୁର ଥାନାକୁ ଜଣାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଟିଙ୍କୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାର ତଦନ୍ତ ଜାରି ରହିଛି।

# ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ବୈଠକ



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ପଟିଆ ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ବୈଠକ ଗାଡ଼କଣ ସ୍ଥିତ ଶିଶୁ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ବିଶ୍ୱନାଥ ଶତପଥି ଯୋଗଦେଇ ମାନବିକତା, କର୍ମ ଉପରେ ଜୀବନର କାର୍ଯ୍ୟକାରିତା, ସୁଫଳତାର ନମୁନା ସହ ସମାଜରେ ଅଙ୍ଗେଲିଭା ଘଟଣାର ତାତ୍ପର୍ଯ୍ୟ ଉପରେ ବର୍ଣ୍ଣନା କରିଥିଲେ। ସଂଘର ବାର୍ଷିକ ଆସର(ବଣଭୋଜି) ଆସନ୍ତା ୨୪ ତାରିଖରେ ହେବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ସଂଘର ପରବର୍ତ୍ତୀ ପରିଚାଳନା ପରିଷଦ ଦାୟିତ୍ୱ ପାଇଁ ଅନୁଷ୍ଠିତ ନିର୍ବାଚନରେ ବିଜୟ ଦାଶ ସଭାପତି, ଡଃ ହେମନ୍ତ କୁମାର ଦାସ ଉପସଭାପତି, ତାରାଚାନ୍ଦ ମହାନ୍ତ ସମ୍ପାଦକ, ସନ୍ତୋଷ ଚନ୍ଦ୍ର ପଣ୍ଡା ଯୁଗ୍ମ ସମ୍ପାଦକ, ବିଶ୍ୱନାଥ ଶତପଥୀ ସହ ସମ୍ପାଦକ, କୈଳାସ ନାଥ ଦାସ କୋଷାଧ୍ୟକ୍ଷ, କାର୍ଯ୍ୟ ନିର୍ବାହୀ ସଦସ୍ୟ ରୂପେ ଜ୍ୟୋତ୍ସ୍ନା ମହାପାତ୍ର, ଦଶରଥ ନାୟକ, ଶଶିକାନ୍ତ ଜେନା, ନାରାୟଣ ଚନ୍ଦ୍ର ଦଳାଇ ଏବଂ ନିରଞ୍ଜନ ନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଡଃ ଆଦିତ୍ୟ କୁମାର ମହାନ୍ତି ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ସନ୍ତୋଷ ଚନ୍ଦ୍ର ପଣ୍ଡା ଧନ୍ୟବାଦ୍ ଦେଇଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

# ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ




**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତଭାବେ କରାଯିବା ନିମନ୍ତେ ମୁଖ୍ୟ ଶାସନ ସଚିବଆବଶ୍ୟକ ନିର୍ଦ୍ଦେଶ ଓପରାମର୍ଶ ଦେଇଛନ୍ତି।

ବୈଠକରେ ରାଜ୍ୟ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବଙ୍କ ସମେତ ଭାରତୀୟ ଖାଦ୍ୟ ନିଗମର ପରିଚାଳକ ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଆଭାସି ମାଧ୍ୟମରେ ଉପସ୍ଥିତ ଥିଲେ। ବୈଠକରୁ ଜଣାଯାଇଛି ଯେ ୨୦୨୪-୨୫ ଖରିଫ୍ ମାର୍କେଟିଂ ଋତୁରେ ୭୩ ଲକ୍ଷ ୪୫ ହଜାର ୭୦୭ ମେଟ୍ରିକ୍ ଟନ୍ ଖରିଫ ଧାନ ଏବଂ ରବିରେ ୧୯ ଲକ୍ଷ ୧୮ ହଜାର ୫୨୮ ମେଟ୍ରିକ୍ ଟନ୍ ଧାନସଂଗୃହିତ ହୋଇଥିଲା। ସେହି ଅନୁପାତରେ ଯେତେ ପରିମାଣର ଚାଉଳ ସଂଗ୍ରହ ହେବା କଥା, ସେଥିରୁ ୭୨ ପ୍ରତିଶତ ସଂଗ୍ରହ ହୋଇଛି ଓ ଏହି ପ୍ରକ୍ରିୟା ଜାରି ରହିଛି। ଗତ ୨୦୨୩ - ୨୪ ବର୍ଷରେ ୮୫ ପ୍ରତିଶତ ଚାଉଳ ସଂଗ୍ରହ ହୋଇଥିଲା। ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଏହି ସଂଖ୍ୟା ୧୭.୫୦ ଲକ୍ଷ ଥିଲା। ଏ ବର୍ଷ ୯୩ ଲକ୍ଷ ମେଟ୍ରିକ୍ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଗତ ଖରିଫ୍ ଋତୁରେ ଧାନ କ୍ରୟ ବାବଦକୁ୯୮ପ୍ରତିଶତ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ଅର୍ଥ ସିଧାସଳଖ ପ୍ରଦାନ କରାଯାଇଛି। ଖରିଫ୍ ମାର୍କେଟିଂ ଋତୁ ପାଇଁ ଖାଦ୍ୟ ଓ କ୍ରୟ ନୀତି ୨୦୨୫-୨୬ ଗତ ଅକ୍ଟୋବରରେ କ୍ୟାବିନେଟ୍ ବୈଠକରେ ଅନୁମୋଦନ ଲାଭ କରିଥିଲା। ଖରିଫ୍ ଧାନ କ୍ରୟ ସମୟ ୨୦୨୫ ନଭେମ୍ବର ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଛି। କ୍ଷୁଦ୍ର, ଛୋଟ ଚାଷୀ, ପ୍ରକୃତ ଚାଷୀ, ଭାଗଚାଷୀମାନଙ୍କଠାରୁ ଧାନ କ୍ରୟ ପାଇଁ ବିଶେଷ ଗୁରୁତ୍ୱ ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାନ କ୍ରୟ ପ୍ରକ୍ରିୟାର ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଅର୍ଥ ପ୍ରେରଣ ବ୍ୟବସ୍ଥା ରହିଛି। ଧାନ ସଂଗ୍ରହ ପରିଚାଳନା ସମ୍ପର୍କିତ ମାର୍ଗଦର୍ଶିକା ସମସ୍ତ ଜିଲ୍ଲାପାଳମାନଙ୍କ ନିକଟକୁ ପଠାଯାଇସାରିଛି।

୨୦୨୪-୨୫ ଖରିଫ୍ ମାର୍କେଟିଂ ଋତୁ ଏବଂ ପୂର୍ବରୁ ରାଜ୍ୟ ସରକାରଙ୍କ ସଂସ୍ଥା ସହିତ କଷ୍ଟମ ମିଲଚାଉଳ ଡେଲିଭରି ସମ୍ପର୍କିତ ବକେୟା ନଥିବା ଏଜେନ୍ସିମାନେ (କେବଳ ରବି ଋତୁ ୨୦୨୪-୨୫ ବ୍ୟତୀତ) ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଧାନ ଚାଷ ହୋଇଥିବା ସମ୍ପର୍କିତ ଶତ ପ୍ରତିଶତ ସାଟେଲାଇଟ୍ ଯାଞ୍ଚ ସମସ୍ତ ଜିଲ୍ଲାରେ କରାଯାଇଛି। ଆଧାରଭିତ୍ତିକ ପ୍ରମାଣ ଜରିଆରେ ଚାଷୀମାନଙ୍କର ଧାନ ସଂଗ୍ରହ ନେଇ ପ୍ରମାଣିତ(ଅଥେଣ୍ଟିକେସନ୍) କରାଯିବ। ଚାଷୀ ପଞ୍ଜୀକରଣ ପାଇଁ ଇ-କେୱାଇସି ବାଧ୍ୟତାମୂଳକ ରହିଛି। ଧାନର ମାନ ଭାରତ ସରକାରଙ୍କ ନିର୍ଦ୍ଧାରିତ ଗୁଣାତ୍ମକ ମାନ ହିସାବରେ ରହିବା ଆବଶ୍ୟକ। ସାଧାରଣ ପ୍ରକାର ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଇନପୁଟ୍ ସହାୟତା ମିଶାଇ ୩୧୦୦ ଟଙ୍କା ରହିଛି। ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ନିର୍ଦ୍ଦିଷ୍ଟ କେଉଁ ତାରିଖରୁ ଆରମ୍ଭ ହେବ, ତାହା ଅମଳ ସ୍ଥିତିକୁ ଦେଖି ଜିଲ୍ଲାସ୍ତରୀର ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଚାଷୀମାନଙ୍କ ଅଭିଯୋଗ ବା ଅନୁସନ୍ଧାନ ପାଇଁ ଓଡ଼ିଶା ଖାଦ୍ୟ ଯୋଗାଣ ନିଗମ ତରଫରୁ ଦେୟମୁକ୍ତ ନମ୍ବର ୧୯୬୭ କାର୍ଯ୍ୟକ୍ଷମ ରହିଛି। ଧାନ କ୍ରୟ ସମୟରେ ଦୁଇଟି ପାଳିରେ ୩୦ ଟି କଲ ସେଣ୍ଟର ଏକ୍ଜିକ୍ୟୁଟିଭ୍ମାନେ ଓଡ଼ିଶା ଯୋଗାଣ ନିଗମ ମୁଖ୍ୟାଳୟରେ ପରିଚାଳନା କାର୍ଯ୍ୟ କରିବେ। ଧାନ କ୍ରୟ ସମ୍ପର୍କିତ ସୂଚନା ଓ ପ୍ରଚାର ପ୍ରସାର ସମ୍ପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମଣ୍ଡି ପରିଚାଳନା ପାଇଁ ବିଭିନ୍ନ ଜିଲ୍ଲାରେ ମଣ୍ଡି ନୋଡାଲ ଅଧିକାରୀ, ମଣ୍ଡି ସୁପରଭାଇଜର୍ ଏବଂ ମାଷ୍ଟର ଟ୍ରେନରମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯାଇଛି ଓ ଏହି ପ୍ରକ୍ରିୟା ଜାରି ରହିଛି। ରାଜ୍ୟରେ ୩୧୩୪ଟି ସେବା ସମବାୟ ସମିତି ଓ ଲ୍ୟାମ୍ପସ୍ ଆଦି ଧାନ ସଂଗ୍ରହରେ ସାମିଲ ହେବେ। ୧୪୧୯ କଷ୍ଟମ ମିଲର ଧାନ ସଂଗ୍ରହ କରିବେ। ମୋଟ ୪୦୮୮ ଟି ମଣ୍ଡି ଏବଂ ଏଫସିଆଇ ଏବଂ ଯୋଗାଣ ନିଗମର ୧୬୩ଟି ଗୋଦାମ ଘର ଥିବା ବେଲେସେସବୁର ନିଜସ୍ୱ ଓ ଭଡ଼ା ସୂତ୍ରରେ ମିଶାଇ ମୋଟ ୬.୬୮ ଲକ୍ଷ ମେଟ୍ରିକ୍ ଟନ୍ ଭଣ୍ଡାରଣ କ୍ଷମତା ରହିଛି। ସମସ୍ତ ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ସରିଛି। ଶୀଘ୍ର ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ୨୫ ନଭେମ୍ବର ସୁଦ୍ଧା ଏବଂ ବିଳମ୍ବରେ ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ନଭେମ୍ବର ୩୦ ତାରିଖ ସୁଦ୍ଧା କୃଷକଙ୍କ ଜମି ଅନୁସାରେ ଆବଶ୍ୟକ ପ୍ରମାଣୀକୃତ ବ୍ୟବସ୍ଥା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଧାନ ପରୀକ୍ଷଣ ଯନ୍ତ୍ର ଓ ଏହାର କାର୍ଯ୍ୟକ୍ଷମ ସମ୍ପର୍କିତ ଯାଞ୍ଚ ଯଥେଷ୍ଟ ପୂର୍ବରୁ କରାଯିବ। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଚାଷୀ ପଞ୍ଜୀକରଣ, ରାଜ୍ୟରେ କେତେ ଜମିରେ ଧାନ ଚାଷ କରାଯାଇଛି, ତାହାକୁ ଡିଜିଟାଲ ସର୍ବେକ୍ଷଣ ସହିତ ସମନ୍ୱିତ କରି ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରକୃତ ଚାଷୀ ଯେପରି ଧାନ ବିକ୍ରୟ କରି ତାର ପ୍ରାପ୍ୟ ଠିକ୍ ସମୟରେ ପାଏ, ସେଥିପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ବିଭିନ୍ନ ଜିଲ୍ଲାରେ ଧାନ ଅମଳକୁ ଦୃଷ୍ଟିରେ ରଖି ଧାନ୍ ସଂଗ୍ରହ ବ୍ୟବସ୍ଥା ବା ମଣ୍ଡି ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରକ୍ରିୟା ବିଳମ୍ବ ହେବା ଯୋଗୁଁ ଚାଷୀମାନେ ଯେପରି ଅଭାବୀ ବିକ୍ରିର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେଇ ମଣ୍ଡି ଠିକ୍ ସମୟରେ ଖୋଲିବା ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନଙ୍କଠାରୁ ସହଜ ଓ ସୁବିଧାରେ ଧାନ ସଂଗ୍ରହ ପାଇଁ ସମବାୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ପାଟିଲ ତଥ୍ୟ ଉପସ୍ଥାପନ କରିଥିଲେ।

# 'ଦିଲ୍ ମୋର ଧୁକୁର ଧୁକୁର୍' ମ୍ୟୁଜିକ୍ ଭିଡିଓ ରିଲିଜ୍



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ଅଲିଭା ଏଣ୍ଟରଟେନ୍ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ସମ୍ବଲପୁରୀ ମିକ୍ସ ମ୍ୟୁଜିକ ଭିଡିଓ ଦିଲ୍ ମୋର ଧୁକୁର ଧୁକୁର ଗଜପତି ନଗର ସ୍ଥିତ ଗାର୍ଡେନ ଭିୟୁଠାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ରିଲିଜ୍ ହୋଇଛି। ଯୁବ ନିର୍ଦ୍ଦେଶକ ପପୁ ରାଉତ ମ୍ୟୁଜିକ ଭିଡିଓରେ ନିର୍ଦ୍ଦେଶନା ଦେଇଛନ୍ତି। ଭିଡିଓ ଡିଓପିରେ ଦେବବ୍ରତ ନାଥ ଥିଲାବେଳେ ପ୍ରଫୁଲ୍ଲ କୁମାର କୋରିଓଗ୍ରାଫି କରିଛନ୍ତି। ମ୍ୟୁଜିକ୍ରେ ବ୍ରହ୍ମା କୁମ୍ଭାର, ଲିରିକ୍ରେ ଶରତ ବୁଦେକ ରହିଥିଲାବେଳେ କଣ୍ଠଦାନ କରିଛନ୍ତି ରୁକୁସୁନା ଓ ଅନ୍ତରା ଚକ୍ରବର୍ତ୍ତୀ। ଏଥିରେ ନଜର ଆସିବେ ଯୁବ ଅଭିନେତା ସନ୍ତୋଷ ଓ ଅଭିନେତ୍ରୀ ଚିନ୍ମୟୀ। ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଫିଲ୍ମ ନିର୍ଦ୍ଦେଶକ ନିରଞ୍ଜନ ବାରିକ, ଅଭିନେତା ବାବୁରାଜାଙ୍କ ସମେତ ବହୁ ଷ୍ଟାର୍ କାଷ୍ଟ ଓ ଅଲିଭା ଏଣ୍ଟରଟେନ୍ମେଣ୍ଟର ସମସ୍ତ କ୍ରିୟୁ ମେମ୍ବର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମସ୍ତେ ମହମବତୀ ଜାଳି ନିରବ ପ୍ରାର୍ଥନା କରି ଅମର ଆତ୍ମାର ସଦ୍ଗତି କାମନା କରିଥିଲେ।

# ୧୭ ବର୍ଷରୁ କମ୍ ଦୁଇଦିନିଆ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ଗାଡ଼କଣ ଗ୍ରାମ ସମିତି ଏବଂ ଗ୍ରୀନ୍ସ କ୍ରିକେଟ ଏକାଡ଼େମିର ମିଳିତ ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ ଦୁଇଦିନିଆ କ୍ରିକେଟ୍ ମ୍ୟାଚ୍ ସ୍ଥାନୀୟ ଗାଡ଼କଣ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଏବଂ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଛି।

ଟସ୍ ଜିତି ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନ ପ୍ରଗତି ସ୍ପୋର୍ଟିଂ କୁଳଦୀପ ଯାଦବଙ୍କ ୯୨ ରନ୍, ଆୟୁଷ ଅଭିଷେକଙ୍କ ୪୩ ରନ୍, ଯଶବନ୍ତ ପ୍ରଧାନଙ୍କ ୪୨ ରନ୍ ସହାୟତାରେ ପ୍ରଥମ ୱିକେଟ୍ରେ ୨୬୨ ରନ୍ କରିଥିଲା। ଗ୍ରୀନ୍ସ ପକ୍ଷରୁ ଦେବୀ ପ୍ରସାଦ ରାଉତ ୩, ଜେମ୍ସ ଲିମା ୨, ଓମ୍ ପ୍ରକାଶ ବେହେରା ୨, ଓମ୍ ପ୍ରକାଶ ସାହୁ ଏବଂ ଜଗନ୍ନାଥ ବେହେରା ୧-୧ ୱିକେଟ୍ ହାସଲ କରିଥିଲେ। ଜବାବରେ ଗ୍ରୀନ୍ସ ଏକାଡେମୀ ପ୍ରଥମ ଇନିଂସ୍ରେ ୨୧୯ ରନ୍ କରି ଅଲ୍ଆଉଟ୍ ହୋଇଥିଲା। ଆକିବ୍ ଏହେମଦ ୧୬୧ ବଲ୍ରେ ୭୩, ଦିପ୍ତାଂଶୁ ଦାସ ୫୩ ବଲ୍ରେ ୩୨, ସାଇ ସାଶ୍ୱତ ଖୁଣ୍ଟିଆ ୩୦ ରନ୍ କରିଥିଲେ। ପ୍ରଥମ ଇନିଂସରେ ୪୩ ରନ୍ରେ ଅଗ୍ରଣୀ ଥିବା ପ୍ରଗତି ସ୍ପୋର୍ଟିଂ ଦ୍ୱିତୀୟ ଇନିଂସରେ ୨ ୱିକେଟ୍ ହରାଇ ୧୨୪ ରନ୍ କରିଥିଲା। ଅଧିନାୟକ ଅସିମ ବରାଡ଼ ୬୯, ନମନ ଶତପଥି ୨୧ ରନ୍ କରିଥିଲେ। ୧୩ ଓଭରରେ ୨୪ ରନ୍ ଦେଇ ୫ ୱିକେଟ ଦଖଲ କରିଥିବା ପ୍ରଗତି ସ୍ପୋର୍ଟିଂର ଅଧିନାୟକ ଅସିମ ବରାଡ଼କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଗ୍ରୀନ୍ସର ଦେବୀ ପ୍ରସାଦ ରାଉତକୁ ବେଷ୍ଟ ବୋଲର୍ ଏବଂ କୁଳଦୀପ ଯାଦବଙ୍କୁ ବେଷ୍ଟ ବ୍ୟାଟର ଭାବେ ପୁରସ୍କୃତ କରାଯାଇଥିଲା। ଓସିଏ ଅମ୍ପାୟାର ସନ୍ଦୀପ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍ଯାପନୀ ଉତ୍ସବରେ ଗାଡ଼କଣ ଗ୍ରାମ ସମିତି ସଭାପତି ପ୍ରସନ୍ନ ପାତ୍ର, ଗାଡ଼କଣ ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି ସରୋଜ କୁମାର ଜେନା, ଗ୍ରୀନ୍ସ କ୍ରିକେଟ୍ ଏକାଡେମୀର ଉପସଭାପତି ଅଶୋକ ଜେନା, ଗ୍ରୀନ୍ସ ଏକାଡ଼େମୀର ସଭ୍ୟ ମନୋଜ ସାହୁ, ପୂର୍ବତନ ରାଜ୍ୟ ଖେଳାଳି ସଞ୍ଜୟ ଶତପଥି ଏବଂ ସ୍କୋରର୍ ଅଭିଷେକ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

## ସିଲଂ ନେହୁରେ ଅନ୍ତର୍ଜାତୀୟ ସମ୍ମିଳନୀ

# ଉତ୍କର୍ଷ ହାସଲ କଲେ ଆଇଆଇଏମ୍‌ଟି ଛାତ୍ରଛାତ୍ରୀ




**ଚନ୍ଦ୍ରଶେଖରପୁର,୨୩।୧୧/ଏନ୍ଏନ୍ଏସ୍:** ସିଲଂ ଉତ୍ତର-ପୂର୍ବାଞ୍ଚଳ ହିଲ୍ ବିଶ୍ୱବିଦ୍ୟାଳୟ (ନେହୁ)ରେ ଅନୁଷ୍ଠିତ ଦୁଇଦିନିଆ ଅନ୍ତର୍ଜାତୀୟ ବିପର୍ଯ୍ୟସ୍ତ ମାନବ ସମ୍ବଳ ପରିଚାଳନା: ସମନ୍ୱିତ କୃତ୍ରିମ ବୁଦ୍ଧିମତ୍ତା (ଡିଏଚ୍ଆରଏମ-୨୦୨୫) ସମ୍ମିଳନୀରେ ଭୁବନେଶ୍ୱର ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମଟି)ର ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ଉତ୍କର୍ଷତା ଏବଂ ନବସୃଜନଶୀଳ ମନୋଭାବକୁ ବିଶିଷ୍ଟ ସ୍ୱୀକୃତି ମିଳିଛି। ଛାତ୍ର ଲମ୍ବୋଦର ଜେନା (ଏମସିଏ) ଏବଂ ଛାତ୍ରୀ କିରଣ ମହାନ୍ତି (ଏମବିଏ) 'ଜୋହୋ ୱାର୍କ ପ୍ଲେସ୍ ସୁଟ୍: ବିପର୍ଯ୍ୟସ୍ତ ମାନବ ସମ୍ବଳ ପରିଚାଳନା' ଶୀର୍ଷକ ଏକ ସୁଗବେଷିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସେମାନଙ୍କର ପତ୍ର ବିଶିଷ୍ଟ ଭାରତୀୟ ପ୍ରଯୁକ୍ତିବିଦ୍ୟା ନେତା, ଜୋହୋ କର୍ପୋରେସନର ସହ-ପ୍ରତିଷ୍ଠାତା ଏବଂ ମୁଖ୍ୟ ବୈଜ୍ଞାନିକ ଶ୍ରୀଧର ଭେମ୍ବୁଙ୍କ ଦ୍ୱାରା ଆଧୁନିକ ଏଚ୍ଆର୍ ପରିଚାଳନା ପଦ୍ଧତିକୁ ପୁନଃଆକୃତି ଭୂମିକା ଉପରେ ଦର୍ଶାଇଥିଲା। ସେମାନଙ୍କର ବିଶ୍ଳେଷଣାତ୍ମକ ଅନ୍ତର୍ଦୃଷ୍ଟି ଏବଂ ବିସ୍ତୃତ ଉପସ୍ଥାପନାକୁ ନେହୁର ଡିନ୍ ପ୍ରଫେସର ବି. ପି. ସାହୁ, ଡିଏସଇ, ନେହୁର ମୁଖ୍ୟ ଡକ୍ଟର ୱାଣ୍ଡା ମାଇଲିଏମ୍ ଗ୍ୟାପ୍, ଅନ୍ତର୍ଜାତୀୟ ସମ୍ମିଳନୀର ଅନ୍ୟାନ୍ୟ ବିଶିଷ୍ଟ ବକ୍ତା ଏବଂ ପ୍ରତିନିଧିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସା କରାଯାଇଥିଲା। ସମୀକ୍ଷକମାନେ ଛାତ୍ରଛାତ୍ରୀମାନଙ୍କର ଚିନ୍ତାଧାରାର ସ୍ୱଷ୍ଟତା, ବିଶ୍ଳେଷଣର ଗଭୀରତା ଏବଂ ଉଦୀୟମାନ ଏଚ୍ଆର୍ ସହ କୃତ୍ରିମ ବୁଦ୍ଧିମତ୍ତା ସଂଯୋଗ କରିବାର କ୍ଷମତା ପାଇଁ ପ୍ରଶଂସା କରିଥିଲେ। ନେହୁ ସିଲଂ ଯୁବ ପ୍ରତିଭାକୁ ପୋଷଣ କରିବା ଏବଂ ସେମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ମଞ୍ଚରେ ଅଂଶଗ୍ରହଣ ଏବଂ ଉତ୍କର୍ଷତା ହାସଲ କରିବାରେ ସୁଯୋଗ ପ୍ରଦାନ କରିବା ପାଇଁ ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର, ଆଇଆଇଏମଟି ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ଏବଂ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ବିଭୁ ପ୍ରସାଦ ରାଉତରାୟଙ୍କୁ ବିଶେଷ ପ୍ରଶଂସା କରିଥିଲେ। ଡିଏଚ୍ଆର୍ଏମ୍-୨୦୨୫ରେ ଏହି ମାନ୍ୟତା ଆଇଆଇଏମ୍ଟି ଭୁବନେଶ୍ୱର ପାଇଁ ଏକ ଗର୍ବର ମୁହୂର୍ତ୍ତ, ଏହାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗବେଷଣା, ନବସୃଜନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।

# 'ବରିଷ୍ଠ ନାଗରିକ ଆମ ଦେଶର ଶ୍ରେଷ୍ଠ ସମ୍ପଦ'



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚର ରୌପ୍ୟଜୟନ୍ତୀ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁଷ୍ଠାନର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଆମ ଓଡ଼ିଶାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ବରିଷ୍ଠ ନାଗରିକମାନେ ଆମ ଦେଶର ଶ୍ରେଷ୍ଠ ସମ୍ପଦ ବୋଲି କହିଥିଲେ। ଅତିଥି ଭାବେ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରତିଷ୍ଠାତା ଶଙ୍କରାନନ୍ଦ ଗିରି ମହାରାଜା, ଭୁବନେଶ୍ୱର ମହାନଗର ନିଗମର ମେୟର୍ ସୁଲୋଚନା ଦାସ, ପୁଲିସ କମିସନର୍ ଡ. ସୁରେଶ ଦେବଦତ୍ତ ସିଂହ, ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ କୁମାର ରାଉତ, ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାୟ ଓ ବରିଷ୍ଠ ନାଗରିକ ମହାସଂଘର ସଭାପତି ଡା. ପ୍ରସନ୍ନକୁମାର ଦାସ ପ୍ରମୁଖ ଯୋଗଦେଇ ନିଜ ନିଜ କ୍ଷେତ୍ରରେ ବରିଷ୍ଠ ନାଗରିକମାନଙ୍କ ପାଇଁ କାମ କରୁଛନ୍ତି ଓ ଆହୁରି ଅଧିକ କରିବେ ବୋଲି କହିଥିଲେ। ଏହି ଅବସରରେ ପଦ୍ମଶ୍ରୀ ପ୍ରଫେସର୍ ପ୍ରିୟମ୍ବଦା ହେଜମାଦୀ ଓ କୃପାସିନ୍ଧୁ ସାହୁଙ୍କୁ ବରିଷ୍ଠ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ରଜତ ଜୟନ୍ତୀର ସ୍ମରଣିକା ଉନ୍ମୋଚନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ଉପ-ସଭାପତି ଇଂ. ସୁରେଶ ଚନ୍ଦ୍ର କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ମଞ୍ଚ ପରିଚାଳନା କରିଥିଲେ। ଶଶିଭୂଷଣ ଦାସ, ପ୍ରଶାନ୍ତ ମହାପାତ୍ର ଓ ସୁପ୍ରଭା ବିଶ୍ୱାଳ ପ୍ରାରମ୍ଭିକ ସଙ୍ଗୀତ ଭାବେ 'ବନ୍ଦେ ଉତ୍କଳ ଜନନୀ ଗାନ'କରିଥିଲେ। ସମ୍ପାଦକ ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା




**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ଭୁବନେଶ୍ୱର ସ୍ଥିତ ଜିଲ୍ଲା ଦୌରାଜଜ୍ଙ୍କ ଅଦାଲତ ପରିସରରେ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ରାଜ୍ୟ ଆଇନ୍ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ସମ୍ପ୍ରତି ଶିଶୁ ଦିବସ-୨୦୨୫ ପାଳନ ପରିପ୍ରେକ୍ଷୀରେ ଏହା ଅନୁଷ୍ଠିତ ହୋଇଛି। ସେହିପରି ଏହି ପ୍ରତିଯୋଗିତା ଜିଲ୍ଲାର ଅନ୍ୟ ବିଚାର ବିଭାଗୀୟ ଅଦାଲତ ପରିସର ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ବେଗୁନିଆଠାରେ ମଧ୍ୟ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତାକୁ ଉଦ୍ଘାପନ କରିଥିଲେ। ଅନ୍ୟତମ ବିଚାରପତି ଅତିରିକ୍ତ ଜିଲ୍ଲାଜଜ୍ ହିମାଂଶୁ ଶେଖର ମଲ୍ଲିକ, ସବ୍ଜଜ୍ ବେଦପ୍ରକାଶ, ରେଜିଷ୍ଟ୍ରାର ସବ୍ୟସାଚୀ ପ୍ରଧାନ, ବରିଷ୍ଠ ସବ୍ଜଜ୍ ଅରୂପ କୁମାର ନାୟକ, ସଚିବ ସଲୋମି ସାହୁ, ସୋମେଶ୍ ସୌମ୍ୟଜିତ ପଣ୍ଡା, ସ୍ୱଦେଶ ତ୍ରିପାଠୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, କୋର୍ଟ ମ୍ୟାନେଜର ଶଶୀକାନ୍ତ ପ୍ରଧାନ, ପ୍ରତିପକ୍ଷ ଓକିଲ ନବୀନ ମହାପାତ୍ର, ଦୀପ୍ତିମୟୀ ପଣ୍ଡା, ଓଁକାର ମିଶ୍ର, ଶଶବିନ୍ଦୁ ବେହେରା, ଦେବାଶିଷ ଦାସ, ବିଶ୍ୱଜିତା ଦାସ, ମମତା ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ୍ ଏବଂ ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଅନୁଷ୍ଠାନର ସଚିବ ସଲୋମୀ ସାହୁ ସମସ୍ତ ପଦାଧିକାରୀ, ଅଭିଭାବକବୃନ୍ଦ ଏବଂ ସର୍ବୋପରି କୋର୍ଟ କର୍ମଚାରୀ, ଆଇନସେବା ପ୍ରାଧିକରଣଙ୍କ କର୍ମକର୍ତ୍ତା ଏବଂ ଉପସ୍ଥିତ ସାଧାରଣ ଜନତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ




**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ବିଧାନସଭା ପରିସରରେ ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ବିଧାନସଭା ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

# ବିନା ବିଶ୍ରାମରେ ସରକାରୀ କାର୍ଯ୍ୟ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ତିନି ଦିନିଆ ଦିଲ୍ଲୀ ଗସ୍ତରେ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେବେ ରବିବାର ଦିଲ୍ଲୀଗସ୍ତରୁ ଫେରି କାର୍ଯ୍ୟରେ ଯୋଗଦେଇଛନ୍ତି। ବିନା ବିଶ୍ରାମରେ ଲୋକସେବା ଭବନରେ ବସି କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ଦୁଇଟି କାର୍ଯ୍ୟକ୍ରମ ଏବଂ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ରାତିରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ। ଶନିବାର ଦିଲ୍ଲୀରେ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗଦେବା ସହିତ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ମଧ୍ୟ କରିଥିଲେ। ରବିବାର ସକାଳ ୭ଟା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିଆସିଥିଲେ। ଭୁବନେଶ୍ୱର ବିମାନବନ୍ଦରରୁ ଓହ୍ଲାଇ ସିଧାସଳଖ ଲୋକସେବା ଭବନକୁ ଆସି ସରକାରୀ କାର୍ଯ୍ୟ କରିଥିଲେ। ରବିବାର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର କେନ୍ଦୁଝର ଜିଲ୍ଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରହିଥିଲା। ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଦୈନନ୍ଦିନ କାର୍ଯ୍ୟର ଏକ ଛବି। ଓଡ଼ିଶା ବାସୀଙ୍କ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ବଦ୍ଧ। ସେଥିଲାଗି ଦିନ ରାତି ଏକ କରି କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

### ଝାରସୁଗୁଡ଼ା ଓ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

# ବିହାରରେ ଏନ୍‌ଡିଏର ବିଜୟ 'ଜନତାଙ୍କ ଶକ୍ତିର ବିଜୟ': ଧର୍ମେନ୍ଦ୍ର



**ଝାରସୁଗୁଡ଼ା,ସମ୍ବଲପୁର,୨୩।୧୧/ଏନ୍ଏନ୍ଏସ୍:** ବିହାର ନିର୍ବାଚନରେ ଏନଡିଏର ବିଜୟକୁ 'ଜନତାଙ୍କ ଶକ୍ତିର ବିଜୟ' ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିହାର ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭୂମିକା ଗ୍ରହଣ କରି ଦଳ ପାଇଁ ବିଜୟର ପଥ ପରିଷ୍କାର କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଆଜି ଝାରସୁଗୁଡ଼ା ଓ ସମ୍ବଲପୁର ଗସ୍ତ ସମୟରେ ବିପୁଳ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ଅବସରରେ ସେ ଏହା କହିଛନ୍ତି। ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ତାଙ୍କୁ ଉଷ୍ମ ସ୍ୱାଗତ ଜଣାଇଥିଲେ।କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଉଭୟ ସହରରେ ଶତାଧିକ କାର୍ଯ୍ୟକର୍ତ୍ତା, ସମର୍ଥକ ଏବଂ ଶୁଭେଚ୍ଛୁମାନେ ଭିଡ଼ ଜମାଇଥିଲେ। ବିଭିନ୍ନ ସ୍ଥାନରେ ପାରମ୍ପରିକ ସମ୍ବଲପୁରୀ ବାଦ୍ୟ 'ଡାଲଖାଇ' ଓ ସଙ୍ଗୀତର ତାଳେ ତାଳେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା।ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଜନଶକ୍ତି ବିଜେପିକୁ ବିକାଶର ନୂଆ ଆଶା ଓ ଭରସା ଦେଇଛି। ଅନେକ ବର୍ଷ ଧରି ବିହାରରେ ବିଜେପି ଓ ଏନ୍‌ଡିଏର ଶାସନ ଏକ ସେବା ଭାବରେ ଚାଲିଆସିଛି। ବିଗତ ସାଢ଼େ ଏଗାର ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କ ନେତୃତ୍ୱରେ ହିଁ ଏହି ବିକାଶର ଧାରା ସମ୍ଭବ ହୋଇଛି। ସେ କଂଗ୍ରେସ ପାର୍ଟିର ସମାଲୋଚନା କରି କହିଥିଲେ ଯେ କଂଗ୍ରେସ ବାରମ୍ବାର ପରାଜିତ ହେବା ପରେ 'ଭୋଟ ଚୋରି' ଭଳି ଅପପ୍ରଚାର କରୁଥିଲା। ମାତ୍ର ବିହାରର ଜନତା ଏଥର ଉଚିତ୍ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କଲେ। ଯେଉଁମାନେ ଦେଶକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ଏବଂ ବାଂଲାଦେଶୀଙ୍କୁ ଦେଶରେ ଅଗ୍ରାଧିକାର ଦେବା ଭଳି କଥା କହୁଥିଲେ, ଏଥର ନିର୍ବାଚନରେ ବିହାରର ଲୋକମାନେ ସେମାନଙ୍କୁ ଉପଯୁକ୍ତ ଉତ୍ତର ଦେଇଛନ୍ତି। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଜି ସକାଳେ ଖିଣ୍ଡା ଠାରେ ମାଟିର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ସେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଓ ଠେଲକୋଲୋଇ ସ୍ଥିତ ମା' ତାରିଣୀ ମନ୍ଦିରରେ ମଧ୍ୟ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

# 'ବିଜେପି ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ'



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ବିଜେପି ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ ହୋଇ ପଡିଛନ୍ତି। ଦିନକୁ ଦିନ ଓଡ଼ିଶାରେ ମହିଳାମାନଙ୍କ ଉପରେ ବଢୁଥିବା ଅତ୍ୟାଚାର ଏବଂ ଦୁଷ୍କର୍ମ ପରି ଘଟଣା ସମସ୍ତଙ୍କୁ ବିଚଳିତ କରିଦେଉଛି। ତେଣୁ ସରକାର ନିଦରୁ ଉଠନ୍ତୁ ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।ରବିବାର ସାମାଜିକ ଗଣମାଧ୍ୟମ ଏକ୍ସରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଏବଂ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ। ସେହିପରି ଭଦ୍ରକ ଅରଣ୍ଡିରେ ମା'ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସ୍‌ଏଚ୍‌ଜିର ମହିଳାମାନେ ନିସ୍ଥୁକ ମାଡ଼ ମାରିବା ପରି ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ସିଡ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ। ହେଲେ ବିଜେପି ସରକାରରେ ବିକାଶ ଠପ୍ ହୋଇଛି। ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ତେଣୁ ରାଜ୍ୟ ସରକାର ସମ୍ବେଦନଶୀଳ ହୁଅନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

# କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ଆମ ସରକାର ଚେଷ୍ଟିତ: ମୁଖ୍ୟମନ୍ତ୍ରୀ

### କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ କରାଯିବ



**କେନ୍ଦୁଝର,୨୩।୧୧/ଏନ୍ଏନ୍ଏସ୍:** କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ। ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ବିଗତ ଦିନରେ ଓଡିଶା ଦ୍ୱାରା ଓଡ଼ିଶା ଇଣ୍ଡିଆନ୍ ସୁପର ଲିଗ୍, କଳିଙ୍ଗ ସୁପର କପ୍, ବିଡବ୍ଲ୍ୟୁଏଫ୍ ଓଡ଼ିଶା ମାଷ୍ଟର୍ସ (ବ୍ୟାଡମିଣ୍ଟନ୍), ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ଆଦି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ସଫଳତାର ସହିତ ଆୟୋଜନ ହୋଇଛି। ଭାରତରେ କ୍ରୀଡ଼ା ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଓଡ଼ିଶାର ମର୍ଯ୍ୟାଦା ଅଧିକ ସୁଦୃଢ଼ ହୋଇଛି। ଗୋଷ୍ଠୀସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଭାବରେ ସି.ଏମ୍ ଟ୍ରଫି ଶୁଭାରମ୍ଭ କରାଯାଇଛି। ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। କେନ୍ଦୁଝରର ରାଇକଳା ଠାରେ ଆୟୋଜିତ ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ସେ ଆହୁରି କହିଥିଲେ ଯେ ଆମ ନୂଆ ସରକାର ଆସିବା ପରେ ରାଜ୍ୟରେ ଆମେ କ୍ରୀଡ଼ାକୁ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ। ଆମ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଭଲିବଲ୍, କ୍ରିକେଟ୍, ଫୁଟବଲ୍ ଓ ଆଥଲେଟିକ୍ସ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ରହିବ। ଏହାବ୍ୟତୀତ ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଏବଂଅନ୍ୟାନ୍ୟ ଇଣ୍ଡୋର କ୍ରୀଡା ପାଇଁ ଏକ ଇଣ୍ଡୋର ହଲ୍ ରହିବ। ତୃଣମୂଳସ୍ତରରେ କ୍ରୀଡାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ ରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ 'ଅନୁରାଗ ଏଫସି, ଶୁଆକାଟୀ' ଦଳକୁ ପୁରସ୍କୃତ କରିବା ସହିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟଯେ, ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତ ୧୨ ତାରିଖ ଠାରୁ ରାଇଜିଂ ଷ୍ଟାର, ରାଇକଳା ଦ୍ୱାରା ଆୟୋଜିତ ହୋଇଥିଲା। ଏହାର ଫାଇନାଲ ମ୍ୟାଚ ଆଜି ଅନୁରାଗ ଏଫସି, ଶୁଆକାଟୀ ଏବଂ ରିଷି ଫାଇଟର, ଝୁମ୍ପୁରା ମଧ୍ୟରେ ହୋଇଥିଲା। ରନର୍ସ ଅପ ରିଷି ଫାଇଟର, ଝୁମ୍ପୁରାକୁ ୧. ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡ଼ା. ଫକୀର ମୋହନ ନାଏକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳେ ଆୟୋଜକ ରାଇଜିଂ ଷ୍ଟାର କ୍ଲବର ଚେୟାରମ୍ୟାନ ଗଣେଶ୍ୱର ମହାନ୍ତ, ସଭାପତି ଶ୍ରୀକାନ୍ତ ନାଏକ, ସାଧାରଣ ସମ୍ପାଦକ ଗୋପାଳ ବାରିକ, ଉପସଭାପତି ରାମଚନ୍ଦ୍ର ମହାନ୍ତ, ହୃଷିକେଶ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ଲୋଚନ ମହାନ୍ତ, ମହମ୍ମଦ ମଝାର ହୁସେନ ଓ ବଳଭଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# 'ଶୃଙ୍ଖଳା ଭଙ୍ଗ କରିଥିଲେ ମୁଁ ନିଜର ସମୀକ୍ଷା କରିବି'



**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** କଂଗ୍ରେସରେ ବିଭୀଷଣ ମନ୍ତବ୍ୟକୁ ନେଇ ବିବାଦ ତେଜିବା ପରେ ସଫେଇ ରଖିଛନ୍ତି ପିସିସି ସଭାପତି ଭକ୍ତ ଦାସ। ସେ କହିଛନ୍ତି ଯେ ଗଣମାଧ୍ୟମରେ ଯାହା ଚର୍ଚ୍ଚା ହେଉଛି ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ମୁଁ ଯାହା କୁହେ ଖୋଲା ଖୋଲି କୁହେ ଲୁଚିକି କୁହେ ନାହିଁ। ସବୁ କଂଗ୍ରେସ ନେତାଙ୍କୁ ଅପିଲ୍ ବାଦ ବିବାଦରୁ ବାହାରି କଂଗ୍ରେସ ଦଳକୁ ଏକାଠି କରିବାର ସମୟ ଆସିଛି । ଯଦି ମୁଁ ଶୃଙ୍ଖଳା ଭଙ୍ଗ କରିଛି ବୋଲି କିଛି ନେତା କହୁଛନ୍ତି ତାହେଲେ ମୁଁ ନିଜର ସମୀକ୍ଷା କରିବି। ଯଦି କାହାର ଅସୁବିଧା ଅଛି ମୋ ସହ ଆସି ସିଧା ଆଲୋଚନା କରନ୍ତୁ। ହେଲେ ପିସିସି ସଭାପତି କାହା ଗୁଲାମ ହୋଇ, କାହା ପକେଟରେ ରହି ପାରିବିନି। ଏପରିକି କାହା ଇଙ୍ଗିତରେ କାମ କରିପାରିବେନି ବୋଲି ଶ୍ରୀ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ, ପିସିସି ସଭାପତି ଭକ୍ତ ଦାସଙ୍କୁ ମହଙ୍ଗା ପଡ଼ିଛି 'ବିଭୀଷଣ' ପ୍ରସଙ୍ଗ। ନୂଆପଡ଼ା ଉପନିର୍ବାଚନରେ ପରାଜୟ ପରେ ଭକ୍ତ ବିଭୀଷଣ କଥା କହିବା ପରେ ପ୍ରଥମେ ବରିଷ୍ଠ ଆଉ ଏବେ ଯୁବ ନେତା ବିଷ ଉଗାରିଛନ୍ତି। କଂଗ୍ରେସରେ ଯଦି ବିଭୀଷଣ ଅଛନ୍ତି, ତେବେ ରାବଣ କିଏ ବୋଲି ପ୍ରଶ୍ନ କରିଛନ୍ତି। ନୂଆପଡ଼ା ଉପନିର୍ବାଚନରେ ପରାଜୟ ପରେ କିଛି ବରିଷ୍ଠ ନେତା ମୁହଁ ଖୋଲିଥିଲେ।

### ଜାତୀୟ ମିଡିଆ ମହାକୁମ୍ଭ ଉଦ୍‌ଯାପିତ

# ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା ନୀତି ପାଇଁ ଆହ୍ୱାନ




**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ସାମ୍ବାଦିକତାରେ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ.) ବ୍ୟବହାର ସମୟରେ ଗଣମାଧ୍ୟମ ନୀତିଗତ ମାନଦଣ୍ଡକୁ ବଜାୟ ରଖିବା ସହ ସାମାଜିକ ଆସ୍ଥାକୁ ଅକ୍ଷୁଣ୍ଣ ରଖି ଖବର ପ୍ରସାରଣ କରିବାର ଆବଶ୍ୟକତା ଉପରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି। ରବିବାର କିମସ୍ ଅଡିଟୋରିୟମ୍‌ରେ ଇନଷ୍ଟିଚ୍ୟୁଟ୍ ଅଫ ମିଡିଆ ଷ୍ଟଡିଜ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ସହଭାଗିତାରେ ଆୟୋଜିତ ତିନିଦିନିଆ ଜାତୀୟ ମିଡ଼ିଆ ମହାକୁମ୍ଭର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି କହିଛନ୍ତି ଯେ ଏ.ଆଇ.ସାମ୍ବାଦିକତାକୁ ସଶକ୍ତ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ। କିନ୍ତୁ କୃତ୍ରିମ ବୁଦ୍ଧିମତା ବିନିଯୋଗ କଲାବେଳେ ସଠିକ୍ ମାନବ ନିୟନ୍ତ୍ରଣର ଆବଶ୍ୟକତା ରହିଛି । ଗଣମାଧ୍ୟମ ପାଇଁ ଆସ୍ଥା ହାସଲ କରିବା କଠିନ, କିନ୍ତୁ ହରାଇବା ସହଜ ବୋଲି ଅଭିହିତ କରି ଗଣମାଧ୍ୟମ ଖବର ସୃଷ୍ଟି ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଉପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ।ଏହି ଜାତୀୟ ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୨ ଜଣ ପ୍ରମୁଖ ଗଣମାଧ୍ୟମ ବିଶେଷଜ୍ଞମାନଙ୍କୁ ସମ୍ବୋଧନ କରି ବାଚସ୍ପତି ଏହି ମତବ୍ୟକ୍ତ କରିଛନ୍ତି। ଏହି ତିନିଦିନିଆ ସମ୍ମିଳନୀରେ 'ମିଡିଆ ୫.୦: ଡିଜିଟାଲ କମ୍ୟୁନିକେସନ୍' ବିଷୟରେ ଚର୍ଚ୍ଚା ହୋଇଥିଲା। ସେ ମଧ୍ୟ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ସାମ୍ବାଦିକତାଗତ କୃତି, ସ୍ୱାଧୀନତା ସଂଗ୍ରାମ ଓ ନୂତନ ଓଡ଼ିଶା ଗଠନରେ ତାଙ୍କର ବଳିଷ୍ଠ ଭୂମିକା ଉପରେ ଆଲୋକପାତ କରିଥିଲେ।ଅନ୍ୟତମ ଅତିଥି ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠି କହିଛନ୍ତି ଯେ ଆମେ କୃତ୍ରିମ ବୁଦ୍ଧିମତ୍ତାକୁ ଏଡ଼ାଇ ପାରିବା ନାହିଁ; ଆମକୁ ଏହାକୁ ଗ୍ରହଣ କରିବାକୁ ପଡ଼ିବ। ଏ.ଆଇ.ର ସଠିକ ବ୍ୟବହାର ହେବା ଉଚିତ, ଏହାର ଅପବ୍ୟବହାର ନୁହେଁ। ଏ.ଆଇ ବ୍ୟବହାର କରିବା ସମୟରେ, ଆମକୁ ମାନବ ବୁଦ୍ଧିମତ୍ତା ମଧ୍ୟ ପ୍ରୟୋଗ କରିବାକୁ ପଡିବ ବୋଲି ସେ ମତବ୍ୟକ୍ତ କରିଥିଲେ।ଗାନ୍ଧୀନଗର ସ୍ଥିତ ପଣ୍ଡିତ ଦୀନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦୀପ ମଲ୍ଲିକ ତଥ୍ୟତନ୍ତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଯୁକ୍ତିବିଦ୍ୟା ମିଡ଼ିଆକୁ ଗଣତାନ୍ତ୍ରିକ କରିଛି। ଆମେ ପ୍ରଯୁକ୍ତିବିଦ୍ୟାକୁ ପ୍ରତିରୋଧ କରିପାରିବା ନାହିଁ, କିନ୍ତୁ ଆମେ ଏହା ଦ୍ୱାରା ନିୟନ୍ତ୍ରିତ ହେବା ଉଚିତ୍ ନୁହେଁ। ସମାଜ ଏବଂ ସମଗ୍ର ଦେଶର ପ୍ରଗତି ତଥା ବୃହତର ମଙ୍ଗଳ ପାଇଁ ଆମେ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରାଯିବା ଉଚିତ ବୋଲି ସେ କହିଛନ୍ତି। ଏହି ଅବସରରେ ୬ ଜଣ ଯୁବ ଗବେଷକଙ୍କୁ ଶ୍ରେଷ୍ଠ ସନ୍ଦର୍ଭ ଉପସ୍ଥାପନା ପାଇଁ ପୁରସ୍କୃତ କରାଯାଇଥିଲା। ସେହିପରି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ଜନସଂପର୍କ କାର୍ଯକ୍ରମ ପାଇଁ ଶ୍ରେଷ୍ଠ ସଂଗଠନ ଭାବେ ୯ମ ଏନ.ଏମ. ସି ପୁରସ୍କାର ପ୍ରଦାନ କରାଯାଇଛି। ଗୁରୁ ଜମ୍ଭେଶ୍ୱର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡକ୍ଟର ମିହିର ରଞ୍ଜନ ପାତ୍ରଙ୍କୁ ପ୍ରଥମ ଚଳଚ୍ଚିତ୍ର ମହୋତ୍ସବର ସଫଳତାର ସହିତ ଆୟୋଜନ କରିବା ପାଇଁ ସମ୍ମାନିତ କରାଯାଇଥିଲା। ଏଥିରେ ୧୨ ଗୋଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଆନ୍ନା ବିଶ୍ୱବିଦ୍ୟାଳୟର ମିଡିଆ ସାଇନ୍ସର ପ୍ରଫେସର ଡକ୍ଟର ଏସ୍. ଆରୁଲଚେଲଭାନ ଏବଂ ବାବାସାହେବ ଭୀମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ଡକ୍ଟର ରୁଚିତା ସୁଜାଇ ଚୌଧୁରୀ ଏହି ଅବସରରେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। କନକ୍ଲେଭର ଅଧ୍ୟକ୍ଷ ଏବଂ ଆଇ.ଏମ.ଏସ.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଏନଏମସିର ସାଙ୍ଗଠନିକ ସଚିବ ତଥା ଆଇ.ଏମ.ଏସ.ର ସହକାରୀ ପ୍ରଫେସର ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# 'ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ସାଲିସ୍‌ବିହୀନ ବ୍ୟକ୍ତିତ୍ୱ'




**ଭୁବନେଶ୍ୱର,୨୩।୧୧/ଏନ୍ଏନ୍ଏସ୍:** ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ପାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ। ସେ ଥିଲେ ଜଣେ ଆଦର୍ଶବାଦୀ ରାଜନେତା ଓ ସାଲିସ୍‌ବିହୀନ ବ୍ୟକ୍ତିତ୍ୱ। ଜମିଦାରୀ ପ୍ରଥା ଉଚ୍ଛେଦ, ଓଡ଼ିଶା ଭାଗଚାଷ ଆଇନ, ଭୂସଂସ୍କାର ପାଇଁ ପ୍ରାଥମିକ ବ୍ୟବସ୍ଥା ଆଦି ଜନକଲ୍ୟାଣକାରୀ ନିୟମ ଆଣି ନବକୃଷ୍ଣ ଚୌଧୁରୀ ସେ ସବୁବେଳେ ଓଡ଼ିଆଙ୍କ ସ୍ୱାଭିମାନ, ଉନ୍ନତି ବିଷୟରେ ଚିନ୍ତା କରୁଥିଲେ। ଜଣେ ନିଷ୍ପାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା ବୋଲି ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର ଭାଗବତ ଶୁକ୍ଳ କହିଥିଲେ ଯେ ନବକୃଷ୍ଣ ଚୌଧୁରୀ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ।ନବକୃଷ୍ଣ ଚୌଧୁରୀ ଓଡ଼ିଶାର ଗ୍ରାମାଞ୍ଚଳର ବିକାଶ, ସମାଜର ନିମ୍ନସ୍ରୋତରେ ଥିବା ମଣିଷଙ୍କ ଉନ୍ନତି, ଭାଷାଗତ ଓ ସାଂସ୍କୃତିକ ବିକାଶ ସାଙ୍ଗକୁ ସବୁବେଳେ ଦୂରଦୃଷ୍ଟି ନେଇ ସମାଜର ଉତ୍ତରଣ କଥା ଚିନ୍ତା କରୁଥିଲେ। ସେ କେବେ ହେଁ କ୍ଷମତା ପାଇଁ ଲାଳାୟିତ ନଥିଲେ। ସେ ନିଜର ସତ୍ୟନିଷ୍ଠ ବ୍ୟବହାର ପାଇଁ ଖ୍ୟାତିଲାଭ କରିଥିଲେ। ମୁଖ୍ୟମନ୍ତ୍ରୀ ପଦରେ ରହି ମଧ୍ୟ କୌଣସି ପାର୍ଥିବ ସ୍ୱାର୍ଥରେ କେବେ ପ୍ରଭାବିତ ହୋଇନଥିଲେ। ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ । ମୂଲ୍ୟବୋଧ ଭିତ୍ତିକ ରାଜନୀତି ପାଇଁ ନବକୃଷ୍ଣ ଚୌଧୁରୀ ସବୁଦିନ ପାଇଁ ମନେ ରହିବେ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂହ କହିଥିଲେ ଯେ ନବକୃଷ୍ଣ ଚୌଧୁରୀ ସ୍ୱାଧୀନତା ପୂର୍ବରୁ ଅନେକ ବାର ବିଧାନସଭାରେ ଥିଲେ ମଧ୍ୟ ସେ ମନ୍ତ୍ରୀ ପଦକୁ ନାପସନ୍ଦ କରିଥିଲେ। ସେ ସ୍ୱାଧୀନତା ଆନ୍ଦୋଳନର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ, ଅସହଯୋଗ ଏବଂ ଆଇନ ଅମାନ୍ୟ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ତାଙ୍କ ମନ୍ତ୍ରିତ୍ୱ ସମୟରେ ସେ ଅନେକ କ୍ରାନ୍ତିକାରୀ ଆଇନ ପ୍ରଣୟନ କରି ଯାଇଛନ୍ତି । ରାଜସ୍ୱ ମନ୍ତ୍ରୀ ଭାବରେ ଭୂମି ସଂସ୍କାର ଆଇନ , ଯେଉଁଠାରେ ସେ ଜମିଦାରୀ ବ୍ୟବସ୍ଥାକୁ ଉଚ୍ଛେଦ କରିବା ଏବଂ କୃଷକଙ୍କ ମାଲିକାନା ଅଧିକାରକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ନିଷ୍ଠା, ଆଦର୍ଶ, ତ୍ୟାଗପୂତ ଜୀବନ ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ତାଙ୍କ ବକ୍ତବ୍ୟରେ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ରାପଡ଼ାରେ ବେଆଇନ୍ ବାଂଲାଦେଶୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି

# ୨୦ବର୍ଷ ପରେ ବି ଦେଶାନ୍ତର ନୋଟିସ୍ ହେଉନି କାର୍ଯ୍ୟକାରୀ



**କେନ୍ଦ୍ରାପଡା,୨୩।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଜାରି ହେବାର ୨୦ ବର୍ଷ ବିତିଲାଣି । ତେବେ ଏହି ଶରଣାର୍ଥୀମାନେ ବାଂଲାଦେଶର ନାଗରିକ ନା ଭାରତୀୟ ସେଥିନେଇ ବିବାଦ ତୁଟୁନି । ଫଳରେ ଏବେ ବି ସେମାନେ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି । ଗତ ସାଧାରଣ ନିର୍ବାଚନ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାକାଳପଡାର ରାମନଗରଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ବାଂଲା ଶରଣାର୍ଥୀଙ୍କ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଏହାପରେ ବାଂଲାଦେଶୀ ଶରଣାର୍ଥୀମାନେ ଉତ୍ସାହିତ ହୋଇ ପଡିଥିଲେ। କିନ୍ତୁ ଅଦ୍ୟାବଧି ଏ ଦିଗରେ କୌଣସି ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେମାନଙ୍କୁ ଦେଶାନ୍ତର ନୋଟିସ୍ ଦିଆଯିବା ପରେ ଭାରତୀୟ ନାଗରିକ ଭାବେ ପାଉଥିବା ନାଗରିକ ଭାବେ ପାଉଥିବା ସମସ୍ତ ସୁବିଧା ସୁଯୋଗ ପ୍ରତ୍ୟାହାର କରି ନିଆଯାଇଛି। ଫଳରେ ଖାଉଟି ସାମଗ୍ରୀ, ଭୋଟର ପରିଚୟ ପତ୍ର ତଥା ବିପିଏଲ୍ ସୁବିଧାରୁ ସେମାନଙ୍କୁ ବଞ୍ଚିତ କରାଯାଇଛି। ୧୯୪୮ ମସିହା ଗୃହଯୁଦ୍ଧ ସମୟରେ ଏହି ବାଂଲାଦେଶୀମାନେ ଦେଶଛାଡି ଭାରତର ବିଭିନ୍ନ ସୁରକ୍ଷିତ ସ୍ଥାନକୁ ପଳାଇ ଆସିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ସେମାନଙ୍କୁ ଥଇଥାନ କରିବା ପାଇଁ ପଦକ୍ଷେପ ନେଇଥିଲେ। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକରେ ୧୫୫୧ ଜଣ, ରାଜନଗର ବ୍ଲକରେ ୮୬ ଓ ପଟ୍ଟାମୁଣ୍ଡାଇ ବ୍ଲକରେ ୩୦ଜଣ ବାଂଲାଦେଶୀ ରହୁଥିବା ପ୍ରଶାସନ ସରକାରଙ୍କୁ ରିପୋର୍ଟ ଦେଇଥିଲା। ତଦନୁଯାୟୀ କେନ୍ଦ୍ର ସରକାର ଚିହ୍ନଟ ହୋଇଥିବା ବାଂଲାଦେଶୀଙ୍କୁ ଦେଶାନ୍ତର ପାଇଁ ତା ୧୫/୧/୨୦୦୫ରେ ନୋଟିସ୍ ଜାରି କରିଥିଲେ। ୧୯୭୧ ବିଦେଶ ଆଇନ ବଳରେ ଏହି ଶରଣାର୍ଥୀମାନଙ୍କୁ ଦେଶରୁ ହଟାଇବା ପାଇଁ ଉଦ୍ୟମ ହୋଇଥିଲା। ୩ ଦିନ ମଧ୍ୟରେ ଦେଶ ନଛାଡିଲେ ବଳପୂର୍ବକ ଭାରତ ସୀମାରେ ଛାଡି ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଫଳରେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ତାଲିକା ତ୍ରୁଟିପୂର୍ଣ୍ଣ ବୋଲି ଜିଲ୍ଲାରେ ବସବାସ କରୁଥିବା ବାଂଲାଦେଶୀଙ୍କ ପକ୍ଷରୁ କୁହାଯାଇଥିଲା। ଏବେ ଏହି ଶରଣାର୍ଥୀମାନେ ବାଂଲାଦେଶର ନାଗରିକ ନା ଭାରତୀୟ ସେଥିନେଇ ଦ୍ୱନ୍ଦ୍ୱ ଉପୁଜୁଛି। ଏହାକୁ ନେଇ ରାଜନୈତିକ ଦଳ ମଧ୍ୟ ନିଜର ଭୋଟ ବ୍ୟାଙ୍କ ହରାଇବା ଆଶଙ୍କାରେ ସେମାନଙ୍କୁ ସୁରକ୍ଷା ଦେଇଥିଲେ। ସରକାରଙ୍କ ଉପରେ ଚାପ ପଡିବାରୁ କେନ୍ଦ୍ର ସରକାର ସେହିବର୍ଷ ଫେବୃଆରୀ ପ୍ରଥମ ସପ୍ତାହରେ ଦେଶାନ୍ତର ନୋଟିସ ଉପରେ ରହିତାଦେଶ ଦେଇଥିଲେ। ଏଥିରେ ସରକାର ବାଂଲାଦେଶୀଙ୍କ ସଂପର୍କରେ ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କରାଯାଇ ଠିକ୍ ତାଲିକା ପ୍ରସ୍ତୁତ କରିବା ପରେ ପରବତର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଗୃହ ବଭାଗ ପକ୍ଷରୁ ପତ୍ର ନଂ - ୩୪୩୨୪ ତା ୩୦.୦୭.୨୦୧୨ ରିଖ ନିର୍ଦ୍ଦେଶ ମୁତାବକ ମହାକାଳପଡା ତହସିଲଦାରଙ୍କ ନେତୃତ୍ୱରେ ପୁଲିସ, ଏସ୍ଆଇ ଶିକ୍ଷା ବିଭାଗ ଓ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଏକ ଯାଞ୍ଚ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ପକ୍ଷରୁ ମହାକାଳପଡା ବ୍ଲକ୍‌ରେ ଯୌଥ ପରିବାର ୪୧ଟି ରହୁଥିବା ସହ ମୋଟ୍ ୧୫୫୧ ଜଣ ବାଂଲାଦେଶୀ ରହୁଥିବା ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦିଆଯାଇଥିଲା। ୧୮ଟି ପରିବାର ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବା ପରିଚୟ ପତ୍ର ପ୍ରଦାନ କରଥିଲେ। ୧୪ଟି ପରିବାର ଶରଣାର୍ଥୀ ଭାବରେ କେନ୍ଦ୍ର ସରକାରଙ୍କ ଥଇଥାନ ଯୋଜନାରେ ରହିଛନ୍ତି ବୋଲି ଦର୍ଶାଇ ଆବଶ୍ୟକୀୟ କାଗଜପତ୍ର ଦେଖାଇଥିଲେ। ଅବଶିଷ୍ଟ ୯ଟି ପରିବାର କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରଙ୍କ ନିକଟରେ ଯାଞ୍ଚ ପରେ ରିପୋର୍ଟ ଦାଖଲ କରାଯାଇଛି। ପଶ୍ଚିମବଙ୍ଗ ବାସିନ୍ଦା ବୋଲି ଦେଖାଉଥିବା ପ୍ରମାଣପତ୍ର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଥଇଥାନ ପ୍ରମାଣପତ୍ର ଦେଖାଉଥିବା ପରିବାରର କାଗଜପତ୍ର ଯାଞ୍ଚ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଛି। ମାତ୍ର ସରକାର ଏ ଦିଗରେ କୌଣସି ସ୍ପଷ୍ଟ ପଦକ୍ଷେପ ନେଇନାହାଁନ୍ତି। ଫଳରେ ବାଂଲାଦଦେଶୀମାନେ ଚିନ୍ତାରେ ପଡିଛନ୍ତି। ପରେ ଏ ବିଷୟରେ ଖୋଳତାଡ ହେବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଦିଆଯାଇଥିବା ଭୋଟର ପରିଚୟପତ୍ର, ବିପିଏଲ୍ କାର୍ଡ, ପାସପୋର୍ଟ, ରାସନକାର୍ଡ ଓ ଅନ୍ୟାନ୍ୟ ଭାରତୀୟ ନାଗରିକର ସୁବିଧା ସୁଯୋଗ ବନ୍ଦ କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ତାଙ୍କ ନିକଟରେ ଭାରତୀୟ ନାଗରିକ ଭାବରେ ସୁବିଧା ସୁଯୋଗ ଦେବାପାଇଁ ଦାବି କରିଥିଲେ। କେନ୍ଦ୍ରାପଡା ଜିଲ୍ଲାରେ ୧୬୪୯ ବାଙ୍ଗା ଅନୁପ୍ରବେଶକାରୀ ରହୁଥିବାବେଳେ ଜିଲ୍ଲାରେ ସେମାନଙ୍କ ସଂଖ୍ୟା ୩୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ବେସରକାରୀ ଆକଳନରୁ ଜଣାପଡିଛି। ବିଶେଷକରି ଜିଲ୍ଲାର ମହାକାଳପଡା, ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଧିକ ସଂଖ୍ୟକ ବଙ୍ଗଳାଦେଶୀ ରହୁଛନ୍ତି। ମହାକାଳପଡାର ବତୀଘର, ଖରିନାସୀ, ରାମନଗର, ଜମ୍ବୁ, ସୁନତି, ଗୋଗୁଆ, ବଉଳକଣୀ ଆଦି ପଞ୍ଚାୟତରେ ବଙ୍ଗୀୟ ଶରଣାର୍ଥୀମାନେ ବହୁ ସଂଖ୍ୟାରେ ବସବାସ କରୁଛନ୍ତି। ଏମାନେ ଏଠାରେ ଏକ ରେଡିଓ ଷ୍ଟେସନ୍ ସ୍ଥାପନ କରି ଆତଙ୍କବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବାର ଅଭିଯୋଗ ହୋଇଥିଲା। ଏଥିସହିତ ବହୁ ବେନିୟମ କାର୍ଯ୍ୟ ଏହି ଉପକୂଳବର୍ତ୍ତୀ ଶରଣାର୍ଥୀମାନେ ଚାଲୁ ରଖିବା ସହିତ ଆତଙ୍କବାଦୀମାନଙ୍କ ସହିତ ସମ୍ପର୍କ ରଖୁଥିବା ଅଭିଯୋଗ ହୋଇଆସୁଥିଲା। ବର୍ତ୍ତମାନ ଦିଲ୍ଲୀ ବୋମା ବିସ୍ଫୋରଣ ପରେ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ବେଆଇନ ବଙ୍ଗଳାଦେଶୀମାନଙ୍କୁ ଚିହ୍ନଟ କରି ରାଜ୍ୟରୁ ବାହାର କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ଚାଲିଛି।

## ମର୍ମନ୍ତୁଦ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର



**ଯାଜପୁର,୨୩।୧୧/ଏନ୍ଏନ୍ଏସ୍:** ମର୍ମନ୍ତୁଦ ବସ୍ ଦୁର୍ଘଟଣା, ଜଣେ ମୃତ, ୩ ଗୁରୁତର। ଏଭଳି ଘଟଣା ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-କଳାମାଟିଆ ରାସ୍ତାର ଘଟିଛି। ପ୍ରକାଶ, ଧୋବାଗଳୀ ଛକ ନିକଟରେ ଆଜି ସକାଳୁ ବରୀରୁ କଟକ ହରଗୌରୀ ନାମକ ବସ୍ ଆସିବା ସମୟରେ ହଠାତ୍ ଏକ ବାଇକ୍ ବସ୍‌ର ସମ୍ମୁଖକୁ ଚାଲି ଆସିଥିଲା। ବାଇକ୍ ଚାଳକକୁ ରକ୍ଷା କରିବାକୁ ଯାଇ ବସ୍ ଚାଳକ ରାସ୍ତାର ବାମ ପଟକୁ କାଟିବା ସମୟରେ ପ୍ରାତଃ ଭ୍ରମଣ କରି ଆସୁଥିବା ୪ଜଣ ଯୁବକଙ୍କୁ ଧକ୍କା ଦେବାରୁ ସେମାନଙ୍କୁ ଗୁରୁତର ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଯିବାସହ ରାସ୍ତାରୋକ ମଧ୍ୟ କରାଯାଇଥିଲା। ଖବରପାଇ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାରେ ବିଫଳ ହୋଇଥିଲେ। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତିନି ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ବିଞ୍ଝାରପୁର ଥାନା ପୁଲିସ ଅଧିକାରୀ ବାମଦେବ ନନ୍ଦ ଯାଜପୁର ଅତିରିକ୍ତ ତହସିଲଦାର ଜି ହରେକୃଷ୍ଣ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଖବରପାଇ ଯାଜପୁର ବିଧାୟିକା ସୁଜାତା ସାହୁ ,ବିଜେପି ନେତା ସଂଗ୍ରାମ ପାତ୍ର ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ଲୋକମାନଙ୍କୁ ବୁଝାସୁଝା କରି ଆନ୍ଦୋଳନରୁ ଓହରି ଯିବାକୁ ପରାମର୍ଶ ଦେଇଥିଲେ। ଦିନ ୧୨ ଟା ସମୟରେ ରାସ୍ତାରୋକ ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆହତଙ୍କ ମଧ୍ୟରୁ ରବୀନ୍ଦ୍ର ଜେନାଙ୍କ ପୁଅ ଅଭୟ ଜେନା (୨୦)ଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଦୁଇ ଜଣ ଯୁବକ ବସନ୍ତ ଜେନାଙ୍କ ପୁଅ କିଶୋର (୧୫) ଓ ବିପିନ ଜେନାଙ୍କ ପୁଅ ମନମୋହନ (୧୮) ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେହିପରି ଭାବରେ ବୀରକିଶୋର ଜେନାଙ୍କ ପୁଅ ରାକେଶ (୧୮) ମଧ୍ୟ ଯାଜପୁରରେ ଚିକିତ୍ସିତ ଅଛନ୍ତି।

## ଠିକାଦାର ମହାସଙ୍ଘର ସାଧାରଣ ବୈଠକ



**କେନ୍ଦ୍ରାପଡା,୨୩।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ଠିକାଦାର ମହାସଙ୍ଘର ସାଧାରଣ ବୈଠକ ରବିବାର ସ୍ଥାନୀୟ ବିନାୟକ ପ୍ୟାଲେସ୍ ଠାରେ ରାଜ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଦକ୍ଷତା ସମ୍ପନ୍ନ ଭିତ୍ତିକ ଠିକାଦାରମାନେ ଯୋଗଦେଇ ଏହି ମହାସଂଘର କାର୍ଯ୍ୟପନ୍ଥା ଓ ଏହାର ଆଭିମୁଖ୍ୟ ଠିକାଦାର ମାନଙ୍କ ସୁରକ୍ଷା ସମ୍ପର୍କିତ ଆଲୋଚନାରେ ଭାଗନେଇ ନିଜ ନିଜର ମତ ରଖୁଥିଲେ। ଜିଲ୍ଲାର ସମସ୍ତ ଠିକାଦାର ଭାଇମାନେ ସରକାର ଧାର୍ଯ୍ୟ ମୂଲ୍ୟ(ସିଡୁଲରେଟରେ) ଟେଣ୍ଡର ପକାଇବେ ଓ ଆଉକେହି ଠିକାଦାର ୧୪.୯୯ଲେସରେ ଟେଣ୍ଡର ପକାଇବେ ନାହିଁ ବୋଲି ସ୍ଥିର କରାଗଲା। ସରକାରଙ୍କ ଧାର୍ଯ୍ୟମୂଲ୍ୟଠାରୁ କମରେ ଟେଣ୍ଡର ପକାଇ ଠିକାଦାରମାନେ ସର୍ବସାନ୍ତ ହେଉଛନ୍ତି ଏବଂ କାର୍ଯ୍ୟରମାନ ମଧ୍ୟ କମିଯାଉଛି। କେନ୍ଦ୍ରାପଡା ଜିଲ୍ଲା ଉପଦେଷ୍ଟା ମଣ୍ଡଳୀର ନିଷ୍ପତ୍ତିକୁ ସମସ୍ତ ଠିକାଦାର ମାନିବାପାଇଁ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ଅଜିତ କୁମାର ସାହୁ, ବିଭୁରଞ୍ଜନ ପରିଡା, ମହେନ୍ଦ୍ର କୁମାର ରାଉତ, ଶିବ ପ୍ରସାଦ ପରିଡା, ରାଜେଶ ମହାନ୍ତି, ଗୌତମ ମଲ୍ଲିକ, ଜାନକୀ ବଲ୍ଲଭ ସାମନ୍ତରାୟ, ସତ୍ୟେନ୍ଦୁ ସୁତାର, ସୁକାନ୍ତ ରାଉତ, ପ୍ରକାଶ ସାମଲ, କିଶୋର ପଣ୍ଡାଙ୍କ ସମେତ ଅନେକ ଅଭିଜ୍ଞ ଠିକାଦାରମାନେ ଏହି ନିଷ୍ପତ୍ତିକୁ ସମ୍ମତି ଜଣାଇଥିଲେ।

## ନାରୀଙ୍କ ବିକାଶ ବିନା ସମାଜର ବିକାଶ ସ୍ୱପ୍ନ ଅଧୁରା

**ପଟ୍ଟାମୁଣ୍ଡାଇ,୨୩।୧୧/ଏନ୍ଏନ୍ଏସ୍:** ସାମ୍ପ୍ରତିକ ସମୟରେ ନାରୀମାନେ ବିଭିନ୍ନ କ୍ଷେତ୍ରରେ ନିଜର ସଫଳତା ଓ ପରାକାଷ୍ଠା ପ୍ରଦର୍ଶନ କରି ସାମାଜିକ ବିକାଶର ସୂତ୍ରଧର ପାଲଟି ଯାଇଛନ୍ତି। ନାରୀମାନଙ୍କ ବିକାଶ ବିନା ସମାଜର ସାମଗ୍ରିକ ବିକାଶର ସ୍ୱପ୍ନ ଅଧୁରା ରହିବ ବୋଲି ଅଇନିପଡ଼ା ପଛପଡ଼ା ଗାଁ ଉତ୍ସବ 'ବସୁଧା'ର ପଞ୍ଚଦଶ ସଂସ୍କରଣର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଏଇ ଅବସରରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆୟୋଜିତ କୁଇଜ ପ୍ରତିଯୋଗିତା 'ଶକ୍ତି ରୂପେଣ ସଂସ୍ଥିତା' କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଦେଶର ବିକାଶରେ ମହିଳାମାନଙ୍କ ଉଲ୍ଲେଖ ନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ସାହିତ୍ୟିକ ଧରିତ୍ରୀ ପାଣିଗ୍ରାହୀ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ଓ ୱାର୍ଡସଭ୍ୟା ପୁଷ୍ପାଞ୍ଜଳି ମହାରଣା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଜୟୀମାନଙ୍କୁ ପୁରସ୍କୃତ କରିଥିଲେ। ଶକ୍ତି ରୂପେଣ ସଂସ୍ଥିତା କାର୍ଯ୍ୟକ୍ରମରେ ଅଇନିପଡାର ବିନାୟକ ସ୍ୱୟଂ ସହାୟକ ଗୋଷ୍ଠୀ ଚମ୍ପିୟାନ ଟ୍ରଫି ହାସଲ କରିଥିବାବେଳେ ଓମ ନମଃ ଶିବାୟ ଏସ୍ଏସ୍‌ଜି ଗୋଷ୍ଠୀ ସିଦ୍ଧ ମହାପୁରୁଷ ଏସ୍ଏସ୍‌ଜି ଗୋଷ୍ଠୀ ଓ ଅଇନିପଡା-ପଛପଡା ପ୍ରକଳ୍ପ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୧୦ଜଣ ବ୍ୟକ୍ତିଗତ ଭାବେ ସୁପର କୁଇଜ ବିଜେତା ହୋଇଥିଲେ। ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ କୁଇଜ ପରିଚାଳନା କରିଥିବା ବେଳେ ସହ-ସମ୍ପାଦକ ତପରଞ୍ଜନ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଉପସଭାପତି ଅଭିମନ୍ୟୁ ପଢିହାରୀ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ। କୁଇଜ ପରେ ଆଞ୍ଚଳିକ କଳାକାରଙ୍କ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ସାମ୍ବାଦିକ ପବିତ୍ର କୁମାର ପଣ୍ଡା ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଅଭିମନ୍ୟୁ ପଢିହାରୀ ଓ ଅମୃତ ରଞ୍ଜନ ଦାଶ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବସୁଧା ସଭାପତି ରଜନୀକାନ୍ତ ନାଥ, ବସୁଧା ସାହିତ୍ୟ ସଂସଦ ସଭାପତି ରଜନୀକାନ୍ତ ନାୟକ, ସମ୍ପାଦକ ସଞ୍ଜିତ କୁମାର ବେହେରା, ରବୀନ୍ଦ୍ର କୁମାର ପାତ୍ର, ରାଜେନ୍ଦ୍ର କୁମାର ପାଢୀ, ମହେଶ୍ୱର ପାଢ଼ୀ, ପ୍ରଭାକର ତରାଇ, ପ୍ରଭାକର ମହାକୁଳ, ଆର୍‌କେ ଶୁଭକାନ୍ତ, ରୋନିତ୍ କୁମାର ବେହେରା,ମିତ୍ର ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ଡ. ପ୍ରତାପ ଦାସଙ୍କୁ ଅଟଳ ଓଡ଼ିଶା ଆଇକନ୍ ଆୱାର୍ଡ



**କେନ୍ଦ୍ରାପଡ଼ା,୨୩।୧୧/ଏନ୍ଏନ୍ଏସ୍:** ସମାଜସେବୀ ଡ. ପ୍ରତାପ ଚନ୍ଦ୍ର ଦାସଙ୍କୁ ଅଟଳ ଓଡ଼ିଶା ଆଇକନ୍ ଆୱାର୍ଡ- ୨୦୨୫ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅଟ୍ଟଳ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡା ମାଟିର ପୁଅ ଆଇନଜୀବୀ ଡ.ପ୍ରତାପ ଦାସଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଅଟ୍ଟଳ ସ୍ମୃତି କମିଟି ସଭାପତି ପ୍ରହଲ୍ଲାଦ ଖଣ୍ଡେଲୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଜନଜାତି କଲ୍ୟାଣ ମନ୍ତ୍ରୀ ଜୁଏଲ୍ ଓରାମ ଓ ସମ୍ମାନିତ ଅତିଥି ଭାବେ ପୂର୍ବତ୍ତ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ମୃତି କମିଟି କନଭେନର ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସମାଜସେବୀ ଡ. ପ୍ରତାପ ଦାସଙ୍କୁ ଭାରତରତ୍ନ ଅଟ୍ଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି, ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅଟ୍ଟଳ ଓଡିଶା ଆଇକନ୍ ଆୱାର୍ଡ- ୨୦୨୫ରେ ସମ୍ମାନିତ କରିଥିଲେ। ସମାଜସେବୀ ଡ. ଦାସଙ୍କ ସମାଜସେବା, ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମ୍ବାଦିକତା, ସାହିତ୍ୟ, ଚିତ୍ରକଳା, ସଂସ୍କୃତି ଓ ବୃତ୍ତିଗତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଆୱାର୍ଡ ମିଳିବା ପରେ ଡ. ଦାସଙ୍କୁ ବିଭିନ୍ନ କ୍ଷେତ୍ରରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସାଂସଦ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ



**କେନ୍ଦ୍ରାପଡା,୨୩।୧୧/ଏନ୍ଏନ୍ଏସ୍:** ପିଏମଶ୍ରୀ କପାଳେଶ୍ୱ ପଞ୍ଚାୟତ ଅଧୀନରେ ଥିବା ବିଦ୍ୟାଳୟର ଜୋନ୍‌ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଘାଟନ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ବିଧାନସଭା ପାର୍ଥିନୀ ଗୀତାଞ୍ଜଳି ସେଠୀ, ଜୋନ୍ ୮ର ମଣ୍ଡଳ ସଭାପତି ବାସୁଦେବ ତ୍ରିପାଠୀ, ଗଗନ ସାହୁ, କପକେଶ୍ୱ ର୍ସରପଞ୍ଚଙ୍କ ଉପସ୍ଥିତି ଓ ବିଦ୍ୟାଳୟର ଶିକ୍ଷକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡା ମହୋତ୍ସବରେ ଉଦ୍‌ଘାଟକ ଭାବରେ ଯୋଗଦେଇ କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏଇ କ୍ରୀଡାରେ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିବାକୁ ପଞ୍ଚାୟତରୁ ସ୍କୁଲ୍‌ର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ସାଂସଦଙ୍କ ଅଧୀନରେ ହେଉଥିବା ସାଂସଦ ଖେଳର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହ କିପରି ଭାରତର ଯୁବଶକ୍ତିକୁ ସୁସ୍ଥ ଓ ଫିଟ କରିପାରିବ ଓ ସୁସ୍ଥ ଶରୀର କିପରି ବିକଶିତ ଭାରତ ଗଠନରେ ସହାୟକ ହେବ ତାହା ଅତିଥିମାନେ ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ପ୍ରତିଯୋଗିତା ମନୋଭାବ ନନେଇ ବା ଜିତିବାର ଆଶା ନରଖି ଖେଳ କିପରି ନିଜ ଶରୀରକୁ ନିରୋଗ ରଖିବାରେ ସହାୟକ ହେବ ସେମିତି ବିଷୟରେ ମତ ଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା କ୍ରୀଡା ମହୋତ୍ସବରେ କବାଡି, ଭଲିବଲ,୧୦୦ମିଟର ରସ,୪୦୦ମିଟର ରେସ, ଲଙ୍ଗ ଜମ୍ପ,ହାଇ ଜମ୍ପ,ରିଲେ ରେସ, ସଟ ଦ ଫୁଟ ଖେଳରେ ପିଲାମାନେ ତାଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଖେଳ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜୋନ୍‌ରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷକମାନେ ଖେଳକୁ ପରିଚାଳନା କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶୁମାନ ଦାସ, ପ୍ରଭାତ ସ୍ୱାଇଁ, ମନୋରଞ୍ଜନ ସାମଲ, ଶୁଭେନ୍ଦୁ ଜେନା, ପୁରୁଷୋତ୍ତମ ଦାସ, କୁମାର ସତ୍ୟଜିତ, ନିରଞ୍ଜନ ବାରିକ, ଜଗବନ୍ଧୁ ପ୍ରଧାନ, ଆଦିତ୍ୟ ଲେଙ୍କା, ନଳିନୀକାନ୍ତ ଜେନା ସ୍ୱରାଜ ମଲ୍ଲିକ, ରବୀନ୍ଦ୍ର ବାରିକ ଯୋଗଦେଇ ଥିଲେ।

## ମାଇଁ ଏନ୍‌ସିସି ଆଲୁମନି ଆସୋସିଏସନ୍‌ର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡା,୨୩।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏନ୍‌ସିସି ଦିବସ ଅବସରରେ ପ୍ରତ୍ୟେକ ବର୍ଷ ଏହି ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା କଲେଜର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ମେଜର ପୀତବାସ ମହାନ୍ତି ଯୋଗଦେବା ସହ ଅନ୍ୟ ବରେଣ୍ୟ ଅତିଥି ଭାବେ ପୂର୍ବତନ ବାଳିକା ବିଭାଗ ଏଏନ୍‌ଓ ପ୍ରଫେସର ଜ୍ୟୋତ୍ସ୍ନାମୟୀ ସାହୁ, ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପୂର୍ବତନ ପ୍ରାଧାପିକା ଡ. ଅନ୍ନପୂର୍ଣ୍ଣା ସୁଆର, ବର୍ତ୍ତମାନର ବାଳିକା ବିଭାଗ ଏଏନ୍‌ଓ କ୍ୟାପଟେନ ସୀମା ମହାନ୍ତି ଓ ବାଳକ ବିଭାଗ ଏଏନ୍‌ଓ ଲେଫ୍ଟନାଣ୍ଟ୍ ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରେଖିଥିଲେ। ଆଲୁମନି ଆସୋସିଏସନ ସଭାପତି ପ୍ରଭାସିନୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ମାଇଁ ଏନସିସି ଆଲୁମନି ଆସୋସିଏସନର ବହୁ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିବା ସ୍ଥଳେ ବର୍ତ୍ତମାନର ବାଳକ ଓ ବାଳିକା ବିଭାଗର ସମସ୍ତ କ୍ୟାଡେଟ୍ ଉପସ୍ଥିତ ରହି କାଯ୍ୟକ୍ରମକୁ ଉପଭୋଗ କରିବା ସହ ସୁଚାରୁରୂପେ ସମ୍ପାଦନ କରିଥିଲେ। ଏହି ବାର୍ଷିକ ଉତ୍ସବରେ କେନ୍ଦ୍ରାପଡ଼ା କଲେଜ ପାଇଁ ଅନବରତ ସେବା ଯୋଗାଇ ଆସୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ କ୍ଷୀରୋଦ କୁମାର ପରିଡାଙ୍କୁ 'ଆଦର୍ଶ ସେବକ' ଉପାଧିରେ ସମ୍ମାନିତ କରାଯାଇଥିଲା।



ପ୍ରତି ବର୍ଷ ପରି କେନ୍ଦ୍ରାପଡ଼ା କଲେଜର ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ପ୍ରତିଭାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ୨୦୨୫ ର ବେଷ୍ଟ ଗ୍ରାଜୁଏଟ କଳା ବିଭାଗ ଛାତ୍ରୀ ଶର୍ମିଷ୍ଠା ରାଉଳ, ବାଣିଜ୍ୟ ବିଭାଗ ଛାତ୍ର ଶୁଭ୍ରଜିତ ସିଂ, ବିଜ୍ଞାନ ବିଭାଗ ଛାତ୍ରୀ ଅଞ୍ଜଳି ବିଶ୍ୱାଳ, ଉଚ୍ଚମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା କଳା ବିଭାଗ ଛାତ୍ରୀ ଲିପ୍ସା ମିଶ୍ର, ବାଣିଜ୍ୟ ବିଭାଗ ଛାତ୍ର ନୀଳକମଳ ଦାସ, ବାଣିଜ୍ୟ ବିଭାଗ ଛାତ୍ର ମନୀଷ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ମାଇଁ ଏନ.ସି.ସି ଆଲୁମନି ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ମେଗା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସ୍ୱର୍ଗତ ଏଲିନା ଜତି, ଅବନ୍ତୀ ସାହୁ, ସଂଯୁକ୍ତା ଜେନା, ଦିବାକର ଲେଙ୍କା, କେଶବ ଚନ୍ଦ୍ର ପଲାଇ, ସୁନାକାର ବିଶ୍ୱାଳ, ରବୀନ୍ଦ୍ର ନାଥ ଖୁଣ୍ଟିଆ, ନଟବର ପ୍ରଧାନ, ସସ୍ମିତା ପ୍ରଧାନ, ମହମ୍ମଦ ମନୱାର ଖାନ୍, ଡ. ପ୍ରଭାସିନୀ ମହାପାତ୍ର, ନିର୍ମଳ ଚନ୍ଦ୍ର ବାରିକ, କସ୍ତୁରୀ ଚରଣ ଦାସ, ନରେନ୍ଦ୍ର ନାଥ ବିଶ୍ୱାଳ ସ୍ମୃତି ସମ୍ମାନ ବିତରଣ କରା ଯାଇଥିଲା। ଏହି ବାର୍ଷିକ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ବହୁ ଅଭିଭାବକ ଓ କେନ୍ଦ୍ରାପଡ଼ା କଲେଜର ସମସ୍ତ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି କାଯ୍ୟକ୍ରମକୁ ଉପଭୋଗ କରିଥିଲେ। ବର୍ଷ ତମାମ ମାଇଁ ଆଲୁମନି ଆସୋସିଏସନର ସମାଜ କଲ୍ୟାଣ କାର୍ଯ୍ୟ ନିମନ୍ତେ ବିଭିନ୍ନ କାଯ୍ୟକ୍ରମରେ ଏନ.ସି.ସି. ବାଳକ ଓ ବାଳିକା ବିଭାଗ ସହଯୋଗ କରି ଆସିଥିବାରୁ ଦୁଇ ବିଭାଗକୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଉଭୟ ବାଳକ ଓ ବାଳିକା ବିଭାଗ ମଧ୍ୟରୁ ଉନ୍ନତ ମାନର ପାଠ ପଢ଼ା ଓ ସର୍ବୋଚ୍ଚ ନମ୍ବର ରଖିଥିବା ବାଳିକା ବିଭାଗର କଲ୍ୟାଣୀ ଦାସ (ରାଜନୀତି ବିଜ୍ଞାନ ସମ୍ମାନ)ଙ୍କୁ ଡଙ୍କର ପ୍ରଭାସିନୀ ମହାପାତ୍ର ମେମୋରିଆଲ ରନିଙ୍ଗ ଟ୍ରଫି ପ୍ରଦାନ କରାଯିବା ସହ ବାଳକ ବିଭାଗ କ୍ୟାଡେଟ୍ ହରିଶ କୁମାର ପଣ୍ଡାଙ୍କୁ କେନ୍ଦ୍ରାପଡ଼ା କଲେଜରୁ ପ୍ରତିନିଧିତ୍ୱ କରି ଦିଲ୍ଲୀର ରିପବ୍ଲିକ ପ୍ୟାରେଡରେ ଅଂଶଗ୍ରହଣ କରି କରିଥିବାରୁ ମାଇଁ ଏନ୍‌ସିସି ଆଲୁମନି ଆସୋସିଏସନ ପକ୍ଷରୁ ମାନପତ୍ର,ଟ୍ରଫି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବର୍ତ୍ତମାନର କ୍ୟାଡେଟ ଓ ଆଲୁମନି ଆସୋସିଏସନର ସଦସ୍ୟ/ସଦସ୍ୟାମାନଙ୍କ ଦ୍ୱାରା ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ସଫଳ ରୂପାୟନ କରିଥିବା ସମସ୍ତ କ୍ୟାଡେଟ ଓ ଆଲୁମନି ସଦସ୍ୟମାନଙ୍କୁ ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

ନିତିଦିନ NITIDIN



# ସମୁଦ୍ରରେ କୁମ୍ଭୀର ଆତଙ୍କକୁ ନେଇ ବନବିଭାଗ ପକ୍ଷରୁ ସଚେତନତା

**କୋଣାର୍କ,୨୩।୧୧/ଏନ୍ଏନ୍ଏସ୍:** କୋଣାର୍କ ଚନ୍ଦ୍ରଭଗା ଠାରୁ ଅସ୍ତରଙ୍ଗ ଜାହାନିଆ ସମୁଦ୍ରରେ ବିଭିନ୍ନ ସ୍ଥାନରେ ଏବେ କୁମ୍ଭୀରମାନଙ୍କ ଆତଙ୍କ ଦିନକୁ ଦିନ ଦେଖିବାକୁ ମିଳିଛି। ଯାହାକୁ ନେଇ ପର୍ଯ୍ୟଟକ ଓ ସାଧାରଣଲୋକଙ୍କ ମଧ୍ୟରେ ସମୁଦ୍ରକୂଳରେ ବୁଲିବା ଓ ସମୁଦ୍ର ମଧ୍ୟରେ ଗାଧୋଇବାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଏବେ ପୁଣି ଅସ୍ତରଙ୍ଗ ଜାହାନିଆ ସମୁଦ୍ରକୂଳରେ ଏକ କୁମ୍ଭୀର ଦେଖାଦେବାକୁ ନେଇ ସାଧାରଣରେ ଚିନ୍ତାପ୍ରକାଶ ପାଇଛି। ଏ ନେଇ ବନବିଭାଗ ପକ୍ଷରୁ ପର୍ଯ୍ୟଟନ ଋତୁ ଓ କୋଣାର୍କ ଉତ୍ସବକୁ ନଜରରେ ରଖି କୁମ୍ଭୀରକୁ ଧରିବା ପାଇଁ ରାମଚଣ୍ଡୀ ମୁହାଁଣ ସମୁଦ୍ରକୂଳଠାରୁ କୋଣାର୍କ ଚନ୍ଦ୍ରଭଗା ଦେଇ ଅସ୍ତରଙ୍ଗର ଜାହାନିଆ ଓ ଦେବୀ ମୁହାଁଣ ସମୁଦ୍ରକୂଳ ପର୍ଯ୍ୟନ୍ତ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେଉରୀଙ୍କ ନେତୃତ୍ୱରେ ୮ଟି ଟିମ ଗଠନ କରି ପ୍ରତିଟି ଟିମରେ ଜଣେ ବନପାଳଙ୍କ ନେତୃତ୍ୱରେ ୫ଜଣ ବନ କର୍ମଚାରୀଙ୍କୁ ନେଇ ସମୁଦ୍ରକୂଳେ କୂଳେ ଚାଲି ଚାଲି ପ୍ରତ୍ୟେକ ଦିନ ପାଟ୍ରୋଲିଂ କରାଯିବା ସହ ପର୍ଯ୍ୟଟକମାନଙ୍କୁ ସମୁଦ୍ରକୂଳରେ କୁମ୍ଭୀରକୁ ନେଇ ସତର୍କ ରହିବାକୁ ସଚେତନା କରାଯାଉଛି। ଏନେଇ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକ ଚଳାଚଳ କରୁଥିବା ରାମଚଣ୍ଡୀ ମୁହାଁଣ, ଚନ୍ଦ୍ରଭାଗା ଓ ଜାହାନିଆ ସମୁଦ୍ରକୂଳରେ କୁମ୍ଭୀର ପ୍ରତି ସତର୍କ ରହିବା ବ୍ୟାନର ଲଗାଇ ସଚେତନା କରିଛନ୍ତି। ସୂଚନାଥାଉକି ଗତ ୧୪ ତାରିଖ ରବିବାର ଭୋର୍‌ରୁ କୋଣାର୍କ ଚନ୍ଦ୍ରଭାଗା ସମୁଦ୍ରକୂଳ ଖଣ୍ଡିଆ ନଈ ସମ୍ମୁଖ ସମୁଦ୍ରରେ ଏକ ୧୦ଫୁଟ ଲମ୍ବର ବିଶାଳ ଘଡ଼ିଆଳ ପ୍ରଜାତିର କୁମ୍ଭୀର ଦେଖାଯାଇଥିଲା। ବନବିଭାଗ ପକ୍ଷରୁ ଅନେକ ଚେଷ୍ଟା ସତ୍ତ୍ୱେ ଏହାକୁ ଧରାଯାଇପାରି ନଥିଲା। କୁମ୍ଭୀରଟି ସମୁଦ୍ର ମଧ୍ୟକୁ ପଳାଇଯାଇଥିଲା। ଅନୁରୂପ ଭାବେ ପୁଣି ଗତ ନଭେମ୍ବର ୧୩ ତାରିଖ ପୂର୍ବାହ୍ନରେ ଚନ୍ଦ୍ରଭାଗା ସମୁଦ୍ରକୂଳରେ କୋଲକତା ଅଞ୍ଚଳର କେତେକ ପର୍ଯ୍ୟଟକ ଗାଧୋଉଥିଲା ବେଳେ ଅଚନାକ ଏକ ଶିଶୁ ବଉଳା ପ୍ରଜାତିର କୁମ୍ଭୀର ସମୁଦ୍ର ପାଣି ମଧ୍ୟରୁ ଆସି ପର୍ଯ୍ୟଟକଙ୍କ ଗୋଡ଼କୁ ଧରି କାମୁଡିବା ସମୟରେ ପର୍ଯ୍ୟଟକ ଭୟଭୀତ ହୋଇ ହୋହଲ୍ଲା କରିବାରୁ ଖବର ପାଇ ବନବିଭାଗ ପକ୍ଷରୁ ତାକୁ ଉଦ୍ଧାର କରି ନେଇଯାଇଥିଲେ। ଏଇ ଘଟଣାକୁ ନେଇ ଚନ୍ଦ୍ରଭଗା ସମୁଦ୍ରରେ ଏହି ମା' କୁମ୍ଭୀରଟି ଶତାଧିକ ଶିଶୁ କୁମ୍ଭୀରକୁ ଜନ୍ମ ଦେଇଥିବା ଆଶଙ୍କା କରାଯାଉଛି।



# ବନବିଭାଗର ଚଢ଼ଉ, ୩ ଗିରଫ

**ଓଡ଼ଗାଁ,୨୩।୧୧/ଏନ୍ଏନ୍ଏସ୍:** ଓଡ଼ଗାଁ ବନବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢାଉ କରାଯାଇ ବାର୍‌ହାମାଂସ, ଜିଆଇ ତାର, ବାଇକ୍, ଟଙ୍କା, ବାଉଁଶ ଠେଙ୍ଗା ଜବତ କରିବାସହ ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବନ କର୍ମଚାରୀଙ୍କୁ ଚକମା ଦେଇ ଶିକାରୀମାନେ ବିଭିନ୍ନ ଉପାୟରେ ବନ୍ୟଜନ୍ତୁ ଶିକାର କରୁଛନ୍ତି। ଗତକାଲି ରାତିରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ରୋହିବାଙ୍କ-ଚେମେଡ଼ି ରାସ୍ତା ନିକଟସ୍ଥ ଗୟଳସିଂହ ଜଙ୍ଗଲରେ ବିଦ୍ୟୁତ୍ ତାର ଲଗାଇ ଏକ ବାରହାକୁ ଶିକାର କରିଥିଲେ। ବନ କର୍ମଚାରୀମାନେ କୌଣସି ସୂତ୍ରରୁ ଖବରପାଇ ଆଜି ଚେମେଡ଼ି ଗ୍ରାମର ଅଭିମନ୍ୟୁ ନାୟକଙ୍କ ପୁଅ ତ୍ରିଲୋଚନ ନାୟକ, ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୂତି ପଞ୍ଚାୟତ ଚଢେୟାପଲ୍ଲୀ ଗ୍ରାମର ଗନ୍ଧର୍ବ ପରିଡ଼ାଙ୍କ ପୁଅ ଶୀତଳ ପରିଡ଼ା ଓ ରୋହିବାଙ୍କ ଗ୍ରାମର କୃଷ୍ଣ ଡ଼ାକୁଆଙ୍କ ପୁଅ ଲିଙ୍ଗା ଡ଼ାକୁଆ ବିଦ୍ୟୁତ୍ ତାରଲଗାଇ ଏକ ବାରହାକୁ ଶିକାର କରିଥିଲେ। ଏହି ବାରହାକୁ ଶିକାର କରିବା ପରେ ତା'ର ମାଂସକୁ ବିକ୍ରି କରୁଥିବା ବେଳେ ବନ କର୍ମଚାରୀମାନେ କୌଣସି ସୂତ୍ରରୁ ଖବରପାଇ ମାଡ଼ି ବସିଥିଲେ। ସେମାନଙ୍କ ଠାରୁ ବାଜାଜ ଡ଼ିସକଭର ଗାଡ଼ିନଂ ଓଆର ୨୫ବି ୦୯୪୩ ଓ ଟିଭିଏସ ଷ୍ଟାର ସିଟି ଗାଡ଼ିନଂ ଓଡ଼ି୨୫ଡ଼ି ୮୧୯୩ ସହିତ କଟା ବାରହାମାଂସ ୪କେଜି, ଜିଆଇ ତାର ୩କେଜି, ବାଉଁଶ ୩୦ଖଣ୍ଡ ଜବତ କରିଛନ୍ତି। ଏହାସହିତ ସେମାନେ ବାରହା ମାଂସ ବିକ୍ରିକରିଥିବା ୯୩୦ଟଙ୍କା ଏବଂ ଏକ ମୋବାଇଲକୁ ଜବତ କରିଛନ୍ତି। ଏମାନେ ପେଷାଦାର ଶିକାରୀ ବୋଲି ବନ କର୍ମଚାରୀମାନେ ଜାଣିବାକୁ ପାଇଛନ୍ତି। ଜଙ୍ଗଲ ଭିତରେ ପଶି ବେଆଇନ୍ ଭାବେ ଶିକାର କରିବା ସହିତ ବିଦ୍ୟୁତ୍ ଯୋଗେ ବନ୍ୟଜନ୍ତୁ ଶିକାର କରିଥାନ୍ତି। ସେତିକି ନୁହଁ ରାତ୍ରୀ ସମୟରେ ବିଦ୍ୟୁତ୍ ତାର ଶିକାର କରିବା ସମୟରେ କୌଣସି ବ୍ୟକ୍ତି କିମ୍ବା ଗୃହ ପାଳିତ ପଶୁ, ବାଘ, ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିବା ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ। ଚଢଉରେ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ଫରେଷ୍ଟର ସରିତା ବରାଳ, ଗାର୍ଡ଼ ସୌମ୍ୟରଞ୍ଜନ ଦଳେଇ, ଦୀପ୍ତିମୟୀ ରାଉତ ଓ ପ୍ରୋଟେକ୍ସନ ସ୍କ୍ୱାଡ୍ ସାମିଲ ଥିଲେ।

# ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସାଂଗଠନିକ ବୈଠକ

**କୁଆଁପାଳ,୨୩।୧୧/ଏନ୍ଏନ୍ଏସ୍:** ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର ଗୋପାଳପୁର କଟକର ସାଂଗଠନିକ ବୈଠକ ରବିବାର ଦିନ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନ ପୌରହିତ୍ୟ କରିଥିଲା ବେଳେ ସଂସଦର ସଂପାଦକ ଗୌତମ ଚରଣ ଜେନା ବୈଠକର ଅଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ବୈଠକରେ ସଂସଦର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ। ବୈଠକରେ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯିବା ପରେ ସଂସଦର ସାଂଗଠନିକ କର୍ମକର୍ତ୍ତାମାନଙ୍କର ତାଲିକା ଘୋଷଣା କରାଯାଇଥିଲା। ସଭାପତି ଭାବେ ବିଦ୍ୟୁଲତା ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଅଧ୍ୟାପକ ଉମାକାନ୍ତ ପ୍ରଧାନ, ଉପସଭାପତି ଭାବେ ଡଃ. ଏକାଦଶୀ ପ୍ରଧାନ, ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ପ୍ରବାଚକ ଶରତ ଚନ୍ଦ୍ର ରଥ, ସାଧାରଣ ସଂପାଦକ ଗୌତମ ଚରଣ ଜେନା, ଯୁଗ୍ମସଂପାଦକ ପ୍ରଫୁଲ୍ଲ କୁମାର ସାହୁ, ଦିଲ୍ଲିପ କୁମାର ଗ୍ରହାଚାର୍ଯ୍ୟ, ସଂଯୋଜକ ଡଃ. ଅଭୟ କୁମାର ରାଉତ, ସହ ସଂପାଦକ ଗଦାଧର ପାଣି, ଜ୍ୟୋତିରଂଜନ ମହାନ୍ତି, କୋଷାଧ୍ୟକ୍ଷ କଲ୍ଲୋଳ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସମିତି ସଭ୍ୟ ରାଜକିଶୋର ମିଶ୍ର, ପ୍ରତିଭା ଦାସ, ରଘୁନାଥ ମହାନ୍ତି, ରାମଚନ୍ଦ୍ର ସାହୁ, ରାମଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ସିଂହ, ମହେନ୍ଦ୍ର ଘଡେଇ, ବିବେକାନନ୍ଦ ଦାସ, ଇଂ. ସରୋଜ ସାମଲ,ଉପଦେଷ୍ଟା ଭାବେ ଇଂ. ଗୁଣନିଧି ତ୍ରିପାଠୀ, ବଟକୃଷ୍ଣ ନାଥଶର୍ମା, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଶ୍ରୀନିବାସ ସାହୁ, ଶାରଦା ପ୍ରସାଦ ମିଶ୍ର, ବଳରାମ ଓଝା, ଶଦାଶିବ ପଣ୍ଡା, ସତ୍ୟାନନ୍ଦ ଦାଶ, ଶଶଧର ପଣ୍ଡା, କୁଳମଣି ସାହୁ, ଡଃ. ଅମରେନ୍ଦ୍ର ମହାନ୍ତି ପ୍ରମୁଖ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା। ଏଥିସହିତ ସଂସଦର ମୁଖପତ୍ର ଅନର୍ଘଅର୍ଘ୍ୟ ସଂପର୍କରେ ଆଲେଚନା କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କ ସହ ପ୍ରକୃତିବନ୍ଧୁଙ୍କ ବୃକ୍ଷରୋପଣ



**ଓଡ଼ଗାଁ,୨୩।୧୧/ଏନ୍ଏନ୍ଏସ୍:** ଓଡିଶା ଭାରତ ସ୍କାଉଟ ଗାଇଡ଼ ଭୁବନେଶ୍ୱରରେ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ 'ଉଡାନ' କ୍ୟାମ୍ପରେ ନୟାଗଡ଼ ଜିଲ୍ଲା ତରଫରୁ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଅବନ୍ତୀ ବେହେରା ନିଜ ବିଦ୍ୟାଳୟରୁ ୨୨ଜଣ ସ୍କାଉଟ ଗାଇଡ଼କୁ ନେଇ କ୍ୟାମ୍ପରେ ଯୋଗ ଦେଇଥିଲେ। କ୍ୟାମ୍ପର ଶେଷଦିନ ସର୍ବଧର୍ମ ପ୍ରାର୍ଥନାପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗସେଲର ସ୍ୱତନ୍ତ୍ର ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ତରଫରୁ ଛାତ୍ରୀଛାତ୍ରଙ୍କୁ ସଚେତନତା କାର୍ଯ୍ୟପାଇଁ ସୂଚନା ମିଳିଥିଲା। ସଙ୍ଗେ ସଙ୍ଗେ ନିଜର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ପହଞ୍ଚିଥିଲେ ପ୍ରକୃତିବନ୍ଧୁ ଶ୍ରୀ ସାହୁ। ଏଥିସହିତ ନୟାଗଡ଼, ମାଲକାନଗିରି, ମୟୁରଭଞ୍ଜ ଓ ଗଞ୍ଜାମରୁ ୧୫୬ ଜଣ ସ୍କାଉଟ ଗାଇଡ଼ ଛାତ୍ରଛାତ୍ରୀ ମାନେ ଦୁଇଟି ବସଯୋଗେ ଉତ୍କଳ ହସ୍ପିଟାଲ ରାସ୍ତାପାର୍ଶ୍ୱର ଓଡିଶା ସ୍କାଉଟଗାଇଡ଼ ମୁଖ୍ୟ କାର୍ଯ୍ୟାଳୟର ଯୁଗ୍ମ ସଚିବ ମିହିର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଯାଇ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଶ୍ରୀସ୍ୱାଇଁ ପୂର୍ବରୁ ଗତବର୍ଷ ନିଜ ଉଦ୍ୟମରେ ଲଗାଇଥିବା ୧୭୦ରୁ ଅଧିକ ବର ଓ ଓସ୍ତ ବୃକ୍ଷମୂଳେ ପାଣିଦେବା ସହିତ ଗଛମୂଳରୁ ଅନାବନା ଘାସ ଉପାଡିଥିଲେ।ସେହି ବରଓସ୍ତ ମୂଳେ ସମସ୍ତ ପିଲାଙ୍କୁ ବସାଇ ଶ୍ରୀସ୍ୱାଇଁ ବର ଓସ୍ତ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏହି ବୃକ୍ଷ ଜନ ସମାଜରେ ପୂଜିତର ମୁଖ୍ୟ କାରଣହେଲା ସର୍ବାଧିକ ପତ୍ରଥିବା ଯୋଗୁଁ ଅଧିକ ଅମ୍ଳଜାନ ପ୍ରଦାନ କରୁଥିବା ସହ ଲୋକମାନେ ଏହାକୁ ପୂଜା କରିଥାନ୍ତି। ତେଣୁ ନିଜନିଜ ଅଞ୍ଚଳରେ ଅଧିକରୁ ଅଧିକ ବରଓସ୍ତ ବୃକ୍ଷରୋପଣ ପାଇଁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ପ୍ରକୃତିବନ୍ଧୁ ଶ୍ରୀସାହୁ ସଚିବ ଶ୍ରୀସ୍ୱାଇଁଙ୍କ ସହମିଶି ୫ଟି ଓସ୍ତ ମଧ୍ୟ ରୋପଣ କରିଥିବା ଜଣାପଡ଼ିଛି

# ଶ୍ରମ କୋଡ୍ ବାତିଲ୍ ଦାବିରେ ସିଟୁର ବିକ୍ଷୋଭ




**ନୟାଗଡ଼,୨୩।୧୧/ଏନ୍ଏନ୍ଏସ୍:** କେନ୍ଦ୍ର ସରକାର ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଶ୍ରମ ଆଇନକୁ ବାତିଲ କରି ୨୨ ନଭେମ୍ବରଠାରୁ ଶ୍ରମିକ ସ୍ୱାର୍ଥ ବିରୋଧୀ ଶ୍ରମ କୋଡ ଲାଗୁ କରୁଥିବାରୁ ଏହାର ପ୍ରତିବାଦରେ ସିଆଇଟିୟୁ ନେତୃତ୍ୱରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଦିବସରେ ନୟାଗଡ଼ ଛକଠାରୁ ଏକ ପଟୁଆରରେ ଯାଇ ଶ୍ରମିକ ନେତା ଆଡଭୋକେଟ ଶରତଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ବିକ୍ଷୋଭ ସଭା ଅନୁଷ୍ଠିତ କରିଥିଲେ ବିଭିନ୍ନ ୟୁନିଅନର ପ୍ରତିନିଧି ବର୍ଗ। ମୋଦି ସରକାର କର୍ପୋରେଟ ମାଲିକଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଭାରତୀୟ ଶ୍ରମିକମାନଙ୍କ ପକ୍ଷ ଛେଦନ କରିବାକୁ ଶ୍ରମିକଙ୍କ କଷ୍ଟଲବ୍ଧ ୪୪ଶ୍ରମ ଆଇନକୁ ବାତିଲ କରିଛନ୍ତି ଓ ପ୍ରକାରାନ୍ତରେ ଏକ ନିକିମା ପ୍ରଭାବହୀନ ଶ୍ରମ କୋଡ ପ୍ରଚଳନ କରିଛନ୍ତି। ଏହା ତୁରନ୍ତ ପ୍ରତ୍ୟାହାର ନିମନ୍ତେ ସାରା ଭାରତରେ ପାଳନ କରାଯାଉଥିବା ପ୍ରତିବାଦରେ ସାମିଲ ହୋଇ ନୟାଗଡ଼ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ, ସୁରେଶ ଚନ୍ଦ୍ର ସ୍ୱାଇଁ, ଚାପଧାରୀ ରାଉତ, ଜ୍ୟୋତିପ୍ରଭା ଜେନା, ଜୟନ୍ତୀ ଦାଶ, ସଂଯୁକ୍ତା ସେଠୀ, ସବ୍ୟସାଚୀ ସେନାପତି, ବିପିନ ବାଜୁ, ନିରଞ୍ଜନ ସାହୁ, ମଙ୍ଗୁଳୀ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବିଧାନସଭାସ୍ତରୀୟ ଆତ୍ମନିର୍ଭର ଭାରତ କର୍ମଶାଳା



**କଣ୍ଟାପଡ଼ା,୨୩।୧୧/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁର ମଣ୍ଡଳ ଅନ୍ତର୍ଗତ ସାଇଲୋବଡ଼ବିଲ ଠାରେ ନିଆଳୀ ବିଧାନସଭାସ୍ତରୀୟ ଆତ୍ମନିର୍ଭର ଭାରତର କମିଶାଳା ଅନୁଷ୍ଠିତ ହୋଇଯାଇଛି ଉକ୍ତ କମିଶାଳାକୁ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ନିଆଳୀ ଛବି ମଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ କଣ୍ଟାପଡା ଆମ୍ବା ଅଧକ୍ଷ ପ୍ରଦୀପ୍ତ କୁମାର ପାତ୍ର ଅନ୍ୟତମ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ଅଶୋକ କୁମାର ରଥ ଆତ୍ମନିର୍ଭର ଭାରତର ବିଧାନସଭାସ୍ତରୀୟ ସଂଯୋଜକ ସରୋଜ କୁମାର ସ୍ୱାଇଁ, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ନିଆଳୀ ବ୍ଲକ ଆମ୍ବା ଅଧକ୍ଷ ଗଣେଶ୍ୱର ମିଶ୍ର ନିଆଳୀ ବ୍ଲକ ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଂଜନ ମହାନ୍ତି, କଣ୍ଟାପଡା ବ୍ଲକ ସାଂସଦଙ୍କ ପ୍ରତିନିଧି ସଂଗ୍ରାମ କିଶୋର ପଟ୍ଟନାୟକ ବାରଙ୍ଗ ବ୍ଲକ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଥିବାବେଳେ ଗୋବିନପୁର ବିଜେପି ମଣ୍ଡଳ ସଭାପତି ଲଲାଟ କୁମାର ପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ସଂଚାଳନ କରାଯାଇଥିଲା। ଉକ୍ତ ଆତ୍ମନିର୍ଭର କର୍ମଶାଳାରେ ବିଧାନସଭା କ୍ଷେତ୍ରର ବହୁ ଛୋଟ ବଡ଼ ଉଦ୍ୟୋଗୀମାନେ ସାମିଲ ହୋଇଥିଲେ। ସମସ୍ତ ଉଦ୍ୟୋଗୀଙ୍କୁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ଆତ୍ମ ନିର୍ଭର ହେବା ପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ସରକାର ପ୍ରତିଶୃତିବଦ୍ଧ ବୋଲି ବିଧାୟକ ଛବି ମଲିକ ତାଙ୍କ ବକ୍ତବ୍ୟରେ କହିଥିଲେ। କର୍ମଶାଳାକୁ ଯୁବ ଉଦ୍ୟୋଗୀ ରଂଜନ କୁମାର ଦାସ, ପ୍ରଶାନ୍ତ ଜେନାଙ୍କ ସମେତ ବହୁ ଉଦ୍ୟୋଗୀ ସାମିଲ ଥିଲେ। କର୍ମଶାଳାକୁ ନାରୀନେତ୍ରୀ ମଧୁସ୍ମିତା ମହାନ୍ତି, ଯୁବ ସଂଗଠକ ସୁରେନ୍ଦ୍ର ପାତ୍ର, ବିଶ୍ୱନାଥ ଜେନା ଓ ସୁଶାନ୍ତ ରାଉତ ପରିଚାଳନାରେ ସହଯୋଗ କରିଥିଲେ।

**ଅଞ୍ଚଳବାସୀଙ୍କ ଆଶା ପୂରଣ ହେବ**

# ଥାନାରେ ପରିଣତ ହେବ ନୟାହାଟ ଫାଣ୍ଡି

**ନୟାହାଟ,୨୩।୧୧/ଏନ୍ଏନ୍ଏସ୍:** ଦୀର୍ଘଦିନ ହେଲା ନୟାହାଟ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ନୟାହାଟ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିବା ବେଳେ ତାହା ପୂରଣ ହେବବୋଲି ପ୍ରଶାସନ ପକ୍ଷରୁ ଖବର ମିଳିଛି। ସରକାରୀ ସ୍ତରରେ ଥାନା ପାଇଁ ସମସ୍ତ ପ୍ରକାର କାଗଜପତ୍ର କାମ ଶେଷ ହୋଇଛି ବୋଲି ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସୂଚନା ଦେଇଛନ୍ତି। ଥାନା ପାଇଁ ଫାଣ୍ଡି ମଧ୍ୟରେ ଆବଶ୍ୟକ ଜାଗା ରହିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନରେ ୭ଟି ପଞ୍ଚାୟତ ଯଥା ଧୂମାଳ, ଜଙ୍ଗଲବୋରି, ଦେସ୍ଥଳି, ଇସାଣପୁର, ବାଉଳଙ୍ଗ, ସୋରଭା ପ୍ରମୁଖ ପଞ୍ଚାୟତରେ ଶହେରୁ ଉର୍ଦ୍ଧ୍ୱ ଗାଁ ଥିବା ବେଳେ ଜନସଖ୍ୟା ୭୦ହଜାରରୁ ଉର୍ଦ୍ଧ୍ୱ ହେବ। ନୟାହାଟରେ ଥାନା ନ ଥିବାରୁ ମୋକଦ୍ଦମା କରିବା ପାଇଁ ଦୀର୍ଘ ୨୦କିମି ଦୂର ଗୋପ ଥାନା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ସେଠାକୁ ଯିବା ପାଇଁ ଦୁଇଟି ଗାଡ଼ିରେ ଯିବା ଆସିବା ପାଇଁ ପ୍ରାୟ ଦୁଇଶହ ଟଙ୍କା ଖର୍ଚ୍ଚାନ୍ତ ହୋଇଥାନ୍ତି। ସନ୍ଧ୍ୟା ପରେ ଗୋପରୁ ନୟାହାଟ ଯାତ୍ରୀବାହୀ ଗାଡ଼ି ନଥିବାରୁ ଲୋକେ ଅଟୋ ଯୋଗେ ପାଞ୍ଚଶହ ଟଙ୍କା ଦେଇ ଭଡ଼ାକରି ନୟାହାଟ ଆସିଥାନ୍ତି। ନୟାହାଟ ଫାଣ୍ଡିକୁ ଥାନା କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ସମ୍ବାଦ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଥିଲା। ଖୁବଶୀଘ୍ର ଫାଣ୍ଡି ଥାନା ହେବାକୁ ଯାଉଥିବାରୁ ସମାଜସେବୀ ଅଭିମନ୍ୟୁ ସିଂହ, ମକରଧ୍ୱଜ ସ୍ୱାଇଁ, ଅନନ୍ତ ସାହୁ, କେଦାର ନାଥ ସାହୁ, ବସନ୍ତ ପାଳ, ଧୂମାଳ ସରପଞ୍ଚ ମୋନାଲିସା ସିଂହ, ଦେସ୍ଥଳି ସରପଞ୍ଚ ରିଷ୍ମା ସ୍ୱାଇଁ, ଇସାଣପୁର ସରପଞ୍ଚ ବିନୋଦିନୀ ପାଳ, ଜଙ୍ଗଲବୋରୀ ସରପଞ୍ଚ ପ୍ରଭାତୀ ସାହୁ, ପ୍ରଣୟ କୁମାର ସାହୁ, ସୋରଭା ସରପଞ୍ଚ କିଶୋର ସେଠୀ, ଜ୍ୟୋତିରଞ୍ଜନ ନାୟକ, ରାଜଲକ୍ଷ୍ମୀ ଦାସ ପ୍ରମୁଖ ପ୍ରଶାସନକୁ ସାଧୁବାଦ୍ ଜଣାଇଛନ୍ତି।

# ଫାର୍ମ ହାଉସ୍‌ରୁ ଝିଙ୍କ ଉଦ୍ଧାର



**ଟାଙ୍ଗୀ,୨୩।୧୧/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଦପ୍ତରୀ ଗାଁ ନିକଟରେ ଥିବା ଏକ ଫାର୍ମାହାଉସରୁ ଝିଙ୍କ ଦେଖିବାକୁ ମିଳିଥିଲା। ସୂଚନାରୁ ପ୍ରକାଶଯେ ଆଜି ସକାଳ ସମୟରେ ଫାର୍ମାହାଉସ ଭିତରକୁ ଏକ ଝିଙ୍କ ପଶି ଆସିଥିବା ଫାର୍ମାହାଉସ କର୍ମଚାରୀ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ବନବିଭାଗ ପହଞ୍ଚି ପାଖା ପାଖି ଦୁଇ ଘଣ୍ଟା ଆକ୍ଲାନ୍ତ ପରିଶ୍ରମ କରି ଝିଙ୍କଟିକୁ କାବୁ କରିବାରେ ସକ୍ଷମ ହୋଇଥିଲା। ତେବେ ପ୍ରଥମଥର ଅଞ୍ଚଳରେ ଝିଙ୍କ ଦେଖିବାକୁ ମିଳିଥିବା ବେଳେ ଝିଙ୍କଟିକୁ ଦେଖିବାକୁ ସାଧାରଣରେ ଭିଡ଼ ଜମିଥିଲା। ପରେ ବନବିଭାଗ ଝିଙ୍କଟିକୁ ନେଇ ଜଙ୍ଗଲରେ ଛାଡିଥିଲା।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଗରିଛକ,୨୩।୧୧/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତର ଭଣ୍ଡି ଗ୍ରାମ ଶ୍ରୀରାମଚନ୍ଦ୍ର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଗଙ୍ଗାଧର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥିଭାବେ ସିଆରସିସି ବିଷ୍ଣୁ ମୋହନ ପରିଡା, ରବୀନ୍ଦ୍ରନାଥ ମହାନ୍ତି, ପରିଚାଳନା କମିଟି ସଭାପତି ସ୍ୱାଗତିକା ଜେନା, ବରିଷ୍ଠ ସାମ୍ବାଦିକ ମାନସ ରଂଜନ ଦାସ, ପୁରାତନ ଛାତ୍ରସଂସଦ ସଭାପତି ସୁବୋଧ କୁମାର ସାହୁ ପ୍ରମୁଖ ଯୋଗଦେଇ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ସ୍ୱାଇଁ ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ଶିକ୍ଷକ ବୋଲି ମତପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀମାନେ ଯୋଗଦେଇ ଅବସର ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ତାଙ୍କ ବାସଭବନକୁ ପାଛୋଟି ନେଇଥିଲେ।

# ବାଲୁଗାଁ କଲେଜରେ ଏନ୍‌ସିସି ଦିବସ

**ବାଲୁଗାଁ,୨୩।୧୧/ଏନ୍ଏନ୍ଏସ୍:** ଚଳିତ ବର୍ଷ ବାଲୁଗାଁ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ୭୮ ତମ ଏନସିସି ଦିବସ ରବିବାର ଦିନ ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥିଭାବେ ପ୍ରାକ୍ତନ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଡ଼କ୍ଟର ଅକ୍ଷୟ କୁମାର ମିଶ୍ର ଓ କାର୍ଯ୍ୟାଳୟ ମୁଖ୍ୟ ସୁଧାକର ନାୟକ ଯୋଗଦେଇଥିଲେ। ଏନ୍‌ସିସି ଅଧିକାରୀ ଅଧ୍ୟାପକ ଚନ୍ଦନ ନାୟକଙ୍କ ସଂଯୋଜନାରେ ଏନସିସି କ୍ୟାଡେଟ୍‌ମାନେ ପ୍ରଥମେ ଅତିଥିମାନଙ୍କୁ ପାଛୋଟି ନେବା ପରେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଏନସିସି ପତାକା ଉତ୍ତୋଳନ କରି ଏନସିସି କ୍ୟାଡେଟ୍‌ମାନଙ୍କ ଉଦ୍ଦେଶ୍ୟରେ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ବକ୍ତବ୍ୟ ପ୍ରଦାନ କରି ସେମାନଙ୍କୁ ଏକତା, ଶୃଙ୍ଖଳା, ଓ ସେବା ମାଧ୍ୟମରେ ଦେଶ ପ୍ରେମ, ସହନଶୀଳତା, ଗୋଷ୍ଠୀ ସମ୍ପର୍କ, ସହଯୋଗିତା, ନିର୍ଭିକତା, କର୍ମ ଦକ୍ଷତା, ଉତ୍ସର୍ଗୀକୃତଭାବ ଆଦି ମୂଲ୍ୟବୋଧ ଆହରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଅତିଥି ଡ଼କ୍ଟର ଅକ୍ଷୟ କୁମାର ମିଶ୍ର ଓ ସୁଧାକର ନାୟକ କ୍ୟାଡେଟ୍‌ମାନଙ୍କୁ ଶିକ୍ଷାୟତନ ସମେତ ଜୀବନର ପ୍ରତିଟି କ୍ଷେତ୍ରରେ ଶୃଙ୍ଖଳିତ ଓ ସେବାପରାୟଣତା ପ୍ରଦର୍ଶନ କରିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଅତିଥିମାନେ କ୍ୟାଡେଟ ଦେବାଶିଷ ପାଢ଼ୀଙ୍କୁ ଜୁନିଅର ଅଣ୍ଡର ଅଫିସର, ଟ୍ୱିଙ୍କିଲ ପ୍ରଧାନଙ୍କୁ କ୍ୱାର୍ଟର ମାଷ୍ଟର, ଆୟୁଷ ରୋନାଲି ଜେନାଙ୍କୁ କର୍ପୋରାଲ ଏବଂ ଆଲୋକ ସ୍ୱାଇଁଙ୍କୁ ଲାନ୍ସ କର୍ପୋରାଲ ରାଙ୍କ ପ୍ରଦାନ କରି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ କ୍ୟାଡେଟମାନେ ଏନସିସିର ଶୃଙ୍ଖଳା ଅନୁସରଣ କରିବା ପାଇଁ ଶପଥପାଠ କରିଥିଲେ। ଶେଷରେ କ୍ୟାଡେଟ୍‌ମାନେ ଏନସିସି ସଂଗୀତ ଗାନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ନିଖୋଜ ବୃଦ୍ଧା ପର୍ଯ୍ୟଟକ ଉଦ୍ଧାର, ପରିବାରକୁ ହସ୍ତାନ୍ତର

**କୋଣାର୍କ,୨୩।୧୧/ଏନ୍ଏନ୍ଏସ୍:** ଗତ ଶନିବାର ରାମଚଣ୍ଡୀ ଥାନାର ପୁଲିସ୍ ପାଟ୍ରୋଲିଂ ଟିମ୍ ସନ୍ଧ୍ୟା ପାଟ୍ରୋଲିଂ କରୁଥିଲାବେଳେ ଜଣେ ଅଚିହ୍ନା ବୃଦ୍ଧା ପର୍ଯ୍ୟଟକ ଆନୁମାନିକ ବୟସ ୭୦ହେବ, ସନ୍ଦେହଜନ ଅବସ୍ଥାରେ ବୁଲୁଥିଲା ବେଳେ ତାଙ୍କୁ ଉଦ୍ଧାର କରିଥିଲେ। ସୂଚନା ମୁତାବକ ଗତ ୫ଦିନ ପୂର୍ବେ ପୁରୀ ଶ୍ରୀମନ୍ଦିର ଦର୍ଶନ କରିବାକୁ ନିଜର ସହଯାତ୍ରୀଙ୍କ ସହ ବୁଲି ଆସିଥିଲେ ମାତ୍ର ସେ ସେମାନଙ୍କଠାରୁ ଅଚାନକ ଅଲଗା ହୋଇ ରହିଯାଇଥିଲେ। ଅନେକ ଖୋଜାଖୋଜି କରି ସାଥି ଯାତ୍ରୀ ନ ପାଇବାରୁ ପୁଲିସକୁ ନ ଜଣାଇ ସେମାନେ ପୁରୀରୁ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ବୃଦ୍ଧା ପର୍ଯ୍ୟଟକ କନ୍ନଡ଼ ଭାଷାରେ କଥା ହେଉଥିବାରୁ ତାଙ୍କର ନିର୍ଦ୍ଦିଷ୍ଟ ପରିଚୟ ମିଳିପାରିନଥିଲା। ଏ ନେଇ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡା ପୁରୀ ଏସ୍‌ପି ପ୍ରତୀକ ସିଂଙ୍କୁ ଅବଗତ କରାଇବା ପରେ ଏକ ଟ୍ରାନ୍ସଲେଟର୍ସଙ୍କୁ ଯୋଗାଯୋଗ କରାଇ ସମସ୍ତ ତଥ୍ୟ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ତୁରନ୍ତ ରାମଚଣ୍ଡୀ ଥାନାରେ ଏକ ଜିଡିରେ ଲେଖାଯାଇ ସଠିକ ପରିଚୟ ଯାଞ୍ଚ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପରେ ତାଙ୍କ ନାମ ଲେଡକେରିଆ(୭୦), ପିତା ଆପେଲ ଲେଡକେରିଆ, ଗ୍ରାମ ଏମ୍‌ଜି ରେଲୱେ କଲୋନୀ, ଥାନା ମାଜେଷ୍ଟିକ, ଜିଲ୍ଲା ବାଙ୍ଗାଲୁର, କର୍ଣ୍ଣାଟକ ବୋଲି ଜଣାପଡ଼ିଥିଲା। ରାମଚଣ୍ଡୀ ଥନା ପକ୍ଷରୁ ବୃଦ୍ଧା ପର୍ଯ୍ୟଟକଙ୍କୁ ରାତ୍ରିଯାପନର ବ୍ୟବସ୍ଥା କରି ତାଙ୍କୁ ଏକ ସେଲ୍‌ଟର୍‌ରେ ଛଡ଼ାଯାଇଥିଲା। ତୁରନ୍ତ ତାଙ୍କ ପରିବାରକୁ ରାମଚଣ୍ଡୀ ପୁଲିସ ପକ୍ଷରୁ ସୂଚିତ କରାଯାଇଥିଲା। ସୂଚନା ପାଇ ତାଙ୍କ ପୁଅ ବେଙ୍ଗାଲୁରୁରୁ ଓଡ଼ିଶାକୁ ବିମାନରେ ଆସି ପୁରୀରେ ତୁରନ୍ତ ପହଞ୍ଚିଥିଲେ। ରାମଚଣ୍ଡୀ ପୁଲିସ ପକ୍ଷରୁ ସମସ୍ତ ଯାଞ୍ଚ କରାଯିବା ପରେ ବୃଦ୍ଧା ପର୍ଯ୍ୟଟକଙ୍କୁ ତାଙ୍କ ପୁତ୍ରଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁରୀ ଜିଲ୍ଲା ପୁଲିସ୍ ପକ୍ଷରୁ ଆଗାମୀ ପର୍ଯ୍ୟଟନ ଋତୁପାଇଁ ସମସ୍ତ ଭ୍ରମଣକାରୀ ପର୍ଯ୍ୟଟକଙ୍କ ସୁରକ୍ଷା, ସମସ୍ତ ସହଯୋଗ ଓ ସମୟୋଚିତ ସହାୟତା ପାଇଁ ପ୍ରତିବଦ୍ଧ ରହିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। କୌଣସି ସଂନ୍ଦେହେ ଜନକ ଭାବେ ବୁଲୁଥିବା ଦେଖନ୍ତି ତେବେ ତୁରନ୍ତ ୧୧୨ କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଲୋକନାଥଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ସୁଆଙ୍ଗ ଓ ମେଣ୍ଟୋଶାଳ ବିଜୟୀ



**ଖୋର୍ଦ୍ଧା,୨୩।୧୧/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ସୁଆଙ୍ଗ ଦଳ କାଇପଦରକୁ ୯ ୱିକେଟରେ ପରାସ୍ତ କରିଛି। କାଇପଦର ଦଳ ପ୍ରଥମେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭର ରେ ୬୯ରନ୍ କରି ଅଲଆଉଟ ହୋଇ ଯାଇଥିଲା। ସୁଆଙ୍ଗ ପକ୍ଷରୁ ନିର୍ମଳ ମାର୍ଥା ୩ ଟି ୱିକେଟ ହାସଲ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୪ ଓଭର ରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ନିର୍ମଳ ମାର୍ଥା ଙ୍କୁ ସମାଜସେବୀ ଅବନୀକାନ୍ତ ସାମନ୍ତରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍‌ରେ ବିଜୟ ଲାଭ କରି ମେଣ୍ଟୋଶାଳ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା ପ୍ରଥମେ ବ୍ୟାଟିଂ କରି ଭାଳିଆବାଡି ଦଳ ନିର୍ଦ୍ଧାରିତ ୨୦ଓଭରରୁ ୪ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୮୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଟୋଶାଳ ଦଳ ନିର୍ଦ୍ଧାରିତ ୧୯ ଓଭର ରେ ୪ ୱିକେଟ ହରାଇ ୧୯୬ରନ କରି ୬ୱିକେଟରେ ବିଜୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଆଇଏସ ଗିରି ୯୫ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ସରୋଜ ବରାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ରିଆଜତ୍ ଅଲ୍ଲୀ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ।

**ନିତି ଭାରତୀ** | ଶତ୍ରୁତା ଏବଂ ବିବାଦଠାରୁ ଦୂରେଇ ରହିଲେ ଈଶ୍ୱର ସୁରକ୍ଷା ପ୍ରଦାନ କରିଥାନ୍ତି । - **ଶିରିଡ଼ି ସାଇବାବା**

# ବିଜ୍ଞାନ କ୍ଷେତ୍ରରେ ବୈଶ୍ୱିକ ନେତୃତ୍ୱ ପାଇଁ ମହାଦୌଡ଼



**ଡକ୍ଟର ଚିତ୍ତରଞ୍ଜନ ମିଶ୍ର**

ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଆମେରିକାରେ ମୌଳିକ ଗବେଷଣା କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ କ୍ରମାଗତ ଭାବେ ହ୍ରାସ କରି ଚାଲିଛି ଏବଂ ଆମେରିକାର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥାକୁ ଭୟଙ୍କର ଭାବେ ବ୍ୟାଘାତ କରି ଚାଲିଛି ଯାହାକି ପୂର୍ବରୁ କେବେ ବି ଦୃଷ୍ଟିଗୋଚର ହୋଇ ନଥିଲା । ଜାନୁଆରୀ ୨୦ ତାରିଖରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ତିନୋଟି ସରକାରୀ ଏଜେନ୍ସିରେ ୧୦୦୦ରୁ ଉର୍ଦ୍ଧ୍ୱ ଗ୍ରାଣ୍ଟକୁ ସମାପ୍ତ କରି ଦିଆଯାଇଛି । ନ୍ୟାସନାଲ କ୍ୟାନ୍ସର୍ ଇନ୍‌ଷ୍ଟିଚ୍ୟୁଟ୍‌ର ଫଣ୍ଡିଂକୁ ୩୧ ପ୍ରତିଶତ ହ୍ରାସ କରା ଯାଇଥିବା ବେଳେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ (ଏନ୍‌ଆଇଏଚ୍)ର ଫଣ୍ଡିଂକୁ ୨୧ ପ୍ରତିଶତ ଏବଂ ନ୍ୟାସନାଲ ସାଇନ୍ସ ଫାଉଣ୍ଡେସନ୍‌ର ଫଣ୍ଡିଂକୁ ୯ ପ୍ରତିଶତ ହ୍ରାସ କରାଯାଇଛି । ଏପରିକି ନାସାର ଫଣ୍ଡିଂ ମଧ୍ୟ ଏହି କାଟ୍‌ରୁ ବାଦ୍ ପଡ଼ିନି । 'ଦି ୱାନ୍ ବିଗ୍ ବିୟୁଟିଫୁଲ ବିଲ୍ ଆକ୍ଟ', ଯାହାକି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ୨୦୨୫ ମସିହା ଜୁଲାଇ ୪ ତାରିଖ ଦିନ ସ୍ୱାକ୍ଷରିତ ହୋଇ ଆଇନରେ ପରିଣତ ହୋଇଛି, ତାହା ସଂପ୍ରତିକ ୯ ବିଲିୟନ ଡଲାରର ନ୍ୟାସନାଲ ସାଇନ୍ସ ଫାଉଣ୍ଡେସନ ବଜେଟରୁ ୫୬ ପ୍ରତିଶତର କାଟ୍ କରିବା ସହ ଷ୍ଟାଫ୍ ଓ ଫେଲୋସିପରୁ ମଧ୍ୟ ୭୩ ପ୍ରତିଶତ କାଟ୍ କରିଛି । ଏନଭିରନ୍‌ମେଣ୍ଟାଲ୍ ପ୍ରୋଟେକ୍ସନ୍ ଏଜେନ୍ସିରୁ ମଧ୍ୟ ପୁଞ୍ଜି ବିନିଯୋଗକୁ ଗଭୀର ଭାବରେ କାଣ୍ଟଛାଣ୍ଟ କରାଯାଇଛି । ବିଶ୍ୱ ବିଖ୍ୟାତ ଜର୍ଣ୍ଣାଲ୍ 'ନେଚର'ର ଜୁନ୍ ୨୫, ୨୦୨୫ ସଂସ୍କରଣ ଅନୁଯାୟୀ ଆମେରିକାର ସମସ୍ତ ସାଇନ୍ସ ଓ ଟେକ୍ନୋଲୋଜି ବ୍ୟବସ୍ଥାରୁ ପ୍ରାୟ ୪୦୦୦ ରିସର୍ଚ୍ଚ ଗ୍ରାଣ୍ଟକୁ ଟ୍ରମ୍ପ ପ୍ରଶାସନ ଦ୍ୱାରା ରଦ୍ଦ କରି ଦିଆଯାଇଛି ।

ଏମ୍‌ଆରଏନ୍‌ଏ ଭ୍ୟାକ୍‌ସିନ୍ କାର୍ଯ୍ୟକ୍ରମ, ଯାହାକି ୨୦୨୩ ମସିହାରେ ନୋବେଲ ପ୍ରାଇଜ ଦ୍ୱାରା ବିମଣ୍ଡିତ ହୋଇଥିଲା, ତହିଁରୁ ୫୦୦ ନିୟୁତ ଡଲାରର ଅର୍ଥ କାଟ୍ ହୋଇଛି ଏବଂ ତା' ସହ ୨୨ରୁ ଅଧିକ ଭ୍ୟାକ୍‌ସିନ୍ ପ୍ରୋଜେକ୍ଟରୁ ମଧ୍ୟ ଅର୍ଥ କାଟ୍ ହୋଇଛି । ୟୁଏସ୍‌ଏଡ୍‌କୁ ସଂପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଛି ଏବଂ ତାହା ସହିତ ଏଚଆଇଭି, ଯକ୍ଷ୍ମା ଏବଂ ଆଫ୍ରିକାର ମ୍ୟାଲେରିଆ କାର୍ଯ୍ୟକ୍ରମକୁ ମଧ୍ୟ ବନ୍ଦ କରି ଦିଆଯାଇଛି । ଏତଦ୍ ବ୍ୟତୀତ 'ଗ୍ଲୋବାଲ୍ ଆଲାଏନ୍ସ ଫର୍ ଭ୍ୟାକ୍‌ସିନ୍ ଆଣ୍ଡ ଇମ୍ୟୁନାଇଜେସନ' କାର୍ଯ୍ୟକ୍ରମକୁ ମଧ୍ୟ ପ୍ରତ୍ୟାହୃତ କରି ନିଆଯାଇଛି । ଏ ସମସ୍ତ କାର୍ଯ୍ୟକଳାପ ଆମେରିକାରେ ହେଉଥିବା ମୌଳିକ ଗବେଷଣାର ଜଡ଼କୁ ସଂପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି ଏବଂ 'କଟିଂ-ଏଜ୍ ଇନ୍ନୋଭେସନ୍'ର ପାଇପ୍ ଲାଇନ୍‌କୁ ମଧ୍ୟ ଗୋଟାପଣେ ଦୁର୍ବଳ କରି ଦେଇଛି । ଆମେରିକା ଦିନେ ଗ୍ଲୋବାଲ୍ ଟ୍ୟାଲେଣ୍ଟମାନଙ୍କୁ ଏକ ପ୍ରମୁଖ ଚୁମ୍ବକ ଭାବେ ଆକର୍ଷିତ କରୁଥିବା ବେଳେ ସଂପ୍ରତି 'ବ୍ରେନ୍ ଡ୍ରେନ୍'ର ଅନ୍ଧ ଗଳିରେ ମୁଣ୍ଡ ପିଟି ଲହୁଲୁହାଣ ହେବାକୁ ବାଧ୍ୟ ହେଉଛି ।

ବ୍ରେନ ଡ୍ରେନ୍: ମାଡାଗାସକରରେ ଜନସ୍ୱାସ୍ଥ୍ୟ ଉପରେ ବନ୍ୟା ଓ ବାତ୍ୟାର ପ୍ରଭାବକୁ ନେଇ ଷ୍ଟଡି କରୁଥିବା ଜଣେ ମହିଳା ନୃତତ୍ତ୍ୱ ବିଜ୍ଞାନୀଙ୍କ ଫେଲୋସିପକୁ ପ୍ରତ୍ୟାହୃତ କରି ନିଆଯିବା ପରେ ସେ ଆମେରିକାର ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ଛାଡ଼ି ଅକ୍ସଫୋର୍ଡ ଚାଲି ଯାଇଥିଲେ । ଆମେରିକାର ଓହିଓ ଷ୍ଟେଟ୍ ୟୁନଭର୍ସିଟିରେ କାର୍ଯ୍ୟ କରୁଥିବା ଅନ୍ୟ ଜଣେ ବରିଷ୍ଠ ଗବେଷକଙ୍କ ଫଣ୍ଡିଂକୁ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସମାପ୍ତ କରିଦେବା କାରଣରୁ ସେ ବାଧ୍ୟ ହୋଇ ତାଙ୍କ କ୍ଲିନିକାଲ ଟ୍ରାଏଲ୍ ବା କ୍ଲିନିକାଲ ପରୀକ୍ଷଣ (ମାନବ ଶରୀରରେ ଔଷଧର ପରୀକ୍ଷା ନିରୀକ୍ଷା) ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ । ଏହି ତଥ୍ୟ 'ଗାର୍ଡିଆନ୍'ର ଜୁଲାଇ ୨୦ ତାରିଖ, ୨୦୨୫ ମସିହା ସଂସ୍କରଣରେ ପ୍ରକାଶ ପାଇଛି । ନ୍ୟାସନାଲ ଆସୋସିଏସନ୍ ଅଫ୍ ଫରେନ ଷ୍ଟୁଡେଣ୍ଟ ଆଡଭାଇଜର୍ସ ଅଗଷ୍ଟ ୨୦୨୫ରେ ରିପୋର୍ଟ ପ୍ରକାଶ କରିଥିଲା ଯେ ଉଚ୍ଚଶିକ୍ଷା ପାଇଁ ଆମେରିକାକୁ ଆନ୍ତର୍ଜାତିକ ଛାତ୍ରଛାତ୍ରୀମାନଙ୍କ ଆଗମନ ସଂଖ୍ୟାରେ ୧ ଲକ୍ଷ ୫୦ ହଜାରର ହ୍ରାସ ଘଟିଛି । ଏହା ଫଳରେ ଆମେରିକାକୁ ୭ ବିଲିୟନ ଡଲାରର ରାଜସ୍ୱ ଏବଂ ୬୦ ହଜାର ଚାକିରି ହରେଇବାକୁ ପଡ଼ିବ । ଏହି ତଥ୍ୟ ପ୍ରକାଶ ପାଇଛି 'ଫୋର୍ବସ' ମାଗାଜିନ୍‌ର ଅଗଷ୍ଟ ୩ ତାରିଖ ୨୦୨୫ ସଂସ୍କରଣରେ । ୨୦୧୮ ମସିହାରୁ 'ଚୀନ୍ ଇନିସିଏଟିଭ' ଆମେରିକାରେ ଥିବା ହଜାର ହଜାର ଚୀନୀୟ ବୈଜ୍ଞାନିକମାନଙ୍କୁ ଚୀନ୍ ଦେଶରେ ଥିବା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠାନମାନଙ୍କୁ ଫେରିଯିବା ପାଇଁ ବାଧ୍ୟ କରିଥିଲା । 'ଚୀନ୍ ଇନିସିଏଟିଭ୍' ହେଉଛି ଆମେରିକା ସରକାରଙ୍କ ନ୍ୟାୟ ବିଭାଗ ଦ୍ୱାରା ଆମେରିକାର ବିଭିନ୍ନ ଗବେଷଣାଗାର ଓ ଶିଳ୍ପ ସଂସ୍ଥାମାନଙ୍କରେ ଗୁପ୍ତଚର କାମରେ ଲିପ୍ତ ଥିବା ଚୀନୀୟ ନାଗରିକମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ପ୍ରଣୀତ ହୋଇଥିବା ଏକ କାର୍ଯ୍ୟକ୍ରମ । ଉତ୍ତର ପୂର୍ବ ଯୁକ୍ତରାଷ୍ଟ୍ର ଆମେରିକାର ୮ଟି ପ୍ରଖ୍ୟାତ ଘରୋଇ ବିଶ୍ୱବିଦ୍ୟାଳୟ ଯାହାକୁ ଆଇଭି ଲିଗ୍ ବିଶ୍ୱବିଦ୍ୟାଳୟ ବୋଲି ନାମିତ କରାଯାଇଛି, ଯଥା- ବ୍ରାଉନ ବିଶ୍ୱବିଦ୍ୟାଳୟ, କଲମ୍ବିଆ ବିଶ୍ୱବିଦ୍ୟାଳୟ, କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଡାର୍ଟମାଉଥ କଲେଜ, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ, ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟ, ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟ ଓ ୟାଲେ ବିଶ୍ୱବିଦ୍ୟାଳୟମାନଙ୍କରେ କାର୍ଯ୍ୟ କରୁଥିବା ୟୁରୋପୀୟ ବୈଜ୍ଞାନିକମାନେ ଆମେରିକା ଛାଡ଼ି ଅନ୍ୟତ୍ର ଚାଲି ଯାଉଛନ୍ତି । ବିଶ୍ୱ ବିଖ୍ୟାତ 'ନେଚର' ମାଗାଜିନର ମେ' ମାସ ୧୩ ତାରିଖ, ୨୦୨୫ ସଂସ୍କରଣରେ ଏହି ତଥ୍ୟ ପ୍ରକାଶ ପାଇଛି ।

ଏହାର ବିପରୀତରେ ଗତ ଦୁଇ ଦଶନ୍ଧି ଧରି ଚୀନ୍ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ପୁଞ୍ଜିନିବେଶକୁ ବହୁଳ ପରିମାଣରେ ବୃଦ୍ଧି କରି ଚାଲିଛି, ଯାହାକି ଯୁଗାନ୍ତକାରୀ ଗବେଷଣା ପ୍ରକଳ୍ପମାନଙ୍କରେ ଚୀନ୍‌ର ରଣନୀତିକ ଓ ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଶତ ପ୍ରତିଶତ ପ୍ରମାଣିତ କରୁଛି । ଚୀନ୍‌ର ରିସର୍ଚ୍ଚ ଆଉଟପୁଟ ବା ଗବେଷଣା ଫଳାଫଳ (ଉଭୟ ସଂଖ୍ୟାତ୍ମକ ଓ ଗୁଣାତ୍ମକ ଦୃଷ୍ଟିକୋଣରୁ ମଧ୍ୟ) ବାୟୋସାଇନ୍ସ, କେମିଷ୍ଟ୍ରି, ଭୌତିକ ବିଜ୍ଞାନ, ପୃଥିବୀ ଓ ପରିବେଶ ବିଜ୍ଞାନ ଓ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ବହୁ ଗୁଣ ବୃଦ୍ଧି ଘଟିଛି । ଅପର ପକ୍ଷରେ, ୨୦୨୪ ମସିହା ଡିସେମ୍ବର ୩୧ତାରିଖ ସୁଦ୍ଧା 'ନେଚର ଇଣ୍ଡେକ୍ସ'ର ରିସର୍ଚ୍ଚ ଲିଡର୍ସ ର୍‍ୟାଙ୍କିଙ୍ଗରେ ତଳକୁ ତଳକୁ ଖସି ଚାଲିଛି । ଆଜି ବିଶ୍ୱର ଶ୍ରେଷ୍ଠ ୧୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୀନ୍‌ର ୮ଟି ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଅଛି । ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଉପରେ ର୍‍ୟାଙ୍କ ହାସଲ କରି ବସି ରହିଛି । ଏହି ତାଲିକାରେ ଏକମାତ୍ର ୟୁରୋପୀୟ ପ୍ରତିଷ୍ଠାନ ହେଲା, ଜର୍ମାନୀର ମ୍ୟାକ୍ସ ପ୍ଲାଙ୍କ ସୋସାଇଟି । ଏହି ତଥ୍ୟ ପ୍ରଦାନ କରିଛି ବିଶ୍ୱ ବିଖ୍ୟାତ ସାଇନ୍ସ ଜର୍ଣ୍ଣାଲ୍ 'ନେଚର'ର ଜୁଲାଇ ୨୪, ୨୦୨୫ ସଂସ୍କରଣ ।




୧୯୯୦ ଦଶକର ମଧ୍ୟଭାଗରୁ ଚୀନ୍‌ର ଉଚ୍ଚଶିକ୍ଷା ପଲିସିମାନ ଯଥା- 'ପ୍ରୋଜେକ୍ଟ ୨୧୧', 'ପ୍ରୋଜେକ୍ଟ ୯୮୫' ଏବଂ 'ସି-୯ ଲିଗ୍' ଗବେଷଣାର ତୀବ୍ରତା ଏବଂ ଶିକ୍ଷାଦାନର ଗୁଣବତ୍ତାରେ ଅଭିବୃଦ୍ଧି ଘଟାଇଛି । ପ୍ରୋଜେକ୍ଟ-୨୧୧ ହେଉଛି ଚୀନ୍ ସରକାରଙ୍କ ଦ୍ୱାରା ନଭେମ୍ବର ୧୯୯୫ ମସିହାରେ ଶୁଭାରମ୍ଭ ହୋଇଥିବା ଉଚ୍ଚଶିକ୍ଷାର ବିକାଶ ଓ ପ୍ରାୟୋଜନ ପାଇଁ ଉଦ୍ଦିଷ୍ଟ ଏକ ନିର୍ଭରଯୋଗ୍ୟ ସ୍କିମ୍, ଯାହାର ମୂଳ ଆଭିମୁଖ୍ୟ ହେଲା ଏକବିଂଶ ଶତାବ୍ଦୀ ପାଇଁ ଚୀନ୍‌ରେ ନିର୍ଦ୍ଦିଷ୍ଟ ଭାବେ ୧୧୫ଟି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଓ କଲେଜର ପ୍ରତିଷ୍ଠା ।

ପ୍ରୋଜେକ୍ଟ-୯୮୫ ହେଉଛି ଚୀନ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ମେ' ମାସ ୧୯୯୮ରେ ଶୁଭାରମ୍ଭ ହୋଇଥିବା ଉଚ୍ଚଶିକ୍ଷାର ବିକାଶ ଓ ପ୍ରାୟୋଜନ ସ୍କିମ୍, ଯାହାର ମୂଳ ଉଦ୍ଦେଶ୍ୟ ହେଲା ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ସ୍ଥାପନା କରିବା । ଚୀନ୍‌ର ୩୯ଟି ବିଶ୍ୱବିଦ୍ୟାଳୟକୁ ଏଥିପାଇଁ ମନୋନୀତ କରାଯାଇଥିଲା, ଯାହାକି ମେନଲ୍ୟାଣ୍ଡ ଚାଇନାର ଅତ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାନୁଷ୍ଠାନ ଥିଲା । 'ପ୍ରୋଜେକ୍ଟ-୨୧୧' ଏବଂ 'ପ୍ରୋଜେକ୍ଟ- ୯୮୫' ୧୯୯୦ ଦଶକରେ ଜିଆଙ୍ଗ ଜେମିନ୍ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିଲା, ଯାହାକି ଚୀନ୍‌କୁ ବିଜ୍ଞାନ ଓ ଶିକ୍ଷାର ଉତ୍କର୍ଷ ମାଧ୍ୟମରେ ପୁନର୍ଜୀବିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ଦୁଇଟି ପ୍ରୋଜେକ୍ଟ ଜୁନ୍ ୭, ୨୦୧୬ ମସିହାରେ ଜି ଜିନ୍‌ପିଙ୍ଗଙ୍କ ଶାସନ କାଳରେ ଅଧିସୂଚିତ ହୋଇ ୨୦୧୭ ମସିହାରେ 'ଡବଲ୍ ଫାଷ୍ଟ କ୍ଲାସ କନଷ୍ଟ୍ରକ୍‌ସନ' ପ୍ରକଳ୍ପ ଦ୍ୱାରା ପ୍ରତିସ୍ଥାପନ କରାଯାଇଥିଲା । ହେଲେ ଏବେ ବି ଚୀନ୍‌ରେ ପ୍ରୋଜେକ୍ଟ- ୨୧୧ ଓ ପ୍ରୋଜେକ୍ଟ- ୯୮୫ ମେନ୍‌ଲ୍ୟାଣ୍ଡ ଚାଇନାରେ ଥିବା ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କୁ ଉଲ୍ଲେଖ କରିବା ବା ପ୍ରସଙ୍ଗ ସୂଚାଇବା ପାଇଁ ସାଧାରଣ ଭାବେ ବ୍ୟବହାର କରାଯାଇଥାଏ ।

'ସି-୯ ଲିଗ୍' ହେଉଛି ୨୦୦୯ରେ ପ୍ରତିଷ୍ଠା ହୋଇଥିବା ଚୀନ୍‌ର ୯ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ଏକ ମୈତ୍ରୀ, ମେଳ ବା ସମ୍ବନ୍ଧ, ଯାହାର ମୁଖ୍ୟ ଆଭିମୁଖ୍ୟ ଥିଲା ଉଚ୍ଚଶିକ୍ଷାରେ ଉତ୍କୃଷ୍ଟତାକୁ ପ୍ରୋତ୍ସାହନ ପ୍ରଦାନ କରିବା । ସେହି ବିଶ୍ୱବିଦ୍ୟାଳୟଗୁଡ଼ିକ ହେଲେ- ୧) ପେକିଂ ବିଶ୍ୱବିଦ୍ୟାଳୟ, ୨) ସିନ୍‌ଘୁଆ ବିଶ୍ୱବିଦ୍ୟାଳୟ, ୩) ଫୁଡାନ୍ ବିଶ୍ୱବିଦ୍ୟାଳୟ, ୪) ସଂଘାଇ ଜିଆଓ ଟଙ୍ଗ୍ ବିଶ୍ୱବିଦ୍ୟାଳୟ, ୫) ଝେଜିଆଙ୍ଗ ବିଶ୍ୱବିଦ୍ୟାଳୟ, ୬) ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଫ୍ ଚାଇନା, ୭) ନାନ୍‌ଜିଙ୍ଗ ବିଶ୍ୱବିଦ୍ୟାଳୟ, ୮) ହାରବିନ୍ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏବଂ ୯) ଜି'ଆନ୍ ଜିଆଓଟଙ୍ଗ ବିଶ୍ୱବିଦ୍ୟାଳୟ ।।

୨୦୧୫ ମସିହା ବେଳକୁ ଚୀନ୍‌ରେ ପ୍ରାୟ ଏକ ଡଜନ୍‌ର ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ଏବଂ ତନ୍ମଧ୍ୟରୁ ଅଧିକାଂଶ ବିଶ୍ୱବିଦ୍ୟାଳୟ ସଂପ୍ରତି ଶ୍ରେଷ୍ଠ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟ ସହ ପ୍ରତିଯୋଗିତା କରୁଛନ୍ତି । ବିଶ୍ୱସ୍ତରୀୟ ବିଜ୍ଞାନକୁ ଚୀନ୍‌ର ଅବଦାନ ଏତେ ଶୀଘ୍ର ଅଗ୍ରଗତି କରି ଚାଲିଛି ଯେ ନେଚର ଇଣ୍ଡେକ୍ସ ଡାଟାବେସ୍‌ରେ ଏହାର ନେତୃତ୍ୱ ଆମେରିକାକୁ କାହିଁ କେତେ ପଛରେ ପକାଇ ସାରିଛି । 'ନେଚର' ଜର୍ଣ୍ଣାଲର ଏକ ଲେଖା ଅନୁଯାୟୀ, ୨୦୨୪ ମସିହାର ଡାଟା ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ଏଥିରେ ଚାରି ଗୁଣ ଅଭିବୃଦ୍ଧି ଘଟିଛି । କ୍ଲାରିଭେଟ ଆନାଲିଟିକ୍ସ କମ୍ପାନୀର ଡାଟା ମଧ୍ୟ ଉଲ୍ଲେଖ କରିଛି ଯେ ୨୦୧୮ରୁ ୨୦୨୦ ମସିହା ମଧ୍ୟରେ ଅଧିକ ସାଇଟେଡ୍ ହୋଇଥିବା ବିଶ୍ୱର ଶ୍ରେଷ୍ଠ ୧ ପ୍ରତିଶତ ଗବେଷଣା ନିବନ୍ଧ ମଧ୍ୟରୁ ଚୀନ୍ ୨୭.୨ ପ୍ରତିଶତ ଗବେଷଣା ନିବନ୍ଧ ସୃଷ୍ଟି କରିଥିଲା ବେଳେ ତୁଳନାତ୍ମକ ଭାବେ ଆମେରିକା ସେହି ସମୟ ମଧ୍ୟରେ ୨୪.୯ ପ୍ରତିଶତ ଗବେଷଣା ନିବନ୍ଧ ସୃଷ୍ଟି କରିଛି । ଗାର୍ଡିଆନ୍ ମାଗାଜିନର ଅଗଷ୍ଟ ୧୧, ୨୦୨୨ ସଂସ୍କରଣ ଏହି ତଥ୍ୟ ପ୍ରକାଶ କରିଛି ।

ଚୀନ୍‌ର ପୁନଃଅଭ୍ୟୁଦୟ: ଅଧିକାଂଶ ବିଜ୍ଞାନମୀତିୟ ବିଶ୍ଳେଷଣ (ସାଇଣ୍ଟୋମେଟ୍ରିକ୍ ଆନାଲିସିସ୍) ଭବିଷ୍ୟବାଣୀ କରି କହିଛନ୍ତି ଯେ ଆଗାମୀ ବର୍ଷମାନଙ୍କରେ ଚୀନ୍ ଆଗକୁ ଆହୁରି ଅଧିକରୁ ଅଧିକ ଅଗ୍ରଗତି କରି ଚାଲିବ ଓ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ନିଜକୁ ସମୃଦ୍ଧଶାଳୀ କରି ଗଢ଼ି ତୋଳିବ । ଗୋଟିଏ କ୍ଷେତ୍ରରେ ଦୃଢ଼ ନେତୃତ୍ୱ, ଯାହାକି ସ୍ପଷ୍ଟ ଭାବେ ବାରି ହୋଇ ପଡୁଛି, ତାହା ହେଲା କୃତ୍ରିମ ବୁଦ୍ଧିମତ୍ତା । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର 'କୃତ୍ରିମ ବୁଦ୍ଧିମତ୍ତା ଇଣ୍ଡେକ୍ସ ରିପୋର୍ଟ- ୨୦୨୩' ଉଲ୍ଲେଖ କରିଛି ଯେ ୨୦୨୧ ମସିହାରେ ସମଗ୍ର ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧୀୟ ଗବେଷଣା ନିବନ୍ଧର ସଂଖ୍ୟା ଚୀନ୍‌ରେ ପ୍ରାୟ ୪୦ ପ୍ରତିଶତ ଥିଲା ବେଳେ ୟୁରୋପ୍ ଓ ୟୁକେରେ ୧୫ ପ୍ରତିଶତ ଏବଂ ଆମେରିକାରେ ୧୦ ପ୍ରତିଶତ ଥିଲା । ଠିକ୍ ସେହିଭଳି ୨୦୨୧ ମସିହାରେ ବୈଶ୍ୱିକ କୃତ୍ରିମ ବୁଦ୍ଧିମତ୍ତାର ସାଇଟେସନ୍‌ରେ ଚୀନ୍ ୨୯ ପ୍ରତିଶତ ପ୍ରତିନିଧିତ୍ୱ କରୁଥିଲା ବେଳେ ୟୁରୋପ୍ ଏବଂ ୟୁକେ (୨୧.୫ ପ୍ରତିଶତ) ଓ ଆମେରିକା (୧୫ ପ୍ରତିଶତ) ଥିଲା, ଯାହାକି 'ନେଚର' ଜର୍ଣ୍ଣାଲର ଅଗଷ୍ଟ ୧୦, ୨୦୨୩ ସଂସ୍କରଣରେ ପ୍ରକାଶ ପାଇଛି ।

ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ମୋଟ ଘରୋଇ ବ୍ୟୟ ପରିମାଣ ୨୦୨୩ ମସିହାରେ ଆମେରିକାର ୮୨୩.୪ ବିଲିୟନ ଡଲାର ଥିଲା ବେଳେ ତୁଳନାତ୍ମକ ଭାବେ ଚୀନ୍‌ର ୭୮୦.୭ ବିଲିୟନ ଡଲାର ଥିଲା । ହେଲେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଚୀନ୍‌ର ବ୍ୟୟ ପରିମାଣ ବାର୍ଷିକ ୮.୭ ପ୍ରତିଶତରେ ଅଭିବୃଦ୍ଧି ଘଟୁଛି, ଯାହାକି ଆମେରିକାଠାରୁ ଅଧିକ ଦ୍ରୁତତର (୧.୭ ପ୍ରତିଶତ), ୟୁରୋପୀୟ ୟୁନିଅନ (୧.୬ ପ୍ରତିଶତ), ଜର୍ମାନୀ (୦.୮ ପ୍ରତିଶତ) ଏବଂ ଫ୍ରାନ୍ସ (-୦.୫ ପ୍ରତିଶତ) । ଏହା ଆର୍ଥିକ ସହଯୋଗ ଓ ବିକାଶ ସଂଗଠନ ତଥ୍ୟ ଆଧାରିତ ଅଟେ ।

ଟ୍ରମ୍ପ ପ୍ରଶାସନ ଆମେରିକାର ପ୍ରାୟ ସମସ୍ତ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଓ ନ୍ୟାସନାଲ ସାଇନ୍ସ ଫାଉଣ୍ଡେସନର ବଜେଟକୁ ବ୍ୟବସ୍ଥିତ ଭାବେ ହ୍ରାସ କରି ଚାଲିଥିବା ବେଳେ ଚୀନ୍‌ର ନେତୃତ୍ୱ ଦେଶର ସାଇନ୍ସ, ଟେକ୍ନୋଲୋଜି ଓ ଇନ୍ନୋଭେସନ ସଂକ୍ରାନ୍ତୀୟ ନାନାବିଧ କାର୍ଯ୍ୟକ୍ରମ ଲଞ୍ଚ୍ କରି ବୈଜ୍ଞାନିକ ଗବେଷଣାର ନିତ୍ୟ ନୂତନ ଓ ଅଗ୍ରଣୀ କ୍ଷେତ୍ରକୁ ମଜଭୁତ କରୁଛି । 'ମେଡ-ଇନ୍-ଚାଇନା -୨୦୨୫' କାର୍ଯ୍ୟକ୍ରମର ପରିସମାପ୍ତି ପରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶ ସଂକ୍ରାନ୍ତୀୟ ମଧ୍ୟମ ଓ ଦୀର୍ଘକାଳୀନ ପରିଯୋଜନା କାର୍ଯ୍ୟକ୍ରମ (୨୦୨୧-୨୦୩୫) ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସୃଜନ ସଂକ୍ରାନ୍ତୀୟ ବିଶାଳ କାର୍ଯ୍ୟକ୍ରମ (୨୦୩୦)ର ଷ୍ଟ୍ରାଟେଜିକ୍ କ୍ଷେତ୍ର ଯଥା- କ୍ୱାଣ୍ଟମ୍ ରିସର୍ଚ୍ଚ, କୃତ୍ରିମ ବୁଦ୍ଧିମତ୍ତା ଏବଂ ସେମିକଣ୍ଡକ୍ଟର ଆଦି ହାଇ-ଟେକ୍ ଗବେଷଣା କାର୍ଯ୍ୟକ୍ରମରେ ଚୀନ୍ ଗଭୀର ଭାବେ ତା'ର ଲକ୍ଷ୍ୟ କେନ୍ଦ୍ରୀଭୂତ କରିଛି ଏବଂ 'ଗ୍ଲୋବାଲ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପାୱାର ହାଉସ୍' ଭାବେ ଚୀନ୍‌ର ସ୍ଥାନକୁ ସମଗ୍ର ବିଶ୍ୱରେ ପ୍ରଚଣ୍ଡ ଭାବେ ଦୃଢ଼ୀଭୂତ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛି ।

ଚୀନ୍ ମଧ୍ୟ ମୌଳିକ ଗବେଷଣା କ୍ଷେତ୍ରରେ ନିଜର ଭାଗିଦାରୀରେ ଅଭିବୃଦ୍ଧି ହାସଲ କରିବା ପାଇଁ ନିରନ୍ତର ଭାବେ ପ୍ରୟାସ ଜାରି ରଖିଛି ଏବଂ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ମୋଟ ବ୍ୟୟ ପରିମାଣରେ ତଦନୁଯାୟୀ ଅଭିବୃଦ୍ଧି ମଧ୍ୟ କରି ଚାଲିଛି । ଏ ଦିଗରେ ଚୀନ୍ ନିଜର ସାଂପ୍ରତିକ ବ୍ୟୟ ପରିମାଣ ୭ ପ୍ରତିଶତକୁ ଆମେରିକାର ବେଞ୍ଚମାର୍କ ୨୦ପ୍ରତିଶତ ସ୍ତରକୁ ଆଗାମୀ କିଛି ବର୍ଷ ମଧ୍ୟରେ ନେବା ପାଇଁ ସ୍ଥିର କରି ସାରିଛି । ଯଦି ଏହି ଧାରା ଅବ୍ୟାହତ ରହେ, ତେବେ ଚୀନ୍ ଯେ କେବଳ ଆଗାମୀ ୨-୩ ବର୍ଷ ମଧ୍ୟରେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଆମେରିକାକୁ ଟପି ବିଶ୍ୱର ଶ୍ରେଷ୍ଠ ବ୍ୟୟକାରୀ ରାଷ୍ଟ୍ର ଭାବେ ସଗର୍ବେ ମୁଣ୍ଡ ଟେକି ଦଣ୍ଡାୟମାନ ହେବ ତାହା ନୁହେଁ, ବରଂ ବିଶ୍ୱର ଶ୍ରେଷ୍ଠ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ରାଷ୍ଟ୍ର ଭାବେ ମଧ୍ୟ ଉଦ୍‌ଭାସିତ ହେବ ।

୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ହେବା ପରଠୁ ଦଶନ୍ଧି ଦଶନ୍ଧି ଧରି ଆମେରିକା ହିଁ ବିଜ୍ଞାନ ଓ ନବସୃଜନ କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ଗ୍ରହଣ କରି ଚାଲିଥିଲା ଏବଂ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା କ୍ଷେତ୍ରରେ ଅସାଧାରଣ ସଫଳତା ସଂପନ୍ନ ରାଷ୍ଟ୍ର ଭାବେ ବିବେଚିତ ହେଉଥିଲା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅନ୍ତୁଡ଼ିଶାଳ ଭାବେ ବିଶ୍ୱ ପ୍ରସିଦ୍ଧି ଲାଭ କରିଥିଲା । ହେଲେ ଆଜି ଚକ ଘୁରି ଯାଇଛି । ଆଜି ଆମେରିକାରେ ଗବେଷଣା ଓ ଉନ୍ନୟନ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ସାର୍ବଜନୀନ ପୁଞ୍ଜିନିବେଶରେ ଗଭୀର ଭାବେ ହ୍ରାସ ପରିଲକ୍ଷିତ ହୋଇଛି ଏବଂ ଆମେରିକାର ବଡ଼ଭାଇପଣିଆକୁ ପ୍ରଚଣ୍ଡ ଭାବେ ଧକ୍କା ଲାଗିଛି । ଆମେରିକାର ଗରିମାମୟ ସିଂହାସନ ଆଜି ଭୟ ଓ ଆଶଙ୍କାରେ ଜର୍ଜରିତ । ଯଦି ଆମେରିକାରେ ଏଭଳି ସ୍ଥିତି ଆଗକୁ ଜାରି ରହେ, ତେବେ ବିଶ୍ୱ ମଞ୍ଚରେ ଚୀନ୍‌ର ମହାଅଭ୍ୟୁଦୟକୁ କେହି ଜଣେ ହେଲେ ବି ରୋକି ପାରିବେ ନାହିଁ । ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଚୀନ୍‌ର ବିଶାଳ ପୁଞ୍ଜି ବିନିଯୋଗ ଏବଂ ସମନ୍ୱିତ ପଲିସି ଆମେରିକାକୁ ଯେ ସାତ ପଛରେ ପକେଇ ନ ଦେବ, ସେ କଥା କିଏ କହିବ ? ଏଭଳି ପରିସ୍ଥିତିରେ ଚୀନ୍ ହିଁ ଗ୍ଲୋବାଲ ଇନ୍ନୋଭେସନ୍ ଲ୍ୟାଣ୍ଡସ୍କେପ୍ ବା ବୈଶ୍ୱିକ ନବାଚାର ପରିଦୃଶ୍ୟ ଓ ଏକବିଂଶ ଶତାବ୍ଦୀର ଭୂ-ରାଜନୈତିକ ସନ୍ତୁଳନକୁ ନବୀନତମ ରୂପରେଖ ପ୍ରଦାନ କରିବ- ଏହା ଧ୍ରୁବ ସତ୍ୟ । ■

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି**
**କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର**
**ମୋ: ୯୩୩୮୨୦୪୯୯୩**
**crmishra49@yahoo.in**

# ପ୍ରାର୍ଥନା



**ଶ୍ରୀକାନ୍ତ କୁମାର ମହାଲିକ**



ଆମେ ସାଧାରଣତଃ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାଉ । ନିଜ ନିଜ ଢଙ୍ଗରେ ଏବଂ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ଆମେ ପ୍ରାର୍ଥନା କରୁ । ପ୍ରାର୍ଥନା ମାଧ୍ୟମରେ ଆମେ ଈଶ୍ୱରଙ୍କୁ ଅନେକ କଥା ମଧ୍ୟ ମାଗିଥାଉ । ତେବେ ବଡ଼ କଥା ହେଉଛି, ପ୍ରକୃତ ପ୍ରାର୍ଥନା କ'ଣ ଏବଂ ପ୍ରାର୍ଥନାରୁ ଆମକୁ କ'ଣ ସୁଫଳ ମିଳେ ? ଏହା ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ ।

ପ୍ରାର୍ଥନା ହେଉଛି ନମ୍ରତାର ସ୍ୱର । ପ୍ରାର୍ଥନାରେ ହୃଦୟ କୁହେ; ଏଥିରେ ଶବ୍ଦର ମହତ୍ତ୍ୱ ଗୌଣ । ଯେଉଁ ପ୍ରାର୍ଥନାରେ ଅତି ଅଳ୍ପ ଶବ୍ଦ ଥାଏ, ତାହା ହିଁ ସର୍ବୋତ୍ତମ ପ୍ରାର୍ଥନା ବୋଲି କୁହାଯାଏ । ଆମର ମୁନି ଋଷି ତଥା ସାଧୁ ସନ୍ଥମାନଙ୍କର ମତ ହେଉଛି- ପ୍ରାର୍ଥନା ବା ଭଜନ ତୁଣ୍ଡ ଦ୍ୱାରା ନୁହେଁ, ହୃଦୟ ଦ୍ୱାରା କରାଯାଏ । କେବଳ ହୃଦୟରୁ ଉଠୁଥିବା ପ୍ରାର୍ଥନା ହିଁ ସିଧାସଳଖ ଈଶ୍ୱରଙ୍କ ନିକଟରେ ପହଞ୍ଚି ଥାଏ ଏବଂ ଫଳିତ ହୋଇଥାଏ । ପ୍ରାର୍ଥନାକୁ ଆତ୍ମାର ସ୍ୱରୂପ ପରମାତ୍ମାଙ୍କ ନିକଟରେ ପହଞ୍ଚାଇ ପାରୁଥିବା ସନ୍ଦେଶ ବାହକ ବୋଲି ମଧ୍ୟ କୁହାଯାଏ । କିନ୍ତୁ ଏହି ଡାକ ଶୁଦ୍ଧ ଓ ପବିତ୍ର ଅନ୍ତଃକରଣରୁ ଉତ୍ପନ୍ନ ହେବା ଦରକାର । ଅନ୍ୟ ଅର୍ଥରେ କହିବାକୁ ଗଲେ, ଯେଉଁମାନଙ୍କ ହୃଦୟ ଶୁଦ୍ଧ, ପବିତ୍ର ଏବଂ ଯେଉଁମାନେ ସଦାଚାରୀ, କର୍ତ୍ତବ୍ୟନିଷ୍ଠ ଏବଂ ଈଶ୍ୱରଙ୍କ କଥା ମାନନ୍ତି, ସେହିମାନଙ୍କର ପ୍ରାର୍ଥନା ହିଁ ଈଶ୍ୱରଙ୍କ ନିକଟରେ ପହଞ୍ଚି ଥାଏ ଏବଂ ଈଶ୍ୱର ସେମାନଙ୍କ ଡାକ ଶୁଣିଥାନ୍ତି । ଅନ୍ୟ ପକ୍ଷରେ, ଅଶୁଦ୍ଧ ତଥା ଅପବିତ୍ର ହୃଦୟରେ ଏବଂ କିଛି ପାଇବା ଲାଳସାରେ ଯେଉଁ ପ୍ରାର୍ଥନା କରାଯାଏ, ତାହାକୁ ପ୍ରାର୍ଥନା ନୁହେଁ, ଯାଚନା ବୋଲି କୁହାଯାଏ ଏବଂ ତାହା ବ୍ୟବସାୟ ସ୍ତରର ହୋଇଥାଏ । ଏଣୁ ଏହା ପରମାତ୍ମାଙ୍କ ନିକଟରେ ପହଞ୍ଚିବା ପ୍ରାୟତଃ ସମ୍ଭବ ହୋଇ ନଥାଏ । କାରଣ ଭଗବାନ କାହାରିକୁ ଧନ ସମ୍ପତ୍ତି ବା ଅନ୍ୟ କୌଣସି ଭୌତିକ ସୁଖ ସୁବିଧା ଦେଇ ନଥାନ୍ତି । ନିଜର ପୁରୁଷାର୍ଥ ଦ୍ୱାରା ଏସବୁ ପ୍ରାପ୍ତ କରାଯାଇଥାଏ । ତେବେ ପ୍ରାର୍ଥନା ଦ୍ୱାରା ଆମକୁ କ'ଣ ସୁଫଳ ମିଳେ ଏବଂ ଭଗବାନ ଆମକୁ କ'ଣ ଦିଅନ୍ତି, ଆସନ୍ତୁ ଜାଣିବା ।

ନିୟମିତ ପ୍ରାର୍ଥନା କରିବା ଦ୍ୱାରା ଆମକୁ ଯେଉଁ ସୁଫଳ ମିଳିଥାଏ, ତାହା ଅନ୍ୟ କୌଣସି ଉପାୟରୁ ମିଳିବା ପ୍ରାୟତଃ ସମ୍ଭବ ହୋଇ ନଥାଏ । ପ୍ରତି ଦିନ ପ୍ରାର୍ଥନା କରିବା ଦ୍ୱାରା ଆମର ଅନ୍ତଃକରଣ ପବିତ୍ର ହୋଇଥାଏ । ସ୍ୱଭାବରେ ବ୍ୟାପକ ପରିବର୍ତ୍ତନ ଆସେ । ହତାଶା ଓ ନିରାଶ ଭାବ ମନରୁ ଦୂର ହୋଇ ଉତ୍ସାହ ଉତ୍ପନ୍ନ ହୁଏ । ପ୍ରାର୍ଥନାରୁ ବଞ୍ଚି ରହିବା ପାଇଁ ପ୍ରେରଣା ମିଳେ । ଆତ୍ମଶକ୍ତି ଓ ଆତ୍ମବିଶ୍ୱାସକୁ ଜାଗ୍ରତ କରିବାରେ ଏହା ସହାୟକ ହୋଇଥାଏ । ପ୍ରାର୍ଥନା ଆମକୁ ଭୟ ଓ ବିଷାଦରୁ ମୁକ୍ତ କରେ । ନିତ୍ୟ ପ୍ରାର୍ଥନା ଆମକୁ ଦୈନନ୍ଦିନ ଜୀବନର ଉଦ୍‌ବେଗ ଏବଂ ଚିନ୍ତାଜନିତ ବିକ୍ଷୋଭରୁ ରକ୍ଷା କରେ । ନିଜର ସ୍ୱଭାବରେ ଉତ୍କୃଷ୍ଟତା, ଶାଳୀନତା ଏବଂ ଉଦାରତାର ସମାବେଶ ଘଟେ । ନିଜର ଅଯୋଗ୍ୟତା, କୁପାତ୍ରତା ଏବଂ ଦୁର୍ବଳତା ଦୂର ହୋଇଥାଏ । ପ୍ରାର୍ଥନା ଦ୍ୱାରା ଆମର ମନୋଭୂମି ପବିତ୍ର ହୋଇଥାଏ ଏବଂ ଆମର ବିଚାର ତଥା ଆମର କାର୍ଯ୍ୟ, ବ୍ୟକ୍ତିଗତ ଓ ସାମୂହିକ ଜୀବନରେ ସ୍ଥାୟୀ ସୁଖ ଶାନ୍ତି ପାଇଁ ଯୋଗ୍ୟ ହୋଇଥାଏ । ମୋଟାମୋଟି ଭାବେ ଏକ ସୁସ୍ଥ ଏବଂ ନିରାମୟ ଜୀବନ ପାଇଁ ପ୍ରାର୍ଥନାର ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏଣୁ ଏକ ନିଷ୍କାମ ଏବଂ ପବିତ୍ର ହୃଦୟରେ ପୂର୍ଣ୍ଣ ସମର୍ପଣର ସହ ନିୟମିତ ଭାବେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉଚିତ ।■

**ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**
**ଚାନ୍ଦବାଲି, ଭଦ୍ରକ**
**ମୋ: ୮୬୫୮୪୩୯୭୦୨**

NITIDIN
ନିତିଦିନ
ସୋମବାର, ୨୪ ନଭେମ୍ବର, ୨୦୨୫

# ସଂଘୀୟ ସନ୍ତୁଳନ

ଯେ କୌଣସି ରାଜ୍ୟର ବିଧାନସଭା ଦ୍ୱାରା ପାରିତ ଏକ ବିଲ୍‌କୁ ରାଜ୍ୟପାଳ ଓ ରାଷ୍ଟ୍ରପତି ତାଙ୍କର ସ୍ୱୀକୃତି ପ୍ରଦାନ କରିବା ପାଇଁ କେତେ ଦିନ ପର୍ଯ୍ୟନ୍ତ ଅଟକାଇ ରଖି ପାରିବେ- ଏହି ସନ୍ଦର୍ଭରେ ଭାରତର ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ମତ ଲୋଡ଼ିଥିଲେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କର, ଯାହା ଉପରେ ନିଷ୍ପତ୍ତି ଗ୍ରହଣ କରି କୋର୍ଟ କହିଛନ୍ତି ଯେ ଏକ ପାରିତ ହୋଇଥିବା ବିଲ୍ ଉପରେ ତାଙ୍କର ମଞ୍ଜୁରୀ ଦେବାକୁ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ନ୍ୟାୟପାଳିକା ଦ୍ୱାରା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅନୁବନ୍ଧିତ ରହି ପାରିବେ ନାହିଁ । କୋର୍ଟଙ୍କର ଏହି ନିଷ୍ପତ୍ତି ସ୍ପଷ୍ଟ ଭାବରେ କେବଳ ନ୍ୟାୟପାଳିକା ଏବଂ କାର୍ଯ୍ୟପାଳିକା ମଧ୍ୟରେ କ୍ଷମତାର ସୀମାଙ୍କନ କରେନାହିଁ, ବରଂ ପ୍ରଭାବଶାଳୀ ଭାବରେ ଏକ ପୂର୍ବ ରାୟକୁ ପଛକୁ ଠେଲି ଦେଇଥାଏ ଯାହା ରାଜ୍ୟପାଳଙ୍କ କ୍ଷମତାଗୁଡ଼ିକ ଉପରେ କଡ଼ି ବାନ୍ଧି ଦେଇଥିଲା । ସମ୍ପ୍ରତି ଅନେକଗୁଡ଼ିଏ ରାଜ୍ୟରେ ଏହା ରାଜ ଭବନ ଏବଂ ନିର୍ବାଚିତ ସରକାରମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିକୁ ଆଗେଇ ନେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ, ଯଦିଓ ସମ୍ବିଧାନର ଧାରା ୨୦୦ ଏବଂ ୨୦୧ ଅଧୀନରେ କାର୍ଯ୍ୟ କରୁଥିବା ଉପରୋକ୍ତ ଦୁଇ ପଦବୀଧାରୀ ଏବଂ କାର୍ଯ୍ୟପାଳିକାଙ୍କ ମଧ୍ୟରେ ଉପୁଜୁ ଥିବା ବିବାଦର ଏହି ରାୟ ଗୋଟିଏ ଅଂଶକୁ ସମାଧାନ କରିଛି । ତେବେ ଏହି ବିବାଦର ଏକ ଉଲ୍ଲେଖନୀୟ ଦିଗ ଉପରୋକ୍ତ ରାୟ ଫଳରେ ବାଦ୍ ପଡ଼ି ଯାଇଛି ଯାହାକୁ କୋର୍ଟ ନିଜେ କହିଛନ୍ତି ଯେ 'ଆମର ଜନରାଜ୍ୟାତ୍ମକ ଏବଂ ଗଣତାନ୍ତ୍ରିକ ପଦ୍ଧତି ଏବଂ ସମ୍ବିଧାନର ସଂଘୀୟ ଚରିତ୍ରର ନିରନ୍ତରତା ଉପରେ ଏହା ଆକ୍ରମଣ କରିଥାଏ ।' ଏହା ସ୍ୱାଗତଯୋଗ୍ୟ ଯେ କୋର୍ଟ ଜଣେ ରାଜ୍ୟପାଳ ସବୁଦିନ ପାଇଁ ବିଲ୍‌ଟିଏକୁ ଅଟକାଇ ପାରିବେ କି ନାହିଁ, ସେ ବାବଦରେ କିଛିଟା ସିଦ୍ଧାନ୍ତମୂଳକ ନିଷ୍ପତ୍ତି ଦେଇଛନ୍ତି । ଏହା ଏକ ଅତ୍ୟନ୍ତ ଆକାଂକ୍ଷିତ ସ୍ପଷ୍ଟୀକରଣ ଥିଲା, କାରଣ ଅନେକ ରାଜ୍ୟପାଳ ବିଧାନସଭା ଦ୍ୱାରା ପାରିତ ବିଲ୍‌ଗୁଡ଼ିକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଅଟକାଇ ରଖୁଥିଲେ, ଏପରିକି କେତେକ କ୍ଷେତ୍ରରେ ଏହା ଚାରି କିମ୍ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ହୋଇଥିବା ମଧ୍ୟ ଦେଖାଯାଏ । ଏମିତିକ ତାମିଲନାଡୁର ରାଜ୍ୟପାଳ ତ ସର୍ବସାଧାରଣରେ ବି ଘୋଷଣା କରିଥିଲେ ଯେ ରାଜ୍ୟପାଳ ଯଦି ମଞ୍ଜୁରୀ ପ୍ରଦାନକୁ ଅଟକାଇ ରଖିଛନ୍ତି, 'ତା'ର ଅର୍ଥ ହେଉଛି, ବିଲ୍‌ଟି ମୃତ୍ୟୁବରଣ କଲା ।' ପୁନଶ୍ଚ, କେନ୍ଦ୍ର ସରକାର ବି ରାଜ୍ୟପାଳ ବିଲ୍‌ଟିକୁ ଗୃହକୁ ପୁଣିଥରେ ପୁନର୍ବିଚାର ପାଇଁ ଫେରାଇ ନ ଦେଇ ନିଜ ପାଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରଖି ପାରିବା ସପକ୍ଷରେ ରହିଲେ ।

ପରିଣତିରେ କଥା ଗଲା ଦେଶର ସର୍ବୋଚ୍ଚ ଅଦାଲତଙ୍କ ନିକଟକୁ ଏବଂ ଭାରତର ରାଷ୍ଟ୍ରପତି ଏ ବାବଦରେ ଏକ ସ୍ୱତନ୍ତ୍ର ରେଫରେନ୍ସ ଜରିଆରେ ନ୍ୟାୟପାଳିକାର ମତାମତ ଲୋଡ଼ିଲେ । ଏହା ଉପରେ ସୁପ୍ରିମ୍‌କୋର୍ଟ ଏକ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଗଠନ କଲେ ଯେଉଁଥିରେ ବର୍ତ୍ତମାନର ପ୍ରଧାନ ବିଚାରପତି, ତାଙ୍କ ପରେ ଦେଶର ପ୍ରଧାନ ବିଚାରପତି ଆସନରେ ଅଧିଷ୍ଠିତ ହେବାକୁ ଯାଉଥିବା ବିଚାରପତି ଏବଂ ଭବିଷ୍ୟତର ପ୍ରଧାନ ବିଚାରପତି ସାମିଲ ଥିଲେ । ସେମାନେ କହିଥିଲେ ଯେ ଦେଶର ସମ୍ବିଧାନ ରାଜ୍ୟ ଆଇନ ପ୍ରଣୟନର ପ୍ରକ୍ରିୟା ପାଇଁ ଏକ ସୁଚିନ୍ତିତ ସନ୍ତୁଳିତ ସଂରଚନାକୁ ସନ୍ନିବେଶିତ କରିଛି ଏବଂ ତାହା ସାମ୍ବିଧାନିକ କର୍ତ୍ତୃପକ୍ଷମାନଙ୍କ ଉପରେ ପଦ୍ଧତିଗତ ସମୟ ସୀମା ଧାର୍ଯ୍ୟ କରିବାକୁ କୋର୍ଟଙ୍କୁ ଅନୁମତି ପ୍ରଦାନ କରେନାହିଁ । ରାଜ୍ୟପାଳଙ୍କ ଇଚ୍ଛାଧୀନ କ୍ଷମତାକୁ ଏକ ବିଶୁଦ୍ଧ 'ଯନ୍ତ୍ରମାନବ' ଭୂମିକାକୁ ହ୍ରାସ କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ପ୍ରଦାନ କରି ଏଭଳି ମାମଲାଗୁଡ଼ିକ କ୍ଷେତ୍ରରେ କୋର୍ଟ ନ୍ୟାୟିକ ସମୀକ୍ଷାର ଏକ ଅତ୍ୟନ୍ତ ସୀମିତ ଭୂମିକାର ସଙ୍କେତ ଦେଇଛନ୍ତି ଏବଂ ତାହା ମଧ୍ୟ ସମ୍ଭବତଃ ଏକ ନିର୍ଣ୍ଣାୟକ ଭୂମିକା ନୁହେଁ । କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ 'ଦୀର୍ଘକାଳୀନ ଭିତ୍ତିରେ, ଉଦ୍ଦେଶ୍ୟମୂଳକ ଭାବରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା' କ୍ଷେତ୍ରରେ କୋର୍ଟଗୁଡ଼ିକ ହୁଏତ ରାଜ୍ୟପାଳଙ୍କୁ ସାମ୍ବିଧାନିକ ଭାବରେ ଅନୁମୋଦିତ ବିକଳ୍ପଗୁଡ଼ିକ ମଧ୍ୟରୁ ଯେ କୌଣସିଟିକୁ କାର୍ଯ୍ୟରେ ଲଗାଇବା ପାଇଁ ସୀମିତ ନିର୍ଦ୍ଦେଶନାମା ଜାରି କରି ପାରନ୍ତି । କିନ୍ତୁ ଏହାର ବିଶଦ ତର୍ଜମା କରାଯିବା ପାଇଁ ସର୍ତ୍ତଗୁଡ଼ିକୁ ଖୋଲା ରଖି ତଥା ଏକଥା ଉପରେ ଗୁରୁତ୍ୱାରୋପ କରି ଯେ ରାଜ୍ୟପାଳଙ୍କ ପାଇଁ ଏକ ବିକଳ୍ପକୁ ବାଛିବାକୁ କୋର୍ଟମାନେ ନିର୍ଦ୍ଦେଶ ଦେଇ ପାରିବେ ନାହିଁ କହି କୋର୍ଟ ଅଭିଯୋଗକାରୀ ରାଜ୍ୟମାନଙ୍କ ଦ୍ୱାରା ଦୀର୍ଘକାଳୀନ ବିବାଦର ଦ୍ୱାରକୁ ଖୋଲି ଦେଇଛନ୍ତି ଯାହାର ହୁଏତ କୌଣସି ସିଦ୍ଧାନ୍ତମୂଳକ ଦିଗରେ ଶେଷ ହୋଇ ନପାରେ ।

ମୋଟାମୋଟି କୋର୍ଟଙ୍କର ଏହି ରାୟକୁ କେନ୍ଦ୍ର ସରକାର ଏବଂ ରାଜ ଭବନଗୁଡ଼ିକର ଏକ ବିଜୟ ବୋଲି ପଢ଼ିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ସାମ୍ପ୍ରତିକ ରାୟ ପରିପ୍ରେକ୍ଷୀରେ କେବଳ ଏତିକି କୁହାଯାଇପାରେ ଯେ ଅଣ-ବିଜେପି ରାଜନୀତିକ ଦଳମାନଙ୍କ ଦ୍ୱାରା ଶାସିତ ରାଜ୍ୟମାନଙ୍କରେ ବର୍ତ୍ତମାନ ରାଜ୍ୟପାଳ ଏବଂ ନିର୍ବାଚିତ ସରକାରଙ୍କ ମଧ୍ୟରେ ଅଧିକ ମୁହାଁମୁହିଁ ପରିସ୍ଥିତି ଉପୁଜିବା ଆଶା କରାଯାଇପାରେ ଏବଂ ତା' ସହିତ ରାଜ ଭବନଗୁଡ଼ିକ ଦ୍ୱାରା ତଥାକଥିତ ଭିଟୋ ପ୍ରୟୋଗର ପରମ୍ପରାର ପୁନର୍ବାର ପ୍ରତ୍ୟାବର୍ତ୍ତନକୁ ଆଶା କରାଯାଇପାରେ । ଅବଶ୍ୟ ଆଶ୍ୱାସନା ଏତିକି ଯେ କୋର୍ଟଗୁଡ଼ିକ ବାରମ୍ବାର ଏକଥା କହିଛନ୍ତି କି ସମ୍ବିଧାନ ହେଉଛି ଏକ ଜୀବନ୍ତ ଦସ୍ତାବିଜ ଏବଂ ସମୟାନ୍ତରରେ ଉପୁଜୁ ଥିବା ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏହାର ବାରମ୍ବାର ତର୍ଜମା କରାଯାଇପାରେ ।■

# ଜୀବ ପ୍ରତି ଦୟା

ଶାସ୍ତ୍ର କହିଛନ୍ତି, 'ଜୀବେ ଦୟା ପରମୋ ଧର୍ମ' । ଭାଗବତରେ ଅଛି- 'ଜୀବରେ ଯାର ଦୟାନାହିଁ । ଉଦ୍ଧବ ଚଣ୍ଡାଳଟି ସେହି ।' ସମସ୍ତ ଧର୍ମଗ୍ରନ୍ଥ କୁହନ୍ତି, ଜୀବ ପ୍ରତି ଦୟା କରିବା ଉଚିତ । ବେଳେବେଳେ ଏଇ କଥାଟିକୁ ଆମେ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁ ।

ଜୀବେ ଦୟା କହିବାକୁ ଯାଇ ଆମେ ଘରେ ପାଳିଥିବା ପଶୁ- ପକ୍ଷୀମାନଙ୍କୁ କେବଳ ଜୀବ ବୋଲି ବୁଝୁ । ବାହାରେ ବୁଲୁଥିବା ପ୍ରାଣୀମାନଙ୍କୁ କେବେହେଲେ ଜୀବ ବୋଲି କହି ନଥାଉ । ବୁଲା କୁକୁରଟିଏ ଆମ ଦ୍ୱାରମୁହଁରେ ଠିଆ ହେଲେ ଖୁବ୍ ଶୀଘ୍ର ତାକୁ ତଡ଼ିବାର ବ୍ୟବସ୍ଥା କରୁ କିମ୍ବା ଭିକାରୀଟିଏ ପହଞ୍ଚିଲେ ନାନାଦି କଟୁ କଥା କହୁ । ଏମିତିକି ରାସ୍ତାରେ ଯାଉଥିବା କୁକୁର, ବିରାଡ଼ି ବା ଗାଈଟିଏ ଦେଖିଲେ ବିନା କାରଣରେ ପିଟି ଦେଇ ଚାଲିଯାଉ । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ବାଡ଼ି ଧରି ଗୋଡ଼ାଇ ଥାଉ । ଏଠାରେ ଜୀବେ ଦୟା ଭାବଟି କୁଆଡ଼େ ଯାଏ ? ବାଟରେ ସାପ, ବିଲୁଆ ଆଦି ଦେଖିଲେ ଗୋଡ଼େଇ ଗୋଡ଼େଇ ମାରିଦେବାର ଉପାୟ କରୁ । ଘରେ ବା ଘର ପାଖରେ କୁକୁର କିମ୍ବା ବିରାଡ଼ିର ଛୁଆଟି ସୁନ୍ଦର ଦେଖା ଯାଉଥିଲେ, ତାକୁ ପାଖରେ ରଖିବାକୁ ଇଚ୍ଛା ହୁଏ । ଗେଲ କରିବାକୁ ମନ ବଳେ । କେହି ଯଦି ବାରଣ କରେ, ତେବେ ଆମେ କହୁ ଜୀବ ପ୍ରତି ଦୟା କରିବା ମଣିଷର ଧର୍ମ । ହେଲେ ଆଖି ରୁଚକ ହେଉଥିବା ବା ସୁନ୍ଦର ଦେଖା ଯାଉଥିବା ପ୍ରାଣୀ ପ୍ରତି ଆମର ଯେତିକି ଦୟା ଭାବ ଆସେ, ଅସୁନ୍ଦର ଦେଖା ଯାଉଥିବା ପ୍ରାଣୀକୁ ଦେଖିଲେ ସେତିକି ଘୃଣା ଭାବ ଆସେ । ଏଥିରୁ ସ୍ପଷ୍ଟ ଯେ ଜୀବ ପ୍ରତି ଦୟା କରିବାର ଭାବ ନିର୍ଭର କରେ ଆମ ଇନ୍ଦ୍ରିୟମାନଙ୍କ ଉପରେ । ଇନ୍ଦ୍ରିୟକୁ ତୃପ୍ତି ଦେଉଥିବା ପ୍ରାଣୀଙ୍କୁ ଆମେ ବେଶ୍ ସ୍ନେହ ଶ୍ରଦ୍ଧା କରୁ । ସେହିପରି କୋଇଲିଟିଏ ସୁନ୍ଦର ଗୀତ ଗାଏ ବୋଲି ପିଞ୍ଜରାବଦ୍ଧ କରିବାକୁ ଇଚ୍ଛାକରୁ । କିନ୍ତୁ କାଉକୁ ନୁହେଁ । କୁକୁର ଘର ଜଗେ । ତାକୁ ବାନ୍ଧି ରଖି ସେବାଯତ୍ନ କରୁ । ହେଲେ ଭୋକ ଜ୍ୱାଳାରେ ବୁଲୁଥିବା ଦୁଃଖୀଟିକୁ ଦେଖିଲେ ଜୀବେ ଦୟା ଭାବ ଆସେନାହିଁ । ଏହାର ନାମ ଜୀବେ ଦୟା ନୁହେଁ, ବରଂ ନିଜ ଇନ୍ଦ୍ରିୟକୁ ପରିତୃପ୍ତ କରିବା ନିମିତ୍ତ ଏକ ମାଧ୍ୟମ । ପାଇବାର ଆଶା ଭୁଲିଯାଇ ଯେଉଁ ସେବା କରାଯାଏ, ତାହା ଦୟା । ପାଇବା ଆଶାରେ ଯେଉଁ କର୍ମ କରାଯାଏ, ତାହା ସ୍ୱାର୍ଥ । ସ୍ୱାର୍ଥ ଥିବା ଜୀବକୁ ଯେମିତି ବ୍ୟବହାର, ସ୍ୱାର୍ଥ ନଥିବା ଜୀବ ପ୍ରତି ବି ସେମିତି ବ୍ୟବହାର କରିବାକୁ ହୁଏ ।

ଥରେ ସ୍ୱାମୀ ଚିଦାନନ୍ଦ କାର୍‌ରେ ଯାଉ ଥାଆନ୍ତି । ରାସ୍ତାକଡ଼ରେ କୁକୁରକୁ କେହି ଜଣେ ଗାଡ଼ି ଧକ୍କା ଦେଇ ଯାଇଛି । କୁକୁରଟି ବିକଳରେ ଚିତ୍କାର କରୁଥାଏ । ସ୍ୱାମିଜୀ ଗାଡ଼ି ଚାଳକକୁ କହି ଗାଡ଼ି ଅଟକାଇଲେ । କୁକୁରର ଗୋଡ଼କୁ ଭଲ ଭାବରେ ବ୍ୟାଣ୍ଡେଜ୍ କରିଦେଲେ । ତା'ର କିଛି ଦିନ ପରେ କୁକୁରଟି ସୁସ୍ଥ ହୋଇଥିଲା । ଏ ସେବାରେ ସ୍ୱାମିଜୀଙ୍କର କୌଣସି ସ୍ୱାର୍ଥ ନଥିଲା । ଏହା ହିଁ ନିଃସ୍ୱାର୍ଥ ସେବା ।

ଯେଉଁ ଜୀବଙ୍କୁ ଆମେ ଘୃଣାକରୁ ବା ଭଲପାଉ, ସବୁ ଈଶ୍ୱରଙ୍କ ସୃଷ୍ଟି । ହାତୀଠାରୁ ପିମ୍ପୁଡ଼ି ପର୍ଯ୍ୟନ୍ତ ସମସ୍ତେ ଜୀବ । ପ୍ରତ୍ୟେକଙ୍କ ଆକାର- ପ୍ରକାର, ବଞ୍ଚିବାର ଶୈଳୀ ଭିନ୍ନ । ସ୍ୱାର୍ଥ ତ୍ୟାଗ କରି ଜୀବ ପ୍ରତି ଦୟା ଭାବ ଆଣିଲେ 'ଜୀବେ ଦୟା' ବାଣୀଟି ସାର୍ଥକ ହେବ ।■

ନିତିଦିନ NITIDIN



## କୋଣାର୍କରେ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ

# ୧୦୦ ଗଣ ନାରାୟଣଙ୍କୁ କମ୍ବଳ ବଣ୍ଟନ



**କୋଣାର୍କ,୨୩।୧୧/ଏନ୍ଏନ୍ଏସ୍:** କୋଣାର୍କ ସତ୍ୟସାଇ ସଂଗଠନ ପକ୍ଷରୁ ରବିବାର ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନ ନାଟ୍ୟମଣ୍ଡପ ନିକଟରେ ଥିବା ଶ୍ରୀସତ୍ୟସାଇ ବାବାଙ୍କ ମନ୍ଦିର ପରିସରରେ ସାଇବାବାଙ୍କ ୧୦୦ତମ ଜନ୍ମ ବାର୍ଷିକ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଓଁକାର ସୁପ୍ରଭାତ ନଗର ସଂକୀର୍ତ୍ତନ ମାଧମରେ କୋଣାର୍କ ବଜାର ପରିକ୍ରମା କରାଯାଇଥିଲା। ପରେ ସାଇପତାକା ଉତ୍ତୋଳନ କରାଯାଇ ଷୋଡ଼ଶ ଉପଚାରରେ ବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ୧୦୦ଜଣ ଗଣ ନାରାୟଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ପରେ ସତ୍ୟସାଇ ମନ୍ଦିର ପରିସରରେ ୫୦୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟସାଇ ସେବା ସଂଗଠନ, କୋଣାର୍କର ଆବାହକ ଅଧ୍ୟାପକ ଅରବିନ୍ଦ ସାହୁ ପୁରୀ ଜିଲ୍ଲା ସତ୍ୟସାଇ ସଂଗଠନର ସଭାପତି ବଂଶୀଧର ମହାପାତ୍ର, ପୁରୀ ଜିଲ୍ଲା ଶିକ୍ଷା ସଂଯୋଜକ ସୂର୍ଯ୍ୟନାରାୟଣ ମହାପାତ୍ର, ରତ୍ନାକର ବଳ, ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ବାମଦେବ ଆଲୁକ, ରାମକୃଷ୍ଣ ମହାନ୍ତି, କୈଳାସ ଚନ୍ଦ୍ର ପରିଡ଼ା, ସଂଯୁକ୍ତା ପାତ୍ର, ରାଜକିଶୋର ପ୍ରଧାନ, କାଳନ୍ଦୀ ପାଢ଼ି, ଅଧ୍ୟାପକ ବିଚିତ୍ରଲେଙ୍କା, ପ୍ରଦୀପ୍ତ ପ୍ରଧାନ, ଆଲୋକ ଚନ୍ଦ୍ର ବିଶ୍ୱାଳ, ଭ୍ରମରବର ସେଠୀ, ରଂଜିତ କୁମାର ଲେଙ୍କା, ଶୀଳାକୀର୍ତ୍ତି ପାତ୍ର ଓ ମୀନକେତନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଛାତ୍ରଛାତ୍ରୀଙ୍କ ଜାତୀୟ ରାଜପଥ ଅବରୋଧ



**ଚୌଦ୍ୱାର,୨୩।୧୧/ଏନ୍ଏନ୍ଏସ୍:** ଶନିବାର ପୂର୍ବାହ୍ନରେ ଚୌଦ୍ୱାର କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୫୫ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ସମୟ ଅବରୋଧ କରାଯାଇଥିଲା। ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପିକା ପତ୍ନୀଙ୍କୁ ଆଣିବାକୁ ଯିବା ସମୟରେ ଜଣେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଭାଗ୍ୟକିଶୋର କର କଳିଙ୍ଗ ପେଟ୍ରୋଲ ପମ୍ପ ସମ୍ମୁଖ ଗଳା ପୋଲ ନିକଟରେ ଟ୍ରକ ଧକ୍କାରେ ମୃତ୍ୟୁବରଣ କରିଥିଲେ। ଉକ୍ତ ଘଟଣାକୁ ନେଇ କଲେଜର ଶତାଧିକ ଛାତ୍ରୀଛାତ୍ର ରାସ୍ତା ଅବରୋଧ କରିଥିଲେ। କଲେଜ ସମ୍ମୁଖରେ ଏକ ଫୁଟ ଓଭର ବ୍ରିଜ ନିର୍ମାଣ, ଦିନରେ ସର୍ଭିସ ରୋଡ଼ରେ ଭାରୀଯାନ ଯାତାୟତକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ରାସ୍ତା ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରି ରାସ୍ତା ସମ୍ପ୍ରସାରଣ କରିବାକୁ ଦାବୀ ହୋଇଥିଲା। ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା, ଚୌଦ୍ୱାର ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଇନସପେକ୍ଟର ସରସ୍ୱତୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା। ଯାତାୟାତ ପରେ କଲେଜ କର୍ତ୍ତୃପକ୍ଷ, ଥାନା ଅଧିକାରୀ ଓ ଅଞ୍ଚଳର କିଛି ବ୍ୟକ୍ତିଙ୍କୁ ନେଇ କଲେଜ ପରିସରରେ ଏକ ବୈଠକ କରାଯାଇଥିଲା। ସର୍ଭିସ ରୋଡ଼ରେ ଦିନରେ ଭାରୀଯାନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ସର୍ଭିସ ରୋଡ଼ ପାର୍ଶ୍ୱରେ ଥିବା ଜବରଦଖଲକୁ ଉଚ୍ଛେଦ କରି ରାସ୍ତାକୁ ସମ୍ପ୍ରସାରିତ କରିବା ପ୍ରତିଶ୍ରୁତି ମିଳିବା ପରେ ବୈଠକରେ ହୋହାଲ୍ଲା କରୁଥିବା ଛାତ୍ରୀଛାତ୍ର ଶାନ୍ତ ପଡ଼ିଥିଲେ। ହେଲେ କଲେଜ ସମ୍ମୁଖରେ ଫୁଟ୍ ଓଭରବ୍ରିଜ ନିର୍ମାଣ କରିବା ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଡିସିପି ପ୍ରକାଶ କରିଥିଲେ।

# ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ 'ନିଶା ହଟାଅ ଦେଶ ବଞ୍ଚାଅ'

**ଡେଲାଙ୍ଗ,୨୩।୧୧/ଏନ୍ଏନ୍ଏସ୍:** ପୂର୍ବତନ ମୁଖ୍ୟମନ୍ତ୍ରୀ ଦିବଙ୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ନିଶା ହଟାଅ ଦେଶ ବଂଚାଅ କାର୍ଯ୍ୟକ୍ରମ ବେରବୋଇ ଗାନ୍ଧୀପୀଠରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାବେଶରେ ଗାନ୍ଧୀ ସ୍ମାରକୀ ସମିତି ସଭାପତି କୁନ୍ତଳା ବିଶ୍ୱାଳ, ବୀମସେନ ମହାପାତ୍ର, ଅନାମ ମଲ୍ଲିକ୍, କିଶାନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଗୀତାଞ୍ଜଳୀ ବେହେରା, ସ୍ୱପ୍ନା ରାଉତ, ସୁରେଶ କୁମାର ମନ୍ତ୍ରୀ, ସଂଗୀତା ବେହେରା,କସ୍ତୁରବା ସେବାକେନ୍ଦ୍ର ସଂଚାଳିକା କବିତାରାଣୀ ପରିଡା, ସବିତା ପଟ୍ଟନାୟକ, ସ୍ନେହମୟୀ ରାଉତ, ପ୍ରଦୀପ ନାୟକ, ସ୍ୱପ୍ନାରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ଜଣେ ବିପ୍ଳବୀ, ସମାଜସେବୀ, ନିଶା ବିରୋଧରେ ସ୍ୱର ଉତୋଳନ, ଭୂଦାନ ଓ ଚାଷୀଆନ୍ଦୋଳନରେ ତାଙ୍କର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟକୁ ନିଶାମୁକ୍ତ ଓଡିଶା ପାଇଁ ୧୯୫୬ ଆଇନ୍ ପ୍ରଣୟନ କରିଥିଲେ। ପରବର୍ତ୍ତୀ ସରକାର ଏନେଇ ଗୁରୁତ୍ୱ ନଦେବାରୁ ଏହି ଆଇନ୍‌ଟି ମୃତବତ୍ ଭାବେ ପଡିରହିଛି। ଅବକାରୀ ଆଇନ୍ ଅନୁଯାୟୀ ବିଦ୍ୟାଳୟ, ମହାବିଦ୍ୟାଳୟ, ଉପାସନା ସ୍ଥଳୀ, ଜାତୀୟ ରାଜପଥକଡ ଆଦି ସର୍ବସାଧାରଣ ସ୍ଥାନମାନଙ୍କରେ ମଦ ଦୋକାନ ଖୋଲିବାର ନିୟମ ନାହିଁ। ହେଲେ ଏହି ନିୟମ ଗୁଡିକ ପାଳନ କରାନଯିବାରୁ ଯୁବ ଗୋଷ୍ଠୀ, ଛାତ୍ରଛାତ୍ରୀମାନେ ନିଶା କବଳରେ ପଡି କୁପଥ ଗାମୀ ହେଉଥିବା ନେଇ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଆସନ୍ତା କାଲି ନିଶା ନିବାରଣ ନେଇ ଏକ ଦାବିପତ୍ର ଡେଲାଙ୍ଗ ତହସିଲଦାରଙ୍କୁ ପ୍ରଦାନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ମିଳିଛି।



# ବାମନ ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଦିବସ



**ବୋଲଗଡ଼,୨୩।୧୧/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ୭୭ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଦିବସ ରବିବାର ପାଳିତ ହୋଇଯାଇଛି। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କାଙ୍କ ପୌରହିତ୍ୟ ଓ ବିଦ୍ୟାଳୟର ଏଏନଓ କେଶବ ସିଂହଙ୍କ ଦ୍ୱାରା ଆୟୋଜିତ ଏନସିସି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋଲଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପତାକା ଉତ୍ତୋଳନ କରିଥିଲେ ଓ ଦେଶ ପାଇଁ ଥିବା କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ଯାଜ୍ଞ ସେନୀ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ଦଳବେହେରା ଯୋଗ ଦେଇଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କନିଷ୍ଠ ଡ୍ରିଲ ୧୦୦ ମି ଦୌଡ଼ ପ୍ରତିଯୋଗିତାରେ କ୍ୟାଡେଟ୍ ଅଙ୍କିତ ପାତ୍ର ୧ମ ବିଜେତା ଭାବେ ସ୍ଥାନ ଅଧିକୃତ କରିଥିବା ବେଳେ ୨ୟ ସ୍ଥାନରେ କ୍ୟାଡେଟ୍ ଶୁଭମ୍ ରାଉତରାୟ ଓ ୩ୟ ବିଜେତା ଭାବେ କ୍ୟାଡେଟ୍ ସୌମ୍ୟରଞ୍ଜନ ନିଶଙ୍କ ରହିଥିଲେ। ସେହିପରି ମହିଳା ଡ୍ରିଲ ୧ମ ବିଜେତା କ୍ୟାଡେଟ୍ ଲିପ୍ସା ରଥ, ୨ୟ ବିଜେତା କ୍ୟାଡେଟ୍ ଅର୍ପିତା ଦଳବେହେରା ଓ ୩ୟ ବିଜେତା କ୍ୟାଡେଟ୍ ଅର୍ପିତା ମହାପାତ୍ର ରହିଥିଲେ ଓ ଚଳିତ ବର୍ଷ ସର୍ବୋତ୍ତମ ଏନସିସି କ୍ୟାଡେଟ୍ ଭାବେ ଆଦର୍ଶ କୁମାର ନାୟକ ଘୋଷିତ ହୋଇଥିଲେ। ଏମାନଙ୍କୁ ମଞ୍ଚ ପକ୍ଷରୁ ଅତିଥି ପ୍ରମୁଖମାନେ ସମ୍ମାନିତ କରିଥିଲେ। ସେହିପରି ସମାଜ ଖବରଦାତା ପାଣ୍ଡବ ସାହୁ ଓ ନିତିଦିନ ଖବରଦାତା ପ୍ରଫୁଲ୍ଲ କୁମାର ସିଂହଙ୍କୁ ମଞ୍ଚ ପକ୍ଷରୁ ସଂମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ କର୍ମଚାରୀ ଅଶୋକ ଦଳେଇ, ଦୀପକ କୁମାର ତ୍ରିପାଠୀ, ଅଭିମନ୍ୟୁ ପଲେଇ ଓ ସନ୍ତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଏଏନଓ ଶ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଦେଶୀ ବ୍ୟବହାର ପାଇଁ ଶପଥପାଠ କରାଇଲେ କେନ୍ଦ୍ରାପଡ଼ା ସାଂସଦ



**ସାଲେପୁର,୨୩।୧୧/ଏନ୍ଏନ୍ଏସ୍:** ସାଲେପୁର ନିର୍ବାଚନ ମଣ୍ଡଳୀ ସ୍ଥରୀୟ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ ଓ ବନ୍ଦେ ମାତରମ ସଙ୍ଗୀତର ଶହେ ବର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମଣ୍ଡପ ପରିସରରେ ବିଜେପି କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି ଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଯୋଗ ଦେଇ ବନ୍ଦେ ମାତରମ ସଙ୍ଗୀତ ଗାନ କରିବା ସହିତ ଉପସ୍ଥିତ ସମସ୍ତ ବିଜେପି କର୍ମକର୍ତ୍ତା ଓ କର୍ମୀ ମାନଙ୍କୁ ଘରେ ଘରେ ସ୍ୱଦେଶୀ, ପ୍ରତି ଘରେ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ପାଇଁ ଶପଥ ପାଠ କରାଇଥିଲେ।ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନେତା କୁଞ୍ଜ ମୋହନ ସେଠୀ, ଚୌଧୁରୀ ହେମନ୍ତ ସାହୁ, ବିଜେପି ନେତା ହିମାଂଶୁ ମହାନ୍ତି,ସତ୍ୟବାଦୀ ଚଇନୀ,ମଣ୍ଡଳ ସଭାପତି ସାଲେପୁର ଅସିତ ମହାନ୍ତି, ରାମେଶ୍ୱର ମଣ୍ଡଳ ସଂଗୀତା ଜେନା,ବହୁଗ୍ରାମ ମଣ୍ଡଳ ହେମନ୍ତ ସ୍ୱାଇଁ ,ଭଟିମୁଣ୍ଡା ମଣ୍ଡଳ ଲକ୍ଷ୍ମଣ ସାହୁ ,ଟାଙ୍ଗୀ ମଣ୍ଡଳ ହୃଷୀକେଶ ସାମଲ ,ସଫା ମଣ୍ଡଳ ସମୀର ମହାନ୍ତି,, ବିଜୟଲକ୍ଷ୍ମୀ ଦାଶ,ଆତ୍ମା ସଭାପତି ରମେଶ ନାୟକ,ସନାତନ ଦାଶ, ତାପସ ଜେନା,ମନୋଜ କୁମାର ବିଶ୍ୱାଳ, ରିତେଶ ଦାସ ଙ୍କ ସହିତ ସମସ୍ତ ମଣ୍ଡଳ ସଭାପତି, ପଞ୍ଚାୟତ ଦାୟିତ୍ୱ ରେ ଥିବା କର୍ମକର୍ତ୍ତା, ପୁରୁଷ ଓ ମହିଳା କର୍ମୀ ମାନେ ଉପସ୍ଥିତ ଥିଲେ। ଆଜି କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ହେଲିକ୍ୟାପ୍ଟର ଯୋଗେ ଆସି ସାଲେପୁର ହାଇସ୍କୁଲ ପଡ଼ିଆରେ ଅବତରଣ କରିବା ପରେ ସହ ସହ ସଂଖ୍ୟାରେ ବିଜେପି କର୍ମୀମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ନେଇ ବାଲିସାହି କଲ୍ୟାଣ ମଣ୍ଡପ ରେ ପହଞ୍ଚାଇ ଥିଲେ। ଏହାପରେ ସେଠାରେ ମଣ୍ଡପ ଭିତରେ ଏକ ରୁଦ୍ଧ ଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କି କିଛି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରେ ଥିବା କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଏଥିରେ ସାଂସଦ ଉପସ୍ଥିତ କର୍ମକର୍ତ୍ତା ମାନଙ୍କୁ ଗୁରୁ ମନ୍ତ୍ର ଦେଇଥିବା ଜଣାପଡିଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ସାକ୍ଷୀଗୋପାଳ,୨୩।୧୧/ଏନ୍ଏନ୍ଏସ୍:** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ସତ୍ୟବାଦୀ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା,ମଣ୍ଡଳ ଉନ୍ନୟନ ଅଧିକାରୀ ଦେବାଶିଷ ନାୟକ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷା ପ୍ରାଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକ, ଜିଲ୍ଲାପାରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦଘାଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୋନିକା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାକ୍ଷୀଗୋପାଳ କଲେଜ ଯୁବ ରେଡ଼କ୍ରସ ଏବଂ ଜାତୀୟ ସେବା ଯୋଜନା ଛାତ୍ର ଛାତ୍ରୀମାନଙ୍କ ସହିତ ପ୍ରାଧ୍ୟାପକ ପ୍ରାଧପକ, ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କ ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଶିବିରରେ ୨୮୫ ଜଣ ଅସ୍ଥିଶଲ୍ୟ, ୮୯ଜଣ ମାନସିକ ଅନଗ୍ରସର, ୭୦ଜଣ ଚକ୍ଷୁ, କର୍ଣ୍ଣ, ନାସା ଓ ଗଳା ଆଦି ମୋଟ ୫୬୮ଜଣଙ୍କୁ ଚିହ୍ନଟ କରାଯାଇଛି। ଅସ୍ଥିଶଲ୍ୟ ବିଭାଗ, ନାସା, ଗଳା, କର୍ଣ୍ଣ, ଅଡିଓଲୋଜିଷ୍ଟ , ଚକ୍ଷୁ ବିଭାଗ ଡ଼କ୍ତରମାନେ ହିତାଧିକାରୀମାନଙ୍କୁ ଚିକିତ୍ସା ପରାମର୍ଶ ଯୋଗାଇଦେଇ ମାନ ନିର୍ଦ୍ଧାରଣ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସମିତିସଭ୍ୟ ସଭ୍ୟା ଚିହ୍ନଟ ପ୍ରକ୍ରିୟା ପରିଚାଳନା କରିଥିଲେ।

# ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍: ଭୁବନେଶ୍ୱର ଚାମ୍ପିଅନ୍

**ଶରଣକୁଳ,୨୩।୧୧/ଏନ୍ଏନ୍ଏସ୍:** ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ୬୪ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ ୟୁନାଇଟେଡ଼ ସ୍ପୋର୍ଟ କ୍ଲବ, ବରଗଡ଼ ଓ ଗନ୍ଦରପୁର ଫୁଟବଲ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଦଳ ଟାଇ ବ୍ରେକର୍‌ରେ ୫ -୪ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଖେଳର ପ୍ରଥମାର୍ଦ୍ଧ ଚିତ୍ତାକର୍ଷକ ଓ ସଂଘର୍ଷପୂର୍ଣ୍ଣ ଥିବାବେଳେ କେହି କାହାରି ବିପକ୍ଷରେ ଗୋଲ ସ୍କୋର କରି ପାରି ନଥିଲେ। ଦ୍ୱିତୀୟାର୍ଦ୍ଧ ଖେଳ ଧୂମଧାମ ଚାଲିଥିବା ବେଳେ ୧୯ତମ ମିନିଟରେ ଭୁବନେଶ୍ୱର ଦଳର ୧୧ନମ୍ବର ଜର୍ସି ଖେଳାଳି ଅସୀମ ଟୁଡୁ ବରଗଡ଼ ଦଳ ବିପକ୍ଷରେ ଏକ ଗୋଲ ସ୍କୋର କରି ଦଳକୁ ଆଗେଇ ନେଇଥିବା ବେଳେ ୨୮ତମ ମିନିଟ ରେ ବରଗଡ଼ ଦଳର ୯ ନମ୍ବର ଜର୍ଶୀ ଖେଳାଳୀ ସୁନୀଲ ପଢିଆରୀ ଗୋଲଟିକୁ ସୁଝାଇବାରେ ସକ୍ଷମ ହୋଇଥିଲେ। ପରେ ପରେ ୩୪ତମ ମିନିଟରେ ୮ନମ୍ବର ଜର୍ସି ଖେଳାଳୀ ଚନ୍ଦନ ନାୟକ ପୁଣି ଏକ ଗୋଲ ସ୍କୋର କରି ଦଳକୁ ୨-୧ ଗୋଲରେ ଆଗୁଆ ରଖିଥିଲେ। କିନ୍ତୁ ଖେଳ ସମାପ୍ତ ହେବାର ୨ ମିନିଟ ପୂର୍ବରୁ ଭୁବନେଶ୍ୱର ଦଳର ୨୬ ନମ୍ବର ଜର୍ସି ଖେଳାଳି କ୍ରିଷ୍ଣ ହରିପାଲ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ସମାନ ସ୍ତରକୁ ନେଇଆସିଥିଲେ। ଫଳରେ ଆସୋସିଏସନର ନିୟମ ଅନୁଯାୟୀ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଭୁବନେଶ୍ୱର ଦଳ ଟାଇ ବ୍ରେକର ୫-୪ ଗୋଲରେ ବରଗଡ଼ ଦଳକୁ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ମନସୁର ବକ୍ସ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ,ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଢିଆରୀ ଅତିଥି ରୂପେ ଯୋଗଦେଇ ଚାମ୍ପିଅନ୍ ଦଳକୁ ୩୦ହଜାର ନଗଦ ଅର୍ଥ ରାଶି ସହିତ ଟ୍ରଫି ଓ ପରାଜିତ ଦଳକୁ ନଗଦ ୨୦ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ଭୁବନେଶ୍ୱର ଦଳର ଅସୀମ ଟୁଡୁ ଓ ବରଗଡ଼ ଦଳର ସୁଶୀଲ ପଢିଆରୀ ଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ଜଗନ୍ନାଥ ପରିଡା ଓ ପ୍ରସନ୍ନ ନାୟକ ଲାଇନ୍ ରେ ସହାୟତା କରିଥିଲେ। ଉପସଭାପତି ବିକ୍ରମ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସମ୍ପାଦକ ରବୀନ୍ଦ୍ର ଚୌଧୁରୀ ବିବରଣୀ ପାଠ କରିଥିଲେ। କୃଷ୍ଣଚନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ବରାଡ଼, ମନୋରଞ୍ଜନ ଦାଶ, କିଶୋର ବରାଡ଼, ରମେଶ ବରାଡ଼ ପ୍ରମୋଦ କୁମାର ଦାସ ପ୍ରମୁଖ ଖେଳରେ ସହଯୋଗ କରିଥିଲେ।




# ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

**ଭୁଷଣ୍ଡପୁର,୨୩।୧୧/ଏନ୍ଏନ୍ଏସ୍:** ମିଳିତ ଓଡିଶା ନିଶାନିବାରଣ ଅଭିଯାନ ତରଫରୁ ଟାଙ୍ଗୀ ରତ୍ନମାଳୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ମହାନ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପବିତ୍ର ଜନ୍ମଦିବସ ଉପଲକ୍ଷେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପରେ ସରଳ ନିରାଡ଼ମ୍ବର ଜୀବନ ଯାପନ କରୁଥିବା ଋଷି ପ୍ରତିମ ରାଜନେତା ହେଉଛନ୍ତି ନବକୃଷ୍ଣ ଚୌଧୁରୀ ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର କରିବା ଓ ନିଶା ନିବାରଣକୁ ପ୍ରାଧାନ୍ୟ ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସାକାର ହୋଇନାହିଁ। ବିଶିଷ୍ଟ ସମାଜସେବୀ, ପୂର୍ବତନ ବିଧାୟକ ଶତାୟୁ ପୁରୁଷ ପଦ୍ମଚରଣ ନାୟକ ନିଜ ଜୀବନକୁ ଉତ୍ସର୍ଗକରି ରାଜ୍ୟରେ ସମ୍ପୂର୍ଣ୍ଣ ନିଶାନିବାରଣକୁ ଅଗ୍ରାଧିକାର ଦେଇ ମିଳିତ ଓଡିଶା ନିଶାନିବାରଣ ଅଭିଯାନ ମାଧ୍ୟମରେ କେବଳ ଓଡିଶା ନୁହେଁ ସମଗ୍ର ଦେଶରେ ସଚେତନତା କାର୍ଯ୍ୟକ୍ରମ ଚଳାଇ ରଖିଛନ୍ତି। ତେଣୁ ଦଳମତ ଓ ବୟସ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ମଦ ସମେତ ଅନ୍ୟାନ୍ୟ ନିଶା ଦ୍ରବ୍ୟକୁ ସମୂଳେ ହଟାଇ ଦେଇ ପାରିଲେ ନବକୃଷ୍ଣ ଚୌଧୁରୀଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ସାମ୍ପ୍ରତିକ ସମୟରେ ସମସ୍ତେ ମଦ ବିରୋଧୀ ଆନ୍ଦୋଳନ ଓ ମଦମୁକ୍ତ ଓଡ଼ିଶାର ପ୍ରମୁଖ ସ୍ରଷ୍ଟା ଶତାୟୁ ପୁରୁଷ ଆଜୀବନ ସଂଗ୍ରାମୀ ପଦ୍ମ ଚରଣ ନାୟକଙ୍କ ମୋନାରେ ସାମିଲ ହୋଇ ମଦ ମୁକ୍ତ ଓଡିଶା ଗଠନ ଦିଗରେ ଜଡିତ ହେବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଟାଙ୍ଗୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ଗୋବିନ୍ଦ ପ୍ରସାଦ ଧଳ, ପରୀକ୍ଷିତ ମହାରଣା, ଜାନକୀବଲ୍ଲଭ ବିଶ୍ୱାଳ, ବସନ୍ତ ବେହେରା, ଶିବପ୍ରସାଦ ସେଠୀ, ଗଦାଧର ସାମନ୍ତରାୟ, ବେଣୁଧର ରାଉତ, ପ୍ରଦୀପ କୁମାର ସାହୁ, ରଜନୀ କାନ୍ତ ମିଶ୍ର, ପ୍ରମୋଦ କୁମାର ଶ୍ରୀଚନ୍ଦନ, ରତିକାନ୍ତ ସାହୁ, କମଳ କାନ୍ତ ରାୟ ଓ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଆଲୋକପାତ କରିଥିଲେ।




# ବାତ୍ୟା ଆଶଙ୍କାରେ ଚାଷୀ ଭୟଭୀତ

**ଚାରିଛକ,୨୩।୧୧/ଏନ୍ଏନ୍ଏସ୍:** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହେବା ଆଶଙ୍କାରେ ଅଞ୍ଚଳର ଚାଷୀମାନେ ଏକ ପ୍ରକାର ଭୟଭୀତ ଅବସ୍ଥାରେ ଥିବା ଜଣାପଡିଛି। ଚାରିଛକ ଅଞ୍ଚଳରେ ଥିବା ବିଭିନ୍ନ ପଞ୍ଚାୟତ ଗୁଡିକରେ ଚାଷୀମାନଙ୍କ ହଜାର ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପାଚିଲାଧାନ ସବୁ କ୍ଷେତରେ ପଡ଼ିରହିଛି। ଚାଷ ଜମି ଓଦା ଥିବାରୁ ଚାଷୀମାନେ ଧାନ କାଟିବା ସମ୍ଭବପର ହୋଇପାରିନଥିବାରୁ ପାଣିପାଗ ବିଭାଗ ବାତ୍ୟା ଆକଳନ କରିବା ଦ୍ୱାରା ଚାଷୀମାନଙ୍କ ଭିତରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। କେତେକ ଚାଷୀ ତାଙ୍କ ଚାଷ ଜମିରୁ ତରବରିଆ ଭାବେ ଧାନକୁ କାଟି ଉଚ୍ଚାସ୍ଥାନକୁ ବୋହି ଆଣୁଥିବା ଦେଖିବାକୁ ମିଳିଛି। ଲଘୁଚାପ ଅବପାତ ୪ଦିନ ବାକିଥିବା ବେଳେ ଆଜି ଠାରୁ କୋହଲାପାଗ ଦେଖି ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବାତ୍ୟା ବର୍ଷାରେ ଧାନ ଫସଲ ସହ ପନିପରିବା ନଷ୍ଟ ହେବାର ଆଶଙ୍କା ରହିଛି। ଚାରିଛକ ଅଞ୍ଚଳର ଜନସାଧାରଣ ଚାଷ ଉପରେ ନିର୍ଭରକରି ଚଳିଥାନ୍ତି। ଅଧିକାଂଶ ଚାଷଜମି ଖାଲଖମା ହୋଇଥିବାରୁ ଧାନ ଅମଳରେ ବାଧା ଉପୁଜୁଥିବା ଲକ୍ଷ୍ୟ କରାଯାଉଛି।

# ତାଲୁକ ଆଇନସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ଓଡ଼ଗାଁ,୨୩।୧୧/ଏନ୍ଏନ୍ଏସ୍:** ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ତରଫରୁ ରବିବାର ଅଦାଲତ ପରିସରରେ ବିଦ୍ୟାଳୟ ସ୍ଥରୀୟ ଚିତ୍ରାଙ୍କନ ପ୍ରରିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବ୍ଲକର ୩୦ ଗୋଟି ବିଦ୍ୟାଳୟରୁ ୪୩ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ତାଲୁକ ଆଇନ ସେବା ପ୍ରାଧିକାରଣର ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ଅଧକ୍ଷତାରେ ଏକସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଓଡ଼ଗାଁ ଦେୱାନୀ(ବରିଷ୍ଠ) ବିଭାଗ ବିଚାରପତି ଜନ୍ମେଜୟ ଦାସ, ଓଡ଼ଗାଁ ଦେୱାନୀ(କନିଷ୍ଠ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ, ଓକିଲ ସଙ୍ଘ ସଭାପତିଙ୍କ ସମେତ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର, ଆଇନଜୀବୀ ସୁବାସ ଚନ୍ଦ୍ର ପାତ୍ର ଓ ଅନ୍ୟ ଆଇନଜୀବୀ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିବାକମାନେ ଯୋଗ ଦେଇଥିଲେ। ପ୍ରତିଯୋଗିତା ମନୋଭାବ ରହିଲେ ସମାଜ ସଂସ୍କାର ଓ ବୌଦ୍ଧିକ ବିକାଶ କିପରିହେବ ଅତିଥିମାନେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସର୍ବଶେଷରେ ତାଲୁକ ଆଇନସେବା ପ୍ରାଧିକରଣ ତରଫରୁ ସମସ୍ତ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାପାଙ୍କୁ ହତ୍ୟା ଅଭିଯୋଗ ଆଣିଲା ପୁଅ

# ମନ୍ଦିରରେ ରନ୍ଧା ଭୋଗ ପରେ ଗଡ଼ିଲା ମୁଣ୍ଡ



**ରାଜନଗର,୨୩।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ାଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ରିଘାଗଡ଼ର ମା' ଥାନାପତି ଠାକୁରାଣୀ ପୀଠରେ ଆଜି ଏକ ହତ୍ୟାକାଣ୍ଡ ହୋଇଛି। ମାଆଙ୍କ ପୀଠରେ ରନ୍ଧା ଭୋଗ ପରେ ଏହି ହତ୍ୟାକାଣ୍ଡ ହୋଇଛି। ରିଘାଗଡ଼ ଗାଁର ବୁଦ୍ଧିଆ ସାହୁଙ୍କୁ ବାଡେଇକି ହତ୍ୟା କରାଯାଇଥିବା ସୂଚନା ରହିଛି। ପୁଲିସ ଏହି ଘଟଣାରେ ୪ ଜଣଙ୍କୁ ଥାନାରେ ଅଟକ ରଖିଛି। ଆଜି ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ଏହି ଘଟଣା ଘଟିଛି। ମା 'ଥାନପତିଙ୍କ ନିକଟରେ ରନ୍ଧାଭୋଗ ସରିଥିଲା। ସେଠାରେ ଖାଇବାକୁ ଯାଇଥିବା ଲୋକମାନେ ଗାଡି ରଖିଥିଲେ । ଯାହାଫଳରେ ରାସ୍ତା ଜାମ ହୋଇଯାଇଥିଲା । ବିଶେଷକରି ଠାକୁରାଣୀଙ୍କ ଗେଟ ସମ୍ମୁଖରେ ପିକଅପ ଭ୍ୟାନ, ସ୍କର୍ପିଓ ଓ କିଛି ବାଇକ୍ ରଖାଯାଇଥିଲା । ଏହି ପିକଅପ ଭ୍ୟାନ, ସ୍କର୍ପିଓ ଓ ବାଇକ୍ ହଟାଇବାକୁ କହିବାରୁ ବଚସା ଆରମ୍ଭ ହୋଇଥିଲା । ଏହି ବଚସା କ୍ରମଶଃ ଗଣ୍ଡଗୋଳରେ ପରିଣତ ହୋଇଥିଲା । ସେଠାରେ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ରାଜନଗର ଥାନାରେ ରିଘାଗଡ ଗ୍ରାମର ମୃତ ବୁଦ୍ଧଦେବ ସାହୁ(୫୭)ଙ୍କ ପୁଅ ସୂର୍ଯ୍ୟକାନ୍ତ ସାହୁ ରାଜନଗର ଥାନାରେ କରିଥିବା ଅଭିଯୋଗ କରିଛନ୍ତି । ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ରିଘାଗଡ ଗ୍ରାମରେ ଥିବା ମା ଥାନପତିଙ୍କ ନିକଟରେ ଭକ୍ତ, ଶ୍ରଦ୍ଧାଳୁ ଓ ମାନସିକଧାରୀ ବ୍ୟକ୍ତି ବିଶେଷ ରନ୍ଧା ଭୋଗ କରିଥାନ୍ତି । ରବିବାର ଥିବାରୁ ପ୍ରାୟ ୧୭ଜଣଙ୍କର ରନ୍ଧାଭୋଗ ହୋଇଥିଲା । ପ୍ରବଳ ଗହଳି ହୋଇଥିଲା । କଣ୍ଡିରା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚିତ୍ତ ରଞ୍ଜନନ ପରିଡା ରନ୍ଧା ଭୋଗ କରି ତାଙ୍କ ସମ୍ପର୍କୀୟ ଓ ବନ୍ଧୁ ପରିଜନଙ୍କୁ ଖାଇବାକୁ ଦେଇଥିଲେ । ଦୁଇଟି ବିବାହ ଭୋଜି ମଧ ଏଠାରେ ଥିଲା। ଚିତ୍ତ ରଞ୍ଜନଙ୍କ ଦୁଇଟି ଗାଡି ସହ ବାଇକକୁ ମା'ଙ୍କ ମୁଖ୍ୟ ଗେଟ ସମ୍ମୁଖରୁ ହଟାଇ ଅନ୍ୟତ୍ର ରଖିବାକୁ କମିଟିର କର୍ମକର୍ତ୍ତାମାନେ କହିଥିଲେ। ଚିତ ଉତ୍କ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କମିଟିର କର୍ମକର୍ତ୍ତାଙ୍କ ସହ ତାଙ୍କ ବାପା ବୁଦ୍ଧଦେବଙ୍କୁ ଆକ୍ରମଣ କରିଥିଲେ। ତଣ୍ଟିଆ ମାରି ତଳେ ପଲାଇ ଦେଇଥିଲେ। ଚିତ ଓ ତାଙ୍କର ସହଯୋଗୀମାନେ ତଳେ ପଡି ଯାଇଥିବା ତାଙ୍କ ବାପାଙ୍କୁ ମାରିଦେବା ଉଦ୍ଦେଶ୍ୟରେ ବିଧା ଗୋଇଠା ମାରି ଚାଲିଥିଲେ । ମୋ ବାପା ମରିଗଲି ମରିଗଲି ଚିତ୍କାର କରୁଥିଲେ ମଧ କେହି ଶୁଣିନଥିଲେ । ଗୁରୁତର ଅବସ୍ଥାରେ ବାପାଙ୍କୁ ଉଦ୍ଧାର କରି ଇଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ସେମାନେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ବୁଦ୍ଧଦେବ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବସ୍ଥାରେ ପହଞ୍ଚିବା ପରେ ଡାକ୍ତର ପରୀକ୍ଷା ନିରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ଶବକୁ ଶବାଗାରରେ ରଖାଯାଇଛି । ଅଭିଯୋଗ ପାଇ ରାଜନଗର ପୁଲିସ ଥାନପତିଙ୍କ ନିକଟରେ ପହଞ୍ଚି ଗଣ୍ଡଗୋଳରେ ସଂପୃକ୍ତ ମୁଖ୍ୟ ଚିତ୍ତ ରଞ୍ଜନଙ୍କ ସହ ଚାରିଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରିବା ସହ ଶବକୁ ଜବତ କରିଛି । ଖବରପାଇ ଏସ୍ଡିପିଓ କ୍ଷମାସାଗର ପଣ୍ଡା ପହଞ୍ଚି ଘଟଣାର ଅନୁଧ୍ୟାନ କରୁଥିବା ଜଣାପଡିଛି ।

# ମନ୍ଦିରରୁ ଚୋରି ଘଟଣାରେ ୪ ଗିରଫ



**ଧର୍ମଶାଳା,୨୩।୧୧/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ଘଟଣାରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇଛି । ଏ ନେଇ ଆଜି ଥାନା ପରିସରରେ ଆୟୋଜିତ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନା ମୁତାବକ ଗତ କିଛି ଦିନ ତଳେ ଏହି ଥାନା ଅଧିନସ୍ଥ ଶଙ୍ଖାରିଡିହା ହନୁମାନ ମନ୍ଦିର, ଡେରାବାର ବରେଇସୁଣୀ ମନ୍ଦିର, ରାଧାନଗର ହନୁମାନ ମନ୍ଦିର ଓ ଦକ୍ଷିଣାଶାସନ ବିଶେଶ୍ୱର ମନ୍ଦିରରୁ ପିତଳ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ଏହି ଚୋରି ଘଟଣାରେ ପୁଲିସ ୪ ଗୋଟି କେଶ ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଏହି ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୁରାଗ ପାଇ ଏହି ଥାନା ମଣିନାଥପୁର ଗ୍ରାମର ସତ୍ୟ ରଞ୍ଜନ ଦାସ (କୁଲୁ), ଜେନାପୁର ଥାନା ଡଙ୍କାରୀ ଗ୍ରାମର ବିଶ୍ୱମ୍ଭର ଦାସ ଏବଂ ବ୍ରହ୍ମବରଦା ଥାନା ରାଉତରାୟପୁର ଗ୍ରାମର ମହେଶ୍ୱର କୁଣ୍ଡୁଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନଙ୍କ ବୟାନ ଅନୁଯାୟୀ ବିଳମ୍ବିତ ରାତିରେ ଏମାନେ ବିଭିନ୍ନ ମନ୍ଦିରରେ ପଶି ଚୋରି କରିଥାନ୍ତି। ଏମାନେ ଚୋରି ସାମଗ୍ରୀଗୁଡିକୁ ସ୍ଥାନୀୟ ଜାରକା ବଜାରରେରେ ଥିବା କୁଆଖିଆ ଥାନା ଭୋଟକା ଗ୍ରାମର ମୋହନ ସାହୁ କରିଥିବା ପିତ୍ତଳ ସାମଗ୍ରୀ ଦୋକାନ ରେ ବିକ୍ରି କରୁଥିଲେ। ପୁଲିସ ଉକ୍ତ ଦୋକାନରେ ଚଢାଉ କରି ଚୋରୀ ପିତ୍ତଳ ସାମଗ୍ରୀ ଜବତ କରିବା ସହିତ ଦୋକାନୀ ମୋହନଙ୍କୁ ଗିରଫ କରିଥିଲା। ପିତ୍ତଳ ସାମଗ୍ରୀ ଜବତ କରିବା ସହ ଚୋରିରେ ବ୍ୟବହୃତ ଓଆର୍ ୦୨ ଏଜେ ୭୫୩୫ ହିରୋ ହୋଣ୍ଡା ବାଇକ୍କୁ ପୁଲିସ ଜବତ କରିଛି। ଧର୍ମଶାଳା ପୁଲିସ ମନ୍ଦିରରୁ ଚୋରି ଗୋଟିଏ ବଡ଼ ପିତ୍ତଳ ଘଣ୍ଟି, ତିନୋଟି ମଧ୍ୟମ ପିତ୍ତଳ ଘଣ୍ଟି, ଛଅ ହାତ ପିତ୍ତଳ ଘଣ୍ଟି, ଦୁଇଟି ପିତ୍ତଳ ବାଲଟି, ଗୋଟିଏ ପିତ୍ତଳ ଲୋଟା, ତିନୋଟି ପିତ୍ତଳ ଛୋଟ ଲୋଟା, ତିନୋଟି ପିତ୍ତଳ ପାତ୍ର ଏବଂ ପୂଜା ପାଇଁ ବ୍ୟବହୃତ ଅନ୍ୟାନ୍ୟ ପିତ୍ତଳ ସାମଗ୍ରୀ ଜବତ କରିଛି।

## ଯୁବତୀଙ୍କ ଆତ୍ମହତ୍ୟା



**ଜଗତସିଂହପୁର,୨୩।୧୧/ଏନ୍ଏନ୍ଏସ୍:** ବାଲିକୁଦା ଥାନା ଅନ୍ତର୍ଗତ ଓଷକଣା ଅଞ୍ଚଳର ଜଣେ ଯୁବତୀ (୨୦) ଅପରାହ୍ନ ସମୟରେ ନିଜର ପାଇଖାନା ଘରେ ବେକରେ ନିଜର ଚୁନରୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପରିବାର ଲୋକେ ଚିତ୍କାର ଶୁଣି ଉଦ୍ଧାର କରି ବାଲିକୁଦା ମେଡିକାଲ ନେଇଥିଲେ ସୁଦ୍ଧା ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପ୍ରେମ ବ୍ୟାପାରକୁ ନେଇ ଏଭଳି ଘଟଣା ଶୁଣିବାକୁ ମିଳୁଥିବା ବେଳେ ଯୁବତୀଙ୍କ ପ୍ରେମିକ ଗତ ୩ ଦିନ ତଳେ ଅନ୍ଲାଇନ ଗେମ୍ ଖେଳୀ ୪ଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା କରିଥିଲେ। ଯେଉଁ କାରଣରୁ ମନ ସ୍ତାପରେ ଥିବା ଯୁବତୀ ଜଣଙ୍କୁ ସେହିଦିନ ଠାରୁ ପରିବାର ଲୋକେ ଜଗି ରଖିଥିବା ବେଳେ ମା'କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ଘଟଣା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଛାନ୍ଭିନ୍ ଆରମ୍ଭ କରିଛି। କିନ୍ତୁ ଏହି ଆତ୍ମହତ୍ୟା ପ୍ରେମ ଜନିତ ହୋଇଛି ବୋଲି ଗ୍ରାମରେ ଚର୍ଚ୍ଚା ଜୋର୍ ଧରିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ।

# ଶୂନ୍ୟ ମୃତାହତ ପକ୍ଷ ପାଳନ ଉପଲକ୍ଷେ ସଚେତନତା ରାଲି




**ଢେଙ୍କାନାଳ,୨୩।୧୧/ଏନ୍ଏନ୍ଏସ୍:** ରାଜ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନଭେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଆଜି ସକାଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି।ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ପ୍ରତିଟି ଜୀବନ ମୂଲ୍ୟବାନ୍। ଏଥିପାଇଁ ରାସ୍ତାରେ ଗାଡ଼ି ଚଳାଇବା ବେଳେ ଆମେ ସମସ୍ତେ ସଚେ୍ତନ ହେବା ଅତ୍ୟନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଗାଡ଼ି ଚଳାଇବାବେଳେ କଦାଚିତ ମୋବାଇଲ ବ୍ୟବହାର ନ କରିବା ସହିତ ଦ୍ରୁତ ଚାଳନା ଓ ମଦ୍ୟପାନ କରି ଗାଡ଼ି ଚଳାଇବା ଦୁର୍ଘଟଣାର ପ୍ରମୁଖ କାରଣ ହେଉଥିବାରୁ ଏଥିରୁ ସମ୍ପୂର୍ଣ୍ଣ ନିବୃତ ରହିବାକୁ ପରାମର୍ଶ ଦେଇଥିଲେ। ମଦ୍ୟପ ଗାଡି ଚାଳକମାନଙ୍କ ଲାଇସେନ୍ସ ରଦ୍ଦ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସିଦ୍ଧାର୍ଥ ଦତ, କନିଷ୍ଠ ମୋଟର ଯାନ ନିରୀକ୍ଷକ ସୁନିତା ପଣ୍ଡା, ରକ୍ତଦାତା ଅନୁପ୍ରେରକ ସଂଘର ସଭାପତି ବିରଞ୍ଚି ନାରାୟଣ ପାଣି, ସଡ଼କ ସୁରକ୍ଷା କମିଟିର ସଦସ୍ୟ ରୁଦ୍ର ନାରାୟଣ ତ୍ରିପାଠୀ, ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଆୟୋଜିତ ରାଲିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ଥାନୀୟ ମିନିଷ୍ଟାଡ଼ିୟମ ଠାରୁ ବାହାରି ସଡ଼କ ସୁରକ୍ଷା ବାର୍ତ୍ତା ବହନ କରି ସହର ପରିକ୍ରମା କରିଥିଲେ।

# ଦୃଷ୍ଟିହୀନ ପୁରୁଷ କ୍ରିକେଟ ମ୍ୟାଚ୍‌ରେ କୋରାପୁଟ ଚାମ୍ପିଅନ୍

**ଧର୍ମଶାଳା,୨୩।୧୧/ଏନ୍ଏନ୍ଏସ୍:** ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଏବଂ ସକ୍ଷମ ଓଡ଼ିଶା ପୂର୍ବଙ୍କ ସହଯୋଗରେ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଚାଲିଥିବା ୫ ଦିନିଆ ୧୦ମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ ପ୍ରତିଯୋଗିତା ଆଜି ଉଦ୍ଯାପିତ ହୋଇଯାଇଛି। ଆଜିର ଫାଇନାଲ୍ ମ୍ୟାଚ୍‌ରେ କୋରାପୁଟ ଦୃଷ୍ଟିହୀନ କ୍ରିକେଟ ଦଳ, ରାଇଜିଂ ଷ୍ଟାର୍ କ୍ଲବ ବରଗଡ଼ କୁ ୧୩୩ ରନ୍‌ରେ ପରାସ୍ତ କରି ଚଳିତ ବର୍ଷ ପାଇଁ ଚାମ୍ପିଅନ୍ ହୋଇଛି। ରାଇଜିଂ ଷ୍ଟାର୍ କ୍ଲବ ବରଗଡ଼ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତି ନେଇଥିଲା। କୋରାପୁଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍ ରେ ୩ ୱିକେଟ୍ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲା। କୋରାପୁଟ ଦଳ ପକ୍ଷରୁ ସୁଖରାମ ମାଝୀ ୮୩ ରନ୍, ଧନପତି ଗୌଡ଼ ୩୬ ରନ୍, ସଂଗ୍ରହ କରିଥିଲେ। ଜବାବରେ ରାଇଜିଂ ଷ୍ଟାର୍ କ୍ଲବ ବରଗଡ଼ ୧୯୧ ରନ୍‌ର ଟାର୍ଗେଟକୁ ପିଛା କରି ୧୫ ଓଭର୍‌ରେ ୫୭ ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇ ପରାଜୟ ହୋଇଥିଲା। ଦଳ ପକ୍ଷରୁ ପଙ୍କଜ ଭୁଏ ୩୬ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ କୋରାପୁଟ ଦଳର ଉନ୍ନତମାନର ଖେଳ ପ୍ରଦର୍ଶନ କରିଥିବା ସୁଖରାମ ମାଝୀଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବି -୧ ବର୍ଗ ପାଇଁ ହିକିମ ମୁର୍ମୁ,ବି-୨ବର୍ଗ ପାଇଁ ରାମଦାସ ଟୁଡୁ ଏବଂ ବି-୩ ବର୍ଗ ପାଇଁ ଧନପତି ଗୌଡ଼ଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବରେ ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚକୁ ପ୍ରମୋଦ ନାରାୟଣ ଦାସ ଏବଂ ଅଶୀତ କୁମାର ପାଲ୍ ପରିଚାଳନା କରିଥିବା ବେଳେ ଚିନ୍ମୟ କୁମାର ସାହୁ ଏବଂ ସୁଶୀଲ କୁମାର ସାହୁ ସ୍କୋରର୍ ଭାବରେ ସାହାଯ୍ୟ କରିଥିଲେ। ଓଡିଶା ଦୃଷ୍ଟିହୀନ କ୍ରିକେଟ ସଂଘର ସଭାପତି ମହମ୍ମଦ ଜାଫର ଇକବାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ସକ୍ଷମ ଓଡ଼ିଶା ପୂର୍ବର ସାଧାରଣ ସମ୍ପାଦିକା, ମନସ୍ମିତା ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ।

# ଡମ୍ଫର ଆସୋସିଏସନ୍ ନିର୍ବାଚନରେ ବିଜୟଙ୍କ ପ୍ୟାନେଲ୍ ବିଜୟ



**ପାରାଦୀପ,୨୩।୧୧/ଏନ୍ଏନ୍ଏସ୍:** ପାରାଦୀପର ବହୁଚର୍ଚ୍ଚିତ ଡମ୍ଫର ଆସୋସିଏସନ୍‌ର ନିର୍ବାଚନ ସଙ୍ଘ କାର୍ଯ୍ୟାଳୟ ପରିସରରେ ରବିବାର ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ୩୪୯ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ସଭାପତି ପଦ ପାଇଁ ବିଜୟ କୁମାର ନାୟକ (ସଦା) ସର୍ବାଧିକ ୨୮୪ ଖଣ୍ଡ ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋରଞ୍ଜନ ମିଶ୍ର ମାତ୍ର ୬୩ ଖଣ୍ଡ ଭୋଟ ପାଇ ୨୨୧ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ନାୟକ ୨୫୦ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ଦିଲୀପ କିଶୋର ବେହେରାଙ୍କୁ ୧୫୯ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିବା ବେଳେ ସମ୍ପାଦକ ଭାବେ ସୁରଜ କୁମାର ବାରିକ ୨୭୪ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅୟସକାନ୍ତ ସାମଲଙ୍କୁ ୨୦୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ତେବେ ଏହି ବିପୁଳ ବିଜୟ ସଙ୍ଘ ସଦସ୍ୟଙ୍କର ବିଶ୍ୱାସ, ଭଲପାଇବାର ନିଦର୍ଶନ ଏବଂ ସଙ୍ଘ ଓ ସଦସ୍ୟମାନଙ୍କ ଆର୍ଥିକ ଉନ୍ନତି କ୍ଷେତ୍ରରେ ତାଙ୍କ ଟିମ ପୂର୍ବପରି କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ନାୟକ କହିଛନ୍ତି।

# ଜଗତସିଂହପୁରରେ ୧୩ଜଣ ବାଂଲାଦେଶୀ ଚିହ୍ନଟ

**ଜଗତସିଂହପୁର,୨୩।୧୧/ଏନ୍ଏନ୍ଏସ୍:** ଗତକାଲି ଅଟକ ୩୦ ଜଣ ସନ୍ଦିଗ୍ଧ ମଧ୍ୟରୁ ୧୦ ଜଣ ବାଂଲାଦେଶୀ ସ୍କାନରକୁ ଆସିଥିଲେ। ଆଜି ଆଉ ୩ ଜଣ ବୃଦ୍ଧି ପାଇବା ନେଇ ସେମାନଙ୍କ ସାଙ୍ଖ୍ୟ ୧୩କୁ ବୃଦ୍ଧି ପାଇଛି। ଆଜି ସମସ୍ତ ୧୩ଜଣଙ୍କୁ ଆଠଗଡ଼ ସ୍ଥିତ କେନ୍ଦ୍ରୀୟ ସେଲଟର୍ ହୋମ୍‌କୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେମାନଙ୍କୁ ପୁନର୍ବାର ଯାଞ୍ଚ ପରେ ବିଏସ୍ଏଫ୍ ମାଧ୍ୟମରେ ବାଂଲାଦେଶକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତେବେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜିଲ୍ଲାର ସମସ୍ତ ବ୍ଲକ୍‌ରେ କରି ରହିଥିବା ଜଣାଯାଇଛି।

## ଆକ୍ସନ ମୋଡ୍‌ରେ ଜିଲ୍ଲା ପ୍ରଶାସନ

# ବାଂଲାଦେଶୀଙ୍କ ମଧ୍ୟରେ କୋକୁଆ ଭୟ

**ପାରାଦୀପ,୨୩।୧୧/ଏନ୍ଏନ୍ଏସ୍:** ଆକ୍ସନ ମୁଡ଼ରେ ଜଗତସିଂହପୁର ପୁଲିସ। ଦିଲ୍ଲୀ ବିସ୍ଫୋରଣ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାଂଲାଦେଶୀ ହଟାଓ ଅଭିଯାନକୁ ନେଇ ତତ୍ପର ହୋଇପଡିଛି ଜିଲ୍ଲା ପ୍ରଶାସନ। ଜଗତସିଂହପୁର ର ବେହେରାମପୁର ବସ୍ତିରେ କିଛି ବାଂଲାଦେଶୀ ରହୁଥିବା ଖବର ପାଇ ପୁଲିସ ଚଢ଼ାଉ କରିଥିବା ସମୟରେ ସନ୍ଦିଗ୍ଧ ବାଂଲାଦେଶୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହେବା ସହିତ ଏକ ଘରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଖଣ୍ଡା, ବନ୍ଧୁକ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଥିଲା ପୁଲିସ। ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଉକ୍ତ ବସ୍ତିରେ ରହୁଥିବା ବାଂଲାଦେଶୀଙ୍କ ଘରକୁ ଭାଙ୍ଗି ଦିଆଯାଇଛି। ଏହାପରେ ବାଲିକୁଦା ବ୍ଲକ୍‌ର କିଛି ଅଞ୍ଚଳରେ ପୁଲିସର ଚଢ଼ାଉ ପରେ କିଛି ସନ୍ଦିଗ୍ଧ ବାଂଲାଦେଶୀ ନିଜ ଘର ଭାଙ୍ଗି ଅଞ୍ଚଳ ଛାଡି ପଳାଇଛନ୍ତି। ବିଶେଷ କରି ଜଗତସିଂହପୁରର ବିଭିନ୍ନ ବ୍ଲକ୍‌ରେ ବାଂଲାଦେଶୀ ନାଗରିକ ବସବାସ କରୁଥିବା ଖବର ପାଇବା ପରେ ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଆକ୍ସନ ମୋଡ୍‌ରେ ରହିଥିବା ବେଳେ ଏହାର ନେତୃତ୍ୱ ନେଉଛନ୍ତି ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ଏବଂ ଯୁବ ଏସ୍‌ପି ଅଙ୍କିତ କୁମାର ବର୍ମା। ଜିଲ୍ଲାର ଯେଉଁ ଯେଉଁ ସ୍ଥାନରେ ବାଂଲାଦେଶୀ ନାଗରିକ ରହୁଥିବାର ସନ୍ଦେହ ହେଉଛି ଉକ୍ତ ସ୍ଥାନରେ ପୁଲିସ ତରଫରୁ ଉକ୍ତ ସନ୍ଦିଗ୍ଧ ବ୍ୟକ୍ତି ବିଶେଷମାନଙ୍କ ଆଧାରକାର୍ଡ ଓ ଭୋଟର ଆଇକାର୍ଡ ଯାଞ୍ଚ ପ୍ରକ୍ରିୟା ଜୋରଦାର କରାଯାଇଛି। ବିଶେଷକରି ଏହି ବାଂଲାଦେଶୀମାନେ ଜଳପଥ ଦେଇ ଉପକୂଳ ଅଞ୍ଚଳରେ ପହଞ୍ଚିବା ପରେ ପ୍ରଥମେ ଜାରିପାଲ ଟାଣି ରହିବା ପରେ ଘରଦ୍ୱାର କରିବା ସହିତ ସ୍ଥାନୀୟ ଅଞ୍ଚଳର ପରିଚୟ ପତ୍ର ହାସଲ କରିବା ସହିତ ଫେରିବାଲା ହେଉ ରାଜମିସ୍ତ୍ରୀ, ମଜୁରିଆ ଭାବରେ କାର୍ଯ୍ୟ କରିଥାନ୍ତି। ଏହା ସହିତ ଅନେକ ଅପରାଧିକ କାର୍ଯ୍ୟରେ ଏମାନେ ଲିପ୍ତ ରହିଥିବାର ଅନେକ ପ୍ରମାଣ ରହିଛି। ଜିଲ୍ଲାର ବିଭିନ୍ନ ଥାନାରେ ହେଉଥିବା ବିଭିନ୍ନ ଅପରାଧିକ ମାମଲାରେ ଏହିମାନଙ୍କ ନାମ ସର୍ବାଗ୍ରେ ରହିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଯାହାକୁ ନେଇ ମିଶନ ବାଂଲାଦେଶୀ ଅଭିଯାନକୁ ଜୋରଦାର କରିଛି ଜଗତସିଂହପୁର ଜିଲ୍ଲା ପ୍ରଶାସନ। ଏହି ବାଂଲାଦେଶୀମାନେ ବିଭିନ୍ନ ସମୟରେ ବୋଟ ହେଉ କିମ୍ବା ଡ଼ଙ୍ଗା ସାହାଯ୍ୟରେ ପାରାଦୀପ ଉପକଣ୍ଠରେ ରହିଥିବା ବିଜୟଚାନ୍ଦପୁର, ମୂଷାଡିହା ସହିତ ଉପକୂଳ ଅଞ୍ଚଳରେ ବସ୍ତି ନିର୍ମାଣ କରି ନିଜର କାୟା ବିସ୍ତାର କରି ଚାଲିଛନ୍ତି। ସ୍ଥାନୀୟ କିଛି କୁଜିନେତାଙ୍କୁ ଆୟୁଧ କରି ଏହି ବାଂଲାଦେଶୀମାନେ ଅନାୟାସରେ ନିଜର ଆଧାରକାର୍ଡ, ଭୋଟର ପରିଚୟପତ୍ର ତିଆରି କରି ଏଠିକାର ବାସିନ୍ଦା ବୋଲାଉଛନ୍ତି। ଯାହା ଆଜି ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଶନ ବାଂଲାଦେଶୀ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।




**AFFIDAVIT**

By virtue of an affidavit sworn before the Executive Magistrate, Jagatsinghpur on dated 18.11.2025 I Kalsetty Jygansu Dora (New Name) S/o- K. Nagesu Dora permanent resident of At- Jayabad, PO/PS/Dist-Jagatsinghpur, Pin Code- 754103, Odisha declare that I have changed my name from K. Jigyansu Dora (Old Name) to Kalsetty Jygansu Dora (New Name). Henceforth I shall be known as Kalsetty Jygansu Dora (New Name) for all purposes.

Kalsetty Jygansu Dora

**AFFIDAVIT**

By virtue of an Affidavit sworn before the Notary Public, Berhampur, Dist.: Ganjam, Odisha, Dated: 21.11.2025, I, **Smt. Puspanjali Maharana,** W/o: Dhoba Maharana, resident of Village/P.O.: Lathi, P.S.: B Sadar, Dist.: Ganjam, Odisha, PIN-760002, declare that I have changed the name of my minor son's from Ashutosh Maharana to **Ashutosh Kumar Maharana.** Henceforth, he shall be known as **Ashutosh Kumar Maharana** for all future purposes.

**Puspanjali Maharana**

## ପ୍ରଥମ ପୃଷ୍ଠାରୁ

### ନେପାଳକୁ ହରାଇ ଭାରତ ...

ହାସଲ କରିନେଇଥିଲେ। ଭାରତୀୟ ଟିମ୍ ପକ୍ଷରୁ ଓଡ଼ିଆ ଖେଳାଳି ଫୁଲ ସରେନ୍ ୨୭ ବଲ୍‌ରେ ଅପରାଜିତ ୪୪ ରନ୍‌ର ଇନିଂସ୍ ଖେଳି ଟିମ୍‌କୁ ଚମ୍ପିଅନ୍ କରାଇଥିଲେ। ଏହି ପ୍ରଦର୍ଶନ ପାଇଁ ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତୀୟ ଟିମ୍ ମାତ୍ର ୧୨ ଓଭରରେ ହିଁ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମହିଳା ଟିମ୍ ୧୦୯ ରନ୍ କରିଥିବା ବେଳେ ଭାରତ ୧ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ଟିମ୍ ପୁରା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ହାରି ନାହିଁ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ନେପାଳ ଶନିବାର ପାକିସ୍ତାନକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସହ-ଆୟୋଜକ ଶ୍ରୀଲଙ୍କା ଟୁର୍ଣ୍ଣାମେଣ୍ଟରେ ଖାସ୍ କିଛି କରିପାରି ନାହିଁ। ଟିମ୍ ୫ ମ୍ୟାଚ୍‌ରୁ ମାତ୍ର ଗୋଟିକରେ ହିଁ ବିଜୟୀ ହୋଇଛି। ଏହି ବିଜୟ ଟିମ୍‌କୁ ଆମେରିକା ବିପକ୍ଷରେ ମିଳିଥିଲା। ୬ ଟିମ୍‌ର ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ମେହରାନ୍ ଅଲୀ ୬ ମ୍ୟାଚ୍‌ରେ ୬୦୦ରୁ ଊର୍ଦ୍ଧ୍ୱ ରନ୍ କରି ଟପ୍ ସ୍କୋରର୍ ହୋଇଛନ୍ତି। ଏଥିରେ ଶ୍ରୀଲଙ୍କା ବିପକ୍ଷ ୭୮ ବଲ୍‌ରେ ୨୩୦ ରନ୍‌ର ଇନିଂସ୍ ମଧ୍ୟ ସାମିଲ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ସେ ୧୩୩ ରନ୍ କରି ଜଲିଥିଲେ। ସେ ସେମିଫାଇନାଲରେ ଶୀଘ୍ର ଆଉଟ୍ ହୋଇଯିବା ଫଳରେ ପାକିସ୍ତାନ ଫାଇନାଲରେ ସ୍ଥାନ ହାସଲ କରିପାରି ନଥିଲା। ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବେ ଆୟୋଜିତ ପ୍ରଥମ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ନଭେମ୍ବର ୧୧ରେ ଦିଲ୍ଲୀରେ ଆରମ୍ଭ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ ଏବଂ ଆମେରିକା ଭାଗ ନେଇଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଟିମ୍ ପରସ୍ପର ବିପକ୍ଷରେ ୫ଟି ଲେଖାଏଁ ମ୍ୟାଚ୍ ଖେଳିଥିଲେ। ଏହାପରେ ଟେବୁଲ୍‌ର ଶୀର୍ଷ ୪ ଟିମ୍ ମଧ୍ୟରେ ସେମିଫାଇନାଲ୍ ଅନୁଷ୍ଠିତ ହୋଇଥିଲା। ଏହାର ବିଜେତା ଭାରତ ଓ ନେପାଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଭାରତୀୟ ଟିମ୍‌ର ନେତୃତ୍ୱ କର୍ଣ୍ଣାଟକର ଦୀପିକା ଟିସି କରିଥିବା ବେଳେ ଏଥିରେ ଦେଶର ୯ ରାଜ୍ୟର ୧୬ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଥିଲା। ଟିମ୍‌ରେ କର୍ଣ୍ଣାଟକ, ମହାରାଷ୍ଟ୍ର, ଗୋଆ, ପଞ୍ଜାବ, ମଧ୍ୟପ୍ରଦେଶ, ଅନ୍ଧ୍ରପ୍ରଦେଶ, ଓଡ଼ିଶା, ଦିଲ୍ଲୀ ଆସାମ ଏବଂ ବିହାର ଖେଳାଳି ସାମିଲ ଥିଲେ। ଅନ୍ୟପକ୍ଷରେ ଟି-୨୦ ବିଶ୍ୱକପ୍ ବିଜୟ ପାଇଁ ଭାରତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, 'ଭାରତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ଦଳକୁ ସେମାନଙ୍କର ଐତିହାସିକ ଟି-୨୦ ବିଶ୍ୱକପ୍ ବିଜୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ। ଆପଣଙ୍କର ଅସାଧାରଣ ପ୍ରଦର୍ଶନ, ଶୃଙ୍ଖଳା ଏବଂ ଦୃଢ଼ ନିଷ୍ଠା ଦେଶ ପାଇଁ ଅପାର ଗର୍ବ ଆଣିଛି। ଆପଣଙ୍କ ନିରନ୍ତର ସଫଳତା ଏବଂ ଭବିଷ୍ୟତ ସଫଳତା ପାଇଁ ମୋର ଶୁଭକାମନା।'

### ସୁରକ୍ଷା ପରିଷଦର ସଂସ୍କାର ...

ଆତଙ୍କବାଦ ବିରୋଧରେ ଲଢ଼ିବା ସମୟରେ ଦ୍ୱୈତ ମାନଦଣ୍ଡ ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ ବୋଲି କହିଥିଲେ। ମାନବ-କେନ୍ଦ୍ରିକ ବିକାଶ ସୁନିଶ୍ଚିତ କରିବାରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ତିନି ଏକ ମୋଦୀ ୟୁପିଆଇ ଭଳି ଡିଜିଟାଲ ସର୍ବସାଧାରଣ ଭିତ୍ତିଭୂମି, କୋୱିନ ଭଳି ସ୍ୱାସ୍ଥ୍ୟ ପ୍ଲାଟଫର୍ମ, ସାଇବର ସୁରକ୍ଷା ଫ୍ରେମୱାର୍କ ଏବଂ ମହିଳା-ନେତୃତ୍ୱାଧୀନ ପ୍ରଯୁକ୍ତିବିଦ୍ୟା ପଦକ୍ଷେପରେ ଅଂଶୀଦାରକୁ ସହଜ କରିବା ପାଇଁ ଏକ 'ଆଇବିଏସ୍‌ଏ ଡିଜିଟାଲ ନବାଚାର ଫଣ୍ଡ' ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରଧାନମନ୍ତ୍ରୀ ନିରାପଦ, ବିଶ୍ୱସ୍ତ ଏବଂ ମାନବ-କେନ୍ଦ୍ରିକ ଏଆଇ ମାନଦଣ୍ଡ ବିକାଶରେ ଆଇବିଏସ୍‌ଏର ଯୋଗଦାନ ସମ୍ଭାବନା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ଆସନ୍ତା ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ପ୍ରଭାବ ଶିଖର ସମ୍ମିଳନୀରେ ଆଇବିଏସ୍‌ଏ ନେତାମାନଙ୍କୁ ନିମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଇବିଏସ୍‌ଏ ପରସ୍ପରର ବିକାଶର ପରିପୂରକ ହୋଇପାରିବ ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ଉଦାହରଣ ହୋଇପାରିବ। ସେ ବାଜରା, ପ୍ରାକୃତିକ କୃଷି, ବିପର୍ଯ୍ୟୟ ସ୍ଥିରତା, ସବୁଜ ଶକ୍ତି, ପାରମ୍ପରିକ ଔଷଧ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଭଳି କ୍ଷେତ୍ରରେ ସହଯୋଗର ସୁଯୋଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ ଏବଂ ସୌର ଶକ୍ତି ଭଳି କ୍ଷେତ୍ରରେ ୪୦ଟି ଦେଶରେ ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବାରେ ଆଇବିଏସ୍‌ଏ ପାଣ୍ଠିର କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଥିଲେ। ସେ ଦକ୍ଷିଣ-ଦକ୍ଷିଣ ସହଯୋଗକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଜଳବାୟୁ ଅନୁକୂଳ କୃଷି ପାଇଁ ଆଇବିଏସ୍‌ଏ ପାଣ୍ଠି ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷିଣ ଆଫ୍ରିକାରେ ଜି-୨୦ ଶିଖର ସମ୍ମିଳନୀ ଅବସରରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସାଙ୍କୁ ଭେଟିଥିଲେ। ରାଷ୍ଟ୍ରପତି ରାମଫୋସାଙ୍କୁ ଉଷ୍ମ ଆତିଥ୍ୟ ଏବଂ ଶିଖର ସମ୍ମିଳନୀର ସଫଳ ପରିଚାଳନା ପାଇଁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ସେ ନୂଆଦିଲ୍ଲୀରେ ଜି-୨୦ ଶିଖର ସମ୍ମିଳନୀ ସମୟରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ଆଗକୁ ନେବା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦକ୍ଷିଣ ଆଫ୍ରିକାର ଜି-୨୦ ପ୍ରୟାସକୁ ପ୍ରଶଂସା କରିଥିଲେ। ଭାରତ-ଦକ୍ଷିଣ ଆଫ୍ରିକା ସମ୍ପର୍କର ଆଧାର ଐତିହାସିକ ସମ୍ପର୍କକୁ ମନେପକାଇ, ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ସହ ବାଣିଜ୍ୟ ଓ ନିବେଶ, ଖାଦ୍ୟ ସୁରକ୍ଷା, ଦକ୍ଷତା ବିକାଶ, ଖଣି, ଯୁବ ବିନିମୟ ଏବଂ ଲୋକ-ଲୋକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ। ସେମାନେ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ସାଧାରଣ ଭିତ୍ତିଭୂମି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ଉପାୟ ଉପରେ ଆଲୋଚନା କରିଥିଲେ। ଦୁଇ ନେତା ଦକ୍ଷିଣ ଆଫ୍ରିକାରେ ଭାରତୀୟ କମ୍ପାନୀଗୁଡ଼ିକର ବର୍ଦ୍ଧିତ ଉପସ୍ଥିତିକୁ ସ୍ୱାଗତ କରିଥିଲେ ଏବଂ ବିଶେଷକରି ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଖଣି ଏବଂ ଷ୍ଟାର୍ଟ-ଅପ କ୍ଷେତ୍ରରେ ପାରସ୍ପରିକ ନିବେଶକୁ ସହଜ କରିବା ପାଇଁ ସହମତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଦକ୍ଷିଣ ଆଫ୍ରିକାର ଚିତାବାଘକୁ ଭାରତ ସ୍ଥାନାନ୍ତର ପାଇଁ ରାଷ୍ଟ୍ରପତି ରାମଫୋସାଙ୍କୁ ଧନ୍ୟବାଦ ଦେବା ସହ ତାଙ୍କୁ ଭାରତ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସରେ ଯୋଗଦେବାକୁ ଆମନ୍ତ୍ରଣ କରିଥିଲେ। ଦୁଇ ନେତା ଗ୍ଲୋବାଲ ସାଉଥର ସ୍ୱରକୁ ଉଚ୍ଚ କରିବା ପାଇଁ ମିଳିତ ଭାବରେ କାମ କରିବାକୁ ସହମତ ହୋଇଥିଲେ। ରାଷ୍ଟ୍ରପତି ରାମଫୋସା ୨୦୨୬ରେ ଭାରତର ଆଗାମୀ ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଦକ୍ଷିଣ ଆଫ୍ରିକାର ପୂର୍ଣ୍ଣ ସମର୍ଥନ ପାଇଁ ଆଶ୍ୱାସନା ଦେଇଥିଲେ।

### ଆଜି ସିଜେଆଇ ଭାବେ ...

ରହିବେ। ସମାରୋହରେ ଭୁଟାନ, କେନିୟା, ମାଲେସିଆ, ମରିସସ୍, ନେପାଳ ଏବଂ ଶ୍ରୀଲଙ୍କାର ମୁଖ୍ୟ ନ୍ୟାୟାଧୀଶ, ସୁପ୍ରିମକୋର୍ଟର ବିଚାରପତି ଏବଂ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି ।

### ୩ ଅପରାଧୀଙ୍କୁ ଏନ୍‌କାଉଣ୍ଟର ...

ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଡକାୟତ ଦଳରେ ୮ ଜଣ ସଦସ୍ୟ ରହିଥିବାବେଳେ ଗତକାଲି ରାତିରେ ପୁଲିସ୍ ବିଶେଷ ସୂତ୍ରରୁ ସୂଚନା ପାଇ ସେମାନଙ୍କ ପିଛା କରିଥିଲା। ତେବେ କେ-ବଲାଙ୍ଗ ଥାନା ଓ ଚାନ୍ଦିପୋଷ ଥାନା ଅଞ୍ଚଳରେ ପୁଲିସ ଓ ଡକାୟତମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ୩ ଡକାୟତ ଆହତ ହୋଇଥିବାବେଳେ ଅନ୍ୟ ୫ ଜଣ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କ ପାଖରୁ ୩ଟି ପିସ୍ତଲ ଓ ଗୋଟିଏ ବାଇକ୍ ଜବତ ହୋଇଛି । ଏହି ୮ ଜଣିଆ ଗ୍ୟାଙ୍ଗ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡକାୟତି କରୁଥିଲେ । ଯାହା ଲୋକଙ୍କ ନିଦ ହଜାଇଥିଲା। କିଛି ଦିନ ତଳେ କୋଇଡା ଥାନା ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ଡକାୟତି କରିଥିଲେ।

### ଓବିସି ତାଲିକାରେ ୧୪ ଜାତିଙ୍କୁ ...

କଳିଙ୍ଗୀ ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ଼-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକୋ, ହଳଦିଆ ତେଲି ଏବଂ ରାଜଶ୍ରୀବଳାସୀ/ବଳାସୀ ଜାତିକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରାଯାଉ। ରାଜ୍ୟ ଏସ୍‌ଇବିସି ତାଲିକାରେ ଥିବା ଅନେକ ଜାତି କେନ୍ଦ୍ରୀୟ ଓବିସି ତାଲିକାରେ ନଥିବାରୁ ଏହି ସମାଜର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନାରେ ସଂରକ୍ଷଣର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ରୀୟ ଓବିସି ତାଲିକାରେ ଏହି ବର୍ଗର ଜାତିଙ୍କୁ ସାମିଲ କରାଗଲେ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ଘଟିବ। ଓଡ଼ିଶାର ଏହି ବୃହତ୍ ସମାଜକୁ ସେମାନଙ୍କର ଅଧିକାର ଦେବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଶ୍ରୀ ପ୍ରଧାନ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ୍ ଅହିରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

### ଆଜି ମୁଖ୍ୟମନ୍ତ୍ରୀଙ୍କ ଜନତା ...

କରିଥିଲେ, ଏହି ଶୁଣାଣି ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନଙ୍କୁ ଆଉ ପୁନଃ ପଞ୍ଜୀକରଣର ଆବଶ୍ୟକତା ନାହିଁ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

### କୂଅରେ ପଡ଼ି ହାତୀ ଶାବକ ...

ଘଟଣା ସ୍ଥଳରେ ପହଞ୍ଚି ହାତୀର ମୃତଦେହକୁ କୂଅ ଭିତରୁ ବାହାର କରିଛନ୍ତି। ହାତୀ ମୃତ୍ୟୁ ପଛର କାରଣ ଜଣାପଡ଼ି ନାହିଁ। ମୃତଦେହ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ଅଧିକାରୀ କହିଛନ୍ତି।

## କୋଣାର୍କରେ ବାଲି ମାଫିଆ ସକ୍ରିୟ, ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ

# ଦିନ ରାତି ବେଧଡ଼କ ଶହ ଶହ ଟ୍ରକ୍ ବାଲି ଲୁଟ୍

**କୋଣାର୍କ,୨୩।୧୧/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶକୁ ନେଇ ପୁରୀ ଜିଲ୍ଲା ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଥାନା ଅଧୀନରେ ଚାଲିଥିବା ବେଧଡ଼କ ବାଲି ଚୋରା ଚାଲାଣକୁ ରୋକ ଲଗାଇବାକୁ କଠୋର ପଦକ୍ଷେପ ନେବାକୁ ସମସ୍ତ ଥାନାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ନେଇ ବିଭିନ୍ନ ସ୍ଥାନରେ ବିଳମ୍ବିତ ରାତିରେ ଚଢ଼ାଉକରି ବାଲି ମାଫିଆଙ୍କ ଟ୍ରକ୍‌କୁ ଜବତ କରିବା ସହ ଗିରଫଦାରୀ ଜାରିରହିଛି। ଅନୁରୂପ ଭାବେ କୋଣାର୍କରେ ନିଶାର୍ଦ୍ଧ ରାତିରେ ବାଲି ମାଫିଆ ମାନେ ସ୍ଥାନୀୟ ପ୍ରଶାସନକୁ



ଖୋଲା ଚ୍ୟାଲେଞ୍ଜ ଦେଇ ବାଲି ଲୁଟ କରୁଥିବାକୁ ନେଇ ଏବେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇ ବିଭିନ୍ନ ସ୍ଥାନରେ ବାଲି ମାଫିଆଙ୍କ ଉପରେ ଚଢ଼ାଉ ଜାରି ରହିଥିଲା ବେଳେ ଗତ ଶନିବାର ବିଳମ୍ବିତ ରାତିରେ କୋଣାର୍କ ପୁଲିସ ପକ୍ଷରୁ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଚଢ଼ାଉ କରି ଦୁଇଟି ବାଲି ବୋଝେଇ ହାଇୱା ଟ୍ରକ୍ ଜବତକରି କୋଣାର୍କ ଥାନାକୁ ଆଣିଥିବା ବେଳେ ଦୁଇଜଣ ଡ୍ରାଇଭରଙ୍କୁ ଗିରଫ ପରେ ଏକ ମାମଲା ରୁଜୁକରି ଦୁଇ ଡ୍ରାଇଭରଙ୍କୁ କୋର୍ଟ ପଠାଇ ଦେଇଥିଲେ।

## ପୁରୀରେ ନିର୍ବାଣ ମହୋତ୍ସବ ସମ୍ପନ୍ନ

**ପୁରୀ,୨୩।୧୧/ଏନ୍‌ଏନ୍‌ଏସ୍:** ସତ୍ କର୍ମ ସତ୍ ପଥ ସତ୍ ଆଚରଣ ମୋକ୍ଷର ମାର୍ଗକୁ ବାଟ କଢାଇ ନେବା ଉପରେ ଆଜି ନିର୍ବାଣ ମହୋତ୍ସବରେ ଉପସ୍ଥିତ ବିଦ୍ୱାନ ସାଧୁସନ୍ଥମାନେ ମତ ପ୍ରକାଶ କରିଥିଲେ। ଜୀବିତ ଅବସ୍ଥାରେ ବିଷୟ ଭାବନାକୁ ମୁକ୍ତ ହୋଇ ମୋକ୍ଷ ପ୍ରାପ୍ତି ହୁଏ, ଭଗବତ୍ ଧର୍ମ ଧାରଣାରେ ରହିମଧ୍ୟ ମୋକ୍ଷ ପ୍ରାପ୍ତି ହୁଏ ଏବଂ ସର୍ବୋପରି ଶ୍ରୀକ୍ଷେତ୍ରର ରେଣୁର ଦର୍ଶନ ଠାରୁ ଆରମ୍ଭ କରି ନୀଳଚକ୍ର, ଶ୍ରୀଜଗନ୍ନାଥ, ମହୋଦଧିର ଦର୍ଶନ ସହିତ ଏହି କ୍ଷେତ୍ରର ଜଳ ସ୍ଥଳ ଆକାଶରେ ମଧ୍ୟ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଦ୍ୱାନ୍ ମାନେ ମତ ବ୍ୟକ୍ତ କରିଥିଲେ। ନୂଆଦିଲ୍ଲୀର ସର୍ବପୁରାତନ ଓଡ଼ିଆ ସଂଗଠନ ପଲ୍ଲୀବାଣୀ ମିଶନ, ପୁରୀର ମିଶନ ଓଡ଼ିଶା ସହାୟତାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସରରେ ଆୟୋଜିତ ତୃତୀୟ ନିର୍ବାଣ ମହୋତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ବାତାବରଣରେ ସମ୍ପନ୍ନ ହୋଇଯାଇଛି।

ବକ୍ତା ଭାବରେ ଶ୍ରୀମନ୍ଦିରର କୁଳପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ କଥାମୃତ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ବିଶିଷ୍ଟ ବୈଷ୍ଣବ ସନ୍ଥ ବାବାଜୀ ସନତାସୁଜତା ନନ୍ଦ ଦାସ ମହାରାଜ, ମହିପ୍ରକାସ ମଠର ମହନ୍ତ ବାବାଜୀ ସୁଭାନନ୍ଦ ପୁରିଜୀ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ତଥା ସାହିତ୍ୟକ କୃଷ୍ଣକେଶବ ଷଡ଼ଙ୍ଗୀ ଏବଂ ଶ୍ରୀ ସଦାଶିବ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ୫ଜଣ ଜଗନ୍ନାଥ ଚେତନାର ପ୍ରଚାରକ ବିଶିଷ୍ଟ ବ୍ୟକ୍ତି ଙ୍କୁ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସେମାନେ ହେଲେ ରାମଚରଣ ମହାରାଜ, ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଶ୍ରୀକାନ୍ତ ପରିଜା, ଶୁଭାନନ୍ଦ ପୁରୀ ମହାରାଜ ପ୍ରମୁଖ।

ପ୍ରାରମ୍ଭରେ ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ମିଶନ ଓଡ଼ିଶାର ଉପଦେଷ୍ଟା ବଦ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇପ୍ ସା ପ୍ରତିବିମ୍ବିତା ଷଡଙ୍ଗୀ ଏବଂ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସହଯୋଗ କରିଥିଲେ ସବ୍ୟସାଚୀ ସେନାପତି ଏଥିରେ ଶ୍ରୀକ୍ଷେତ୍ରର ବହୁସଂଖ୍ୟକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ

**ଖଣ୍ଡପଡ଼ା,୨୩।୧୧/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସଭାପତି ସନାତନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଓଷ୍ଟା ନୟାଗଡ ଜିଲ୍ଲାର ପ୍ରାକ୍ତନ ସଂପାଦକ କିଶୋର ଚନ୍ଦ୍ର ପରମଗୁରୁ, ଓଷ୍ଟାର ଜିଲ୍ଲା ସଭାପତି ଅଯୋଧ୍ୟା ନାଥ ନାୟକ, ଜିଲ୍ଲା ସଂପାଦକ ମାନସ ସାହୁ, ଖଣ୍ଡପଡ଼ା ବ୍ଲକ ଓଷ୍ଟାର ପ୍ରାକ୍ତନ ସଭାନେତ୍ରୀ ସୁପ୍ରଭା ଦେଇ, ଖଣ୍ଡପଡ଼ା ବ୍ଲକ ଉପ ସଭାପତି ରଶ୍ମିରଞ୍ଜନ ସେଠୀ, ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ନିକୁଞ୍ଜ ବିହାରୀ ରଥ, ସମାଜସେବୀ ତଥା ଶାନ୍ତିପ୍ରିୟା ବିଦ୍ୟାଳୟର ପ୍ରତିଷ୍ଠାତା ବୈକୁଣ୍ଠନାଥ ଗୋଛୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ





ନୀତି ନିର୍ଦ୍ଧାରଣ କରାଯାଇଥିଲା। ପ୍ରାରମ୍ଭରେ ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସଂପାଦକ ପ୍ରଭାକର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଆସନ୍ତା ୩ବର୍ଷ ପାଇଁ ଖଣ୍ଡପଡ଼ା ବ୍ଲକ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ ସଂଘର ନୂତନ ସଭାପତି ଭାବେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କର, ଉପ ସଭାପତି ଭାବେ ରଶ୍ମିରଞ୍ଜନ ସେଠୀ, ଦୀପ୍ତି ସ୍ୱାଇଁ, ସଂପାଦକ ଭାବେ ପ୍ରଭାକର ମିଶ୍ର, ଯୁଗ୍ମ ସଂପାଦକ ଭାବେ ସମୀର କୁମାର ଖୁଣ୍ଟିଆ, ନରେନ୍ଦ୍ର କୁମାର ରାଉତ, ଶିକ୍ଷୟତ୍ରୀ ବାସନ୍ତୀ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଭାବେ ଯୋଗୀନାଥ ମହାରଣା, କାର୍ତ୍ତିକ ଚନ୍ଦ୍ର ଦଳେଇ, ଶିବସୁନ୍ଦର ରାଉତ, ଅନ୍ତର୍ଯ୍ୟାମି ବେହେରା ଓ ରାଜ୍ୟ ପରିଷଦ ସଦସ୍ୟ ଭାବେ ବିଭୂତି ଭୂଷଣ ମହାପାତ୍ର, ଧନେଶ୍ୱର ବେହେରାଙ୍କୁ ସର୍ବସମ୍ମତ ପ୍ରସ୍ତାବକ୍ରମେ ଚୟନ କରାଯାଇ ଦାୟୀତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ମୌଳିକ ଅଧିକାର ପାଇଁ ପୁରୀବାସୀଙ୍କ ସମୂହ ଦୀପଦାନ

**ପୁରୀ,୨୩।୧୧/ଏନ୍‌ଏନ୍‌ଏସ୍:** ପୁରୀବାସୀ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରୋନା ପର ଠାରୁ ଭଲ ଭାବରେ ପାଉନାହାନ୍ତି। ଦୁଖ ଜର୍ଜରିତ ଅବସ୍ଥାରେ ଦିନ କାଟୁଛନ୍ତି। ତେଣୁ ପୁରୀ ବାସୀଙ୍କର ଦର୍ଶନ କିଭଳି ସୁଗମ ହେବ ତାକୁ ନେଇ ଭିନ୍ନ ଏକ ପ୍ରତିବାଦ ଶ୍ରୀମନ୍ଦିର ସମ୍ମୁଖରେ ଏମାରମଠ ଚକଡାରେ ଶହ ଶହ ପୁରୀ ବାସୀ ଏକତ୍ରିତ ହୋଇ ସମୂହ ଦୀପଦାନ କରିଛନ୍ତି। ସମସ୍ତ ପୁରୀବାସୀଙ୍କର ଗୋଟିଏ ଦାବୀ ୪ଦୁଆର ବାଟରେ ଶ୍ରୀମନ୍ଦିରରେ ପ୍ରବେଶ। ଶ୍ରୀମନ୍ଦିର ବେଢାରେ ପଣ୍ଡା ଦ୍ୱାରା ଦେଇ ରତ୍ନସିଂହାସନରେ ବିରାଜିତ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରିବେ। ପ୍ରତିଟି ପୁରୀ ବାସୀଙ୍କର ଗୋଟିଏ ସ୍ୱରରେ ଦାବୀ ଚାରି ଦୁଆରରେ ପ୍ରବେଶ ଓ ଶ୍ରୀଜଗନ୍ନାଥ ଙ୍କୁ ଦର୍ଶନ। ଦୀର୍ଘ ୨ଘଣ୍ଟା ଶ୍ରୀମନ୍ଦିର ସିଂହଦ୍ୱାର ଏମାରମଠ ଚକଡାରେ ବସିବା ପରେ ଶ୍ରୀମନ୍ଦିର ଚତୁପାର୍ଶରେ ଜୟ ଜଗନ୍ନାଥ ଧ୍ୱନୀ ଦେଇ ପରିକ୍ରମା କରିଥିଲେ। ଗୋଟିଏ ସ୍ୱର ମହାପ୍ରସାଦ କିଣିବା ପାଇଁ ଯାଇପାରୁନାହାନ୍ତି। ପ୍ରତିଦିନ ଦର୍ଶନ ପାଇଁ ଲମ୍ବ ଧାଡିରେ ଯିବା ପାଇଁ ପଡୁଛି ତାହା ଅସମ୍ଭବ ହୋଇପଡିଛି ତେଣୁ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପୁରୀବାସୀଙ୍କ ଦର୍ଶନ ସୁଗମ କରନ୍ତୁ ବୋଲି ପୁରୀର ବୁଦ୍ଧିଜୀବି ଦାବି ଜଣାଇଛନ୍ତି। ଏହାସହ ପୁରୀ ସମସ୍ତ ଜନ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳ ଆଗେଇ ଆସି ପୁରୀବାସୀଙ୍କ ଶ୍ରୀ ଜଗନ୍ନାଥଙ୍କ ସହଜ ଦର୍ଶନ ପାଇଁ ଆରମ୍ଭ ହୋଇଥିବା ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି।

## ଘର ଉପରକୁ ବୋମାମାଡ଼, ସାଇଣ୍ଟିଫିକ ଟିମ୍‌ର ଛାନ୍‌ଭିନ୍

**ଓଡ଼ଗାଁ,୨୩।୧୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପାଣ୍ଡେରିପଡ଼ା ପଞ୍ଚାୟତ ମଦନପୁର ଗ୍ରାମରେ ଘର ଉପରକୁ ବୋମାମାଡ଼ ହୋଇଛି। ଜନୈକ ବ୍ୟକ୍ତିଙ୍କ ଘରକୁ ସେହିଗ୍ରାମର ଦୁଇଜଣ ବ୍ୟକ୍ତି ବୋମାମାଡ଼କରି ଫେରାର ହୋଇଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତକାଲି ରାତିରେ ସୁଧାଂଶୁ ବେହେରାଙ୍କ ଘରକୁ ବୋମାମାଡ଼ ହୋଇଥିଲା। ସୁଧାଂଶୁ ଓ ପରିବାର ଲୋକେ ଘରେ ଖାଇ ବସିଥିବା ସମୟରେ ହଠାତ ବୋମାଫୁଟିବା ଶବ୍ଦ ହେଲା। ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଭୟଙ୍କର ଶବ୍ଦରେ ଝରକାର କାଚ ଗ୍ଲାସଭାଙ୍ଗି ସୁଧାଂଶୁଙ୍କ ପିଲାଙ୍କ ଉପରେ ପଡ଼ିବାରୁ ଦେହ ଖଣ୍ଡିଆ ଖାବରା ହୋଇଥିଲା। କଣ ହେଲା ବୋଲି ଆଶ୍ଚର୍ଯ୍ୟ ହୋଇ ବାହାରକୁ ଯାଇ ଦେଖିବା ସମୟରେ ଗାଁର ନିରଞ୍ଜନ ଜେନାଙ୍କ ପୁଅ ଶ୍ରୀଧର ଜେନା ଓ ନିବାସ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ ଦୌଡ଼ିଯାଇ ନିଜ ବାଇକରେ ବସି ପଳାଇଥିବା ସୁଧାଂଶୁ ଅଭିଯୋଗ କରିଛନ୍ତି। ସୁଧାଂଶୁ ଘରେ ଲଗାଇଥିବା ସିସିଟିଭି ଯାଂଚକରି ପୁଲିସକୁ ଫୋନ୍ କରି ଜଣାଇବାପରେ ଓଡ଼ଗାଁ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଜିପୁଣି ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି। ସୁଧାଂଶୁ ଦେଇଥିବା ସିସିଟିଭି ଫୁଟେଜ ସହିତ ଶ୍ରୀଧର ଓ ସୌମ୍ୟରଞ୍ଜନଙ୍କ ମେଳ ଖାଉନଥିବାରୁ ଘଟଣା ଅଧିକ ସନ୍ଦେହ ଘେରକୁ ଆସିଛି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତକରି ଲାବୋଟାରୀକୁ ପଠାଇ ଅପରାଧୀମାନଙ୍କୁ ଧରିବାକୁ ଚେଷ୍ଟାକରୁଛି।ଏହି ଘଟଣାରେ ୩ଜଣ ସାମିଲଥିବା କୁହାଯାଉଥିବା ବେଳେ ସୁଧାଂଶୁ ୨ଜଣଙ୍କ ନାମରେ ଅଭିଯୋଗ କରିଥିବା ଜଣାପଡ଼ିଛି। ତେବେ ଘଟଣାର ସତ୍ୟତା ଜଣାପଡ଼ିବାପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ଓଡ଼ଗାଁ ଆଦର୍ଶ ଥାନା ସବ୍ ଇନ୍ସପେକ୍ଟର ଚକ୍ରଧର ସିଂ ସୂଚନା ଦେଇଛନ୍ତି।

## ଗୋବରୀ ନଦୀରୁ ନିଖୋଜ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର

**ମାହାଙ୍ଗା,୨୩।୧୧/ଏନ୍‌ଏନ୍‌ଏସ୍:** ଦେଢ଼ମାସ ପୂର୍ବେ ମାହାଙ୍ଗା ଥାନା ଜଳେଶ୍ୱରପୁର ପଂଚାୟତ ଗଙ୍ଗପୁରା ଗ୍ରାମର ବୃଦ୍ଧ ଶଙ୍କର ଦାସ(୭୩)ଗୋବରୀ ନଦୀକୁ ଶୌଚ ହେବା ପାଇଁ ଯାଇ ନିଖୋଜ ହୋଇ ଯାଇଥିଲେ। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ଦ୍ୱାରା ଦୀର୍ଘ ତିନି ଧରି ଶଙ୍କରକୁ ଗୋବରୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ତେବେ ଏହି ଘଟଣାର ୪୯ ଦିନ ପରେ ଆଜି ଗୋବରୀ ନଦୀର ଜଳସ୍ତର ହ୍ରାସ ହେବା ପରେ ରାହାଣିଆ ପଞ୍ଚାୟତ ମୋଗଲପାଟଣା ନିକଟରେ ଗୋବରୀ ନଦୀ ମଧ୍ୟରେ ଥିବା ଏକ ବାଉଁଶ ବୁଦା ଖୋଲ ଭିତରେ ବୃଦ୍ଧ ଶଙ୍କରର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ସଂପର୍କୀୟ ଲୋକମାନେ ପହଞ୍ଚି ଶବ ଚିହ୍ନଟ କରିବା ପରେ କୁଆଁପାଳ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କୁଆଁପାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶଙ୍କରଙ୍କ ଗଳିତ ଶବ ଉଦ୍ଧାର କରିଥିଲେ। ମାହାଙ୍ଗା ପୁଲିସ ପହଞ୍ଚି ମୃତ ଶଙ୍କରଙ୍କ ଶବ ଜବତକରି ବ୍ୟବଛେଦ ନିମନ୍ତେ କଟକ ବଡ଼ମେଡିକାଲ ପଠାଇ ତଦନ୍ତ ଚାଲୁ ରଖିଥିବା ଜଣାଯାଇଛି।

## ବାଇକ୍ ଦୁର୍ଘଟଣାରେ ଶଳା ମୃତ, ଭିଣୋଇ ଗୁରୁତର

**ଦଶପଲ୍ଲା,୨୩।୧୧/ଏନ୍‌ଏନ୍‌ଏସ୍:** ରବିବାର ଅପରାହ୍ନ ସମୟରେ ଦଶପଲ୍ଲା ଥାନା ଡ୍ୟାମ ଛକ ନିକଟରେ ଏକ ମାଲ ବୋଝେଇ ଆଇଚର ସହ ଏକ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ପିକ୍‌ଅପ୍ ପଛରେ ଏକ ବାଇକ୍‌ରେ ଯାଉଥିବା ଶଳା ଭିଣୋଇ ମଧ୍ୟରୁ ଶଳାର ମୃତ୍ୟୁ ହୋଇଥିବା ବେଳେ ଭିଣୋଇ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ହେଉଛନ୍ତି ଅମିତ ବାଗ(୨୮) ଓ ତାଙ୍କ ଘର ବୌଦ୍ଧ ଜିଲ୍ଲା ଜାମସୋଲା ଜାଲୋଇ ହୋଇଥିବା ବେଳେ ଆହତ ସୁଶାନ୍ତ ବରିହାଙ୍କ ଘର ବଡିଗାଓଁ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଉଭୟ ଶଳାଭିଣୋଇ ବୋଲି ଜଣାପଡିଛି। ଉଭୟ ଏକ ବାଇକ୍‌ରେ ଭୁବନେଶ୍ୱରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅନ୍ୟପାର୍ଶ୍ୱରେ ଆଇଚର ଡ୍ରାଇଭର ସଦାନନ୍ଦ ବାରିକ ଓ ପିକଅପ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସଦାନନ୍ଦଙ୍କ ଘର ସୋନପୁର ଜିଲ୍ଲା ଶୁଣାପାଲି ହିଇଥିବା ବେଳେ ରବୀନ୍ଦ୍ରଙ୍କ ଘର ବୌଦ୍ଧ ମାଳିସାହି ଗ୍ରାମରେ। ପ୍ରଥମେ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ଅମିତଙ୍କୁ ମୃତ ଘୋଷଣା କରିଥିଲେ।

### ଘରୋଇ ଅଫିସ୍‌କୁ ...

କେବଳ ୫୦ % କର୍ମଚାରୀଙ୍କ ସହିତ କାର୍ଯ୍ୟ କରିବାକୁ କୁହାଯାଇଛି । ଅନ୍ୟ ମାନଙ୍କୁ ଘରୁ କାମ କରିବାକୁ ଅନୁମତି ଦିଆଯାଇଛି। ବାୟୁ ଗୁଣବତ୍ତାର ଅବନତିକୁ ରୋକିବା ପାଇଁ ସରକାର ବିଭିନ୍ନ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି।ଦିଲ୍ଲୀ ସରକାରଙ୍କପରାମର୍ଶ ଅନୁଯାୟୀ, ରାଜଧାନୀରେ ଘରୋଇ କାର୍ଯ୍ୟାଳୟ ଗୁଡ଼ିକ ଏବେ ସେମାନଙ୍କ କର୍ମଚାରୀଙ୍କ ମାତ୍ର ଅଧା ଶାରୀରିକ ଉପସ୍ଥିତି ସହିତ କାର୍ଯ୍ୟ କରିବେ। ପ୍ରଦୂଷଣ ଚାପ ହ୍ରାସ କରିବା ଏବଂ ସହରର ବାୟୁ ଗୁଣବତ୍ତା ସ୍ଥିର କରିବାରେ ସାହାଯ୍ୟ କରିବା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ଭାବରେ ଏହି ପଦକ୍ଷେପ ନିଆଯାଇଛି। ସରକାର କହିଛନ୍ତି ଯେ ଏହି ବ୍ୟବସ୍ଥା ବର୍ତ୍ତମାନ ପରିସ୍ଥିତିରେ ଅତ୍ୟାବଶ୍ୟକ ରହିଛି। ସୂଚନାଥାଉକି, ରାଜଧାନୀ ଦିଲ୍ଲୀ ଏବେ ଜିଆରଏପି-୩ ପର୍ଯ୍ୟାୟରେ ଅଛି, ଯାହା ଯୋଗୁଁ ଅନେକ କଟକଣା ପୂର୍ବରୁ ଲାଗୁ ହୋଇଛି। ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି କି, 'ଜିଆରଏପି-୩ସମୟରେ, ଦିଲ୍ଲୀ ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ନେଉଛନ୍ତି । ଆମର ଧ୍ୟାନ ସ୍ୱଚ୍ଛ ବାୟୁ, ଜନସ୍ୱାସ୍ଥ୍ୟ ଉପରେ ରହିଛି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବ୍ୟକ୍ତିଗତ ଭାବରେ ପ୍ରଦୂଷଣ ସ୍ତର ସମୀକ୍ଷା କରୁଛନ୍ତି। ସରକାର ବିଶେଷ ଭାବରେ ଦୁର୍ବଳ ଗୋଷ୍ଠୀ, ଯେପରିକି ବୃଦ୍ଧ, ଶିଶୁ ଏବଂ ଅସୁସ୍ଥଙ୍କ ସୁରକ୍ଷା ପ୍ରତି ସତର୍କ ଅଛନ୍ତି। ଯେକୌଣସି ପରିସ୍ଥିତିର ପ୍ରତିକ୍ରିୟାରେ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭିଡ଼ ଏବଂ ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ, ସରକାର ପୂର୍ବରୁ ସରକାରୀ କାର୍ଯ୍ୟାଳୟର ସମୟରେ ପରିବର୍ତ୍ତନ କରିଛନ୍ତି । ଏମସିଡି କାର୍ଯ୍ୟାଳୟ ଗୁଡ଼ିକ ସକାଳ ୮.୩୦ ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏବଂ ଦିଲ୍ଲୀ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ସକାଳ ୧୦ ଟାରୁ ସନ୍ଧ୍ୟା ସାଢେ ୬ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏହି ବ୍ୟବସ୍ଥା ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହା ପିକ୍ ଆୱାରରେ ଟ୍ରାଫିକ୍ ହ୍ରାସ କରିବ ଏବଂ ପ୍ରଦୂଷଣ ହ୍ରାସ କରିବ।

### ବଢ଼ିଲା ବାତ୍ୟା ସମ୍ଭାବନା ...

ବଙ୍ଗୋପସାଗରରେ ଆଉ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ପାଣିପାଗ ବିଜ୍ଞାନୀଙ୍କ ମତରେ, ୨ଟି ସିଷ୍ଟମରୁ ଗୋଟିଏ ଦୁର୍ବଳ ପଡ଼ିବ ଓ ଅନ୍ୟଟି ଘନୀଭୂତ ହୋଇ ଆଗକୁ ବଢ଼ିବ। ସେଥିପାଇଁ ଏବେଠୁ ବାତ୍ୟା ଗତିପଥ ଓ ପ୍ରଭାବ ନେଇ ସ୍ପଷ୍ଟ ସଙ୍କେତ ଆସୁନାହିଁ। ସମ୍ଭାବ୍ୟ ବାତ୍ୟା ତାମିଲନାଡୁ କିମ୍ବା ଦକ୍ଷିଣ ଆନ୍ଧ୍ର ଉପକୂଳକୁ ହିଟ୍ କରିପାରେ। କାରଣ ତାମିଲନାଡୁ ପାଖରେ ଥଣ୍ଡା ପ୍ରକୋପ ନାହିଁ। ତାମିଲନାଡୁ ଉପରକୁ ଆସିଲେ ଦୁର୍ବଳ ପଡ଼ିବ। କାରଣ କୋଲକାତା କିମ୍ବା ବାଂଲାଦେଶ ମୁହାଁ ହେଲେ ଥଣ୍ଡା ପ୍ରକୋପରୁ ସମୁଦ୍ରରେ ଶକ୍ତିହୀନ ହୋଇପାରେ ସମ୍ଭାବ୍ୟ ସାଇକ୍ଲୋନ।୨୬-୨୭ ତାରିଖ ବେଳକୁ ସ୍ପଷ୍ଟତା ଆସିପାରେ। ୩୦ ପୂର୍ବରୁ କୌଣସି ଉପକୂଳକୁ ହିଟ୍ କରିବ ନାହିଁ। ଅନ୍ୟପଟେ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବ ପଡ଼ିନପାରେ। କିନ୍ତୁ ବର୍ଷା କରାଇପାରେ। ପାଣିପାଗ ବିଭାଗର ପୂର୍ବ ରେକର୍ଡ କହୁଛି, ଓଡ଼ିଶାକୁ ନଭେମ୍ବର-ଡିସେମ୍ବରରେ ବାତ୍ୟା କେବେ ଆସିନି। ତଥାପି ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ଓ ରାଜ୍ୟସ୍ୱ ବିଭାଗ ସତର୍କ ଥିବା ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ପାଣିପାଗ ବିଭାଗର ପୂର୍ବାନୁମାନ ପରେ ଚାଷୀ ଜମିରୁ ଧାନ କାଟି ଆଣିବା ସହ ଅମଳ କରି ସାଇତି ରଖିଲେଣି।

## କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଲାଇଟ୍ ଆଣ୍ଡ୍ ଶୋ'ର ଉନ୍ନତିକରଣ ପ୍ରକଳ୍ପ ଉଦ୍‌ଘାଟିତ

**କୋଣାର୍କ,୨୩।୧୧/ଏନ୍‌ଏନ୍‌ଏସ୍:** ଶୁକ୍ରବାର ସନ୍ଧ୍ୟାରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପ୍ରାଙ୍ଗଣରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା 'ଲାଇଟ୍ ଏବଂ ସାଉଣ୍ଡ୍ ଶୋ' ଅପ୍‌ଗ୍ରେଡେସନ୍ ପ୍ରକଳ୍ପ'କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ଉଦ୍‌ଘାଟନ କରିଛନ୍ତି। ଅତ୍ୟାଧୁନିକ ଓ ଉଚ୍ଚ-ରିଜୋଲ୍ୟୁସନ୍ ଡିଜିଟାଲ୍ ୮ଗୋଟି ଲେଜର୍ ପ୍ରୋଜେକ୍ଟର୍‌କୁ ନୂତନ ଭାବେ ସ୍ଥାପନ କରାଯାଇ ଗୋଟେ ଶୋ'ରେ ୩୦୦ଜଣ ପର୍ଯ୍ୟଟକ ମୁକ୍ତାକାଶ ତଳେ ବସି ଦେଖିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରଥମଥର ଦର୍ଶକଙ୍କ ପାଇଁ ସମ୍ପୂର୍ଣ୍ଣ ହେଡ୍‌ଫୋନ୍-ଆଧାରିତ ବ୍ୟବସ୍ଥାକୁ ବଦଳାଯାଇ ଏକ ଆଧୁନିକ, ଓପନ୍-ସରାଉଣ୍ଡ ସାଉଣ୍ଡ



ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇଛି, ଯାହା ପର୍ଯ୍ୟଟକଙ୍କୁ ସୂର୍ଯ୍ୟମନ୍ଦିରର ଐତିହାସିକ କାହାଣୀ ଶୁଣିବାକୁ ଶ୍ରୁତିମଧୁର ଅନୁଭୂତି ଦେବ। ପ୍ରତେକ ଦିନ ୬ଟା ୩୦ମିନିଟରୁ ୭ଘଟିକା ପର୍ଯ୍ୟନ୍ତ ଚାଲିବ। ମାତ୍ର ୧୦୦ଜଣଙ୍କ ମଧ୍ୟରେ ଯଦି ପର୍ଯ୍ୟଟକ ଆବଶ୍ୟକ କଲେ ହେଡ୍‌ଫୋନ ବ୍ୟବହାର କରି ନିଜ ଭାଷାରେ ଶବ୍ଦ ଶୁଣିବାକୁ ସେ ଏହାକୁ ବ୍ୟବହାର କରିବା ପାଇଁ ବ୍ୟବସ୍ଥା ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଦୁଇଟି ଶୋ' ଚାଲିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ସମେତ ଉଚ୍ଚ ପ୍ରଶାସନିକ ଅଧିକାରମାନେ ଲାଇଟ୍ ଆଣ୍ଡ୍ ଶୋ' ଉପଭୋଗ କରିଥିଲେ। ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗକରି ଗୌରବମୟ ଐତିହ୍ୟ ସୂର୍ଯ୍ୟମନ୍ଦିରକୁ ବିଶ୍ୱ ସମ୍ମୁଖରେ ଆହୁରି ଭଲ ଭାବରେ ପରିଚିତ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆଜି 'ଲାଇଟ୍ ଏବଂ ସାଉଣ୍ଡ ଶୋ'ର ସମ୍ପୂର୍ଣ୍ଣ ଆଧୁନିକୀକରଣର କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଥିଲେ।

## ଆଜିର ଇତିହାସ

- ୧୬୭୫-ଶିଖମାନଙ୍କର ନବମ ଗୁରୁ ତେଗ୍ ବାହାଦୁରଙ୍କ ନିଧନ।
- ୧୯୨୬-ପ୍ରଖ୍ୟାତ ଦାର୍ଶନିକ ଶ୍ରୀ ଅରବିନ୍ଦ ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ କରିଥିଲେ।
- ୧୯୮୬-ତାମିଲନାଡୁ ବିଧାନସଭାରୁ ସମସ୍ତ ବିଧାୟକଙ୍କୁ ନିଷ୍କାସିତ କରାଯାଇଥିଲା।
- ୧୯୯୪-ପ୍ରସିଦ୍ଧ ଅଭିନେତା ଓ ନିର୍ଦ୍ଦେଶକ ଅମୋଲ ପାଲେକର ଜନ୍ମଗ୍ରହଣ କରିଥିଲେ।
- ୧୯୯୯-ଏଥେନ୍ସରେ ସମ୍ପନ୍ନ ବିଶ୍ୱ ଭାରୋତ୍ତଳନ ଚାମ୍ପିଅନଶିପ୍‌ରେ କୁଞ୍ଜରାଣୀ ଦେବୀ ରୌପ୍ୟ ପଦକ ପ୍ରାପ୍ତ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଚାପଗ୍ରସ୍ତ ଦିନଟିଏ। ଗୃହସ୍ଥ ଜୀବନରେ ଲଢ଼େଇର ସମ୍ଭାବନା ରହିଛି। ବିଦ୍ୟାର୍ଥୀଙ୍କର ପାଠପଢ଼ାରେ ମନ ଲାଗିବ ନାହିଁ। କାମର କ୍ଷତି ସହିବାକୁ ପଡ଼ିବ। କାନୁନୀ ମାମଲାରେ ବିଜୟୀ ହେବେ।

**ବୃଷ** - ବ୍ୟସ୍ତତାଭରା ଦିନଟିଏ। କାମକୁ ଟାଳିବେ। ସମସ୍ୟାରେ ପଡ଼ିପାରନ୍ତି। ପ୍ରେମ ଜୀବନରେ ତାଳମେଳ ରକ୍ଷା କରି ଚାଲିବେ। ପାର୍ଟ ଟାଇମ୍ କାମ କରିବାର ଯୋଜନା କରିପାରନ୍ତି। କାମକୁ ନେଇ ଅସୁବିଧା ହେବ।

**ମିଥୁନ** - ନିଜ ଜ୍ଞାନକୁ ବଢ଼େଇବେ। ଅଟକିଥିବା କାମ ଚିନ୍ତାରେ ପକେଇବେ। ପାରିବାରିକ ମାମଲାର ସମାଧାନ କରିବେ। ଘରର ଲଢ଼େଇ ଝଗଡ଼ା ଦ୍ୱାରା ଚାପ ସୃଷ୍ଟି ହେବ। କିଛି କଥା ପାଇଁ ସମସ୍ୟାରେ ପଡ଼ିପାରନ୍ତି।

**କର୍କଟ** - କୌଣସି କାମ ଶୀଘ୍ର ନକଲେ ଭଲ। ଅଟକିଥିବା କାମ ପୂରା ହେବ। ଭୁଲ୍ ପାଇଁ ଗାଳି ଖାଇପାରନ୍ତି। ଧାର୍ମିକ କାମରେ ସମ୍ମିଳିତ ହେବାର ସୁଯୋଗ ପାଇବେ। ଅର୍ଥ ନିବେଶ କରିଥିଲେ କ୍ଷତି ହୋଇପାରେ।

**ସିଂହ** - ଆର୍ଥିକ ମାମଲା ପାଇଁ ଦିନଟି ଉତ୍ତମ। ପୁରୁଣା ଡିଲ୍ ଫାଇନାଲ୍ ହେବ। ବିଦେଶରେ ଥିବା ପରିଜନ ଖୁସି ଖବର ଶୁଣେଇବେ। ଜୀବନସାଥି ନାରାଜ ରହିବେ। ଘରୋଇ ମାମଲାଗୁଡ଼ିକୁ ଘରେ ରଖିଲେ ଭଲ।

**କନ୍ୟା** - ଅନିଚ୍ଛା ସତ୍ତ୍ୱେ ଯାତ୍ରା କରିବାକୁ ପଡ଼ିପାରେ। କାର୍ଯ୍ୟ ବିଳମ୍ବ ଯୋଗ ରହିଛି। ରୋଜଗାର ତଲାଶ ଜାରି ରହିବ। ବିଦେଶ ଯାତ୍ରା ଯୋଗ ରହିଛି। ଷଡ଼ଯନ୍ତ୍ରରେ କେହି ଫସାଇପାରେ।

**ତୁଳା** - ଚାକିରିରେ ପଦୋନ୍ନତି ଯୋଗ ରହିଛି। ରାଜନୀତିରେ ପଦ ପ୍ରାପ୍ତ କରିପାରନ୍ତି। କୋର୍ଟ କଚେରି ମାମଲାରେ ନିର୍ଣ୍ଣୟ ଆପଣଙ୍କ ପକ୍ଷରେ ଯିବ। ଖେଳକୁଦରେ ସଫଳତା ଓ ସମ୍ମାନ ମିଳିବ।

**ବିଛା** - ଆଜି ଦିନଟି ସୁଖ ଓ ଉନ୍ନତିଦାୟକ ରହିବ। ଅଟକିଥିବା କାମ ସମ୍ପୂର୍ଣ୍ଣ ହେବ। ଅଧିକ ପରିଶ୍ରମ ଲାଭ ଦେବ। ଭୂମି, ବାହନ ଆଦି କ୍ରୟ ବିକ୍ରୟ ପାଇଁ ସମୟ ଅନୁକୂଳ। ନୂଆ ସମ୍ପତ୍ତି କିଣି ପାରନ୍ତି।

**ଧନୁ** - ରୋଜଗାର ମିଳିପାରେ। ନୂଆ ଉଦ୍ୟୋଗ ଆରମ୍ଭ କରିପାରନ୍ତି। ଦୁଗ୍ଧ ବ୍ୟାପାରୀଙ୍କୁ ସଫଳତା ମିଳିବ। ପଦୋନ୍ନତି ଯୋଗ ରହିଛି। ବିଦେଶ ଯିବାର ଅବସର ପାଇବେ। ଶାସନ ସତ୍ତାର ଲାଭ ପାଇବେ।

**ମକର** - କାର୍ଯ୍ୟକ୍ଷେତ୍ର ସଂଘର୍ଷପୂର୍ଣ୍ଣ ରହିବ। ବୁଦ୍ଧି ବିବେକ ଦ୍ୱାରା କାମ କରନ୍ତୁ। ଅନ୍ୟ ଉପରେ ନିର୍ଭର ନକଲେ ଭଲ। ସମାଜରେ ମାନ-ପ୍ରତିଷ୍ଠା ପ୍ରତି ସଜାଗ ରହିବେ। ଆଧାତ୍ମିକ କାର୍ଯ୍ୟରେ ରୁଚି ରହିବ।

**କୁମ୍ଭ** - କୌଣସି ଶୁଭ ସମାଚାର ପାଇବେ। ପଦୋନ୍ନତି ସହିତ ଇଚ୍ଛା ମୁତାବକ ସ୍ଥାନ ପାଇବେ। ନୂଆ କାର୍ଯ୍ୟ ଯୋଜନା ଆରମ୍ଭ ହୋଇପାରେ। ଅନାବଶ୍ୟକ ବାଦ ବିବାଦ ଠାରୁ ଦୂରରେ ରହିଲେ ଭଲ।

**ମୀନ** - ସନ୍ତାନ ପକ୍ଷରୁ ଶୁଭ ସମାଚାର ମିଳିବ। ନୂଆ ମିତ୍ର ମିଳିବେ। ବୌଦ୍ଧିକ କାର୍ଯ୍ୟରେ ସଫଳତା ଓ ସମ୍ମାନ ମିଳିବ। ବ୍ୟାପାରରେ ଆୟ ବୃଦ୍ଧି ପାଇଁ ପ୍ରୟାସ ସଫଳ ରହିବ। ମିତ୍ରଙ୍କ ସହିତ ମତଭେଦ ହୋଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍।
ଭୂତଭର୍ତ୍ତୃ ଚ ତଜ୍‌ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ। (୧୩/୧୬)**

ସେ ସର୍ବ ଭୂତରେ ଅବିଭକ୍ତ ଓ ଅପରିଚ୍ଛିନ୍ନ ହେଲେ ମଧ୍ୟ ପ୍ରତ୍ୟେକ ପ୍ରାଣୀ ଠାରେ ଭିନ୍ନ ଭିନ୍ନ ବୋଲି ପ୍ରତୀତ ହୁଅନ୍ତି। ତାଙ୍କୁ ଭୂତମାନଙ୍କର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକର୍ତ୍ତା ବୋଲି ଜାଣିବ।

ଶ୍ରୀ ରାମକୃଷ୍ଣଙ୍କ ଭାଷାରେ - ଜଣେ ସାଧୁ ହଠାତ ନିର୍ମଳ ଆକାଶରେ ଦେଖିଲେ ବାଦଲ ଏବଂ ସଂଗେ ସଂଗେ ପବନ ବୋହିବାରୁ ବାଦଲ ଅପସରି ଗଲା। ଏହି ଦୃଶ୍ୟ ତାଙ୍କୁ ଏପରି ଆନନ୍ଦିତ କଲା ଯେ ସେ ବିସ୍ମୟବିମୂଢ଼ ହେଇ କହି ଉଠିଲେ - ବ୍ରହ୍ମ ହେଉଛନ୍ତି ଉପାଦାନଶୂନ୍ୟ ଚେତନା, ଠିକ୍ ନିର୍ମଳ ଆକାଶ ସଦୃଶ। ମେଘ ଆକାଶରେ ଆବିର୍ଭୂତ ହେଲା ଭଳି ଜୀବସତ୍ତାର ଜଗତ ବ୍ରହ୍ମଙ୍କ ଭିତରେ ଆବିର୍ଭୂତ ହୁଏ, ପୁଣି ଅନ୍ତର୍ହିତ ହେଇଯାଏ ମଧ୍ୟ। କିନ୍ତୁ ବ୍ରହ୍ମ ନିରନ୍ତର ରହିଥାନ୍ତି।

# ଗୁରୁ ତେଗ୍ ବାହାଦୁର



ଶିଖମାନଙ୍କର ନବମ ଗୁରୁ ତେଗ୍ ବାହାଦୁରଙ୍କ ଜନ୍ମ ପଞ୍ଜାବର ଅମୃତସର ନଗରରେ ହୋଇଥିଲା। ଔରଙ୍ଗଜେବଙ୍କ ଶାସନ କାଳ ସମୟରେ ଜଣେ ବିଦ୍ୱାନ ଆସି ପ୍ରତିଦିନ ଗୀତା ଶ୍ଳୋକ ପଢ଼ି ତା'ର ଅର୍ଥ ଶୁଣଉଥିଲେ। ସେ ମଝିରେ ମଝିରେ କିଛି ଶ୍ଳୋକ ଛାଡ଼ି ଦେଉଥିଲେ। ଦିନେ ପଣ୍ଡିତ ରୋଗଗ୍ରସ୍ତ ହୋଇଗଲେ ଓ ଗୀତା ଶ୍ଳୋକ ଶୁଣେଇବା ଓ ବ୍ୟାଖ୍ୟା କରିବା ପାଇଁ ସେ ତାଙ୍କ ପୁତ୍ରଙ୍କୁ ପଠାଇଥିଲେ। କିନ୍ତୁ କେଉଁ କେଉଁ ଶ୍ଳୋକର ଭାବାର୍ଥ ରାଜାଙ୍କ ସମ୍ମୁଖରେ ପେଶ୍ ନକରିବା କଥା ସେ ପୁତ୍ରଙ୍କୁ କହିବାକୁ ଭୁଲିଗଲେ। ଗୀତାର ପୂରା ଅର୍ଥ ଶୁଣିବା ପରେ ସେ ସମସ୍ତଙ୍କୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପାଇଁ ଆଦେଶ ଦେଇ ଯେଉଁମାନେ ଇସଲାମ୍ ଧର୍ମ ଗ୍ରହଣ କରୁନାହାନ୍ତି ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ଆଦେଶ ଦେଇଥିଲେ। ଏହି ପ୍ରକାରର ଜବରଦସ୍ତି କାରଣରୁ ଅନ୍ୟ ଧର୍ମର ଲୋକମାନଙ୍କ ଜୀବନ କଠିନ ହୋଇଗଲା। ଏହି ଜୁଲମ୍ ଦ୍ୱାରା ଗ୍ରସ୍ତ କାଶ୍ମୀରୀ ପଣ୍ଡିତମାନେ ଗୁରୁ ତେଗ୍ ବାହାଦୁରଙ୍କ ପାଖକୁ ଆସି ଅତ୍ୟାଚାର ଓ ଯାତନାର କାହାଣୀ ଶୁଣାଇଥିଲେ। ଏସବୁ ଶୁଣିବା ପରେ ସେ ପଣ୍ଡିତମାନଙ୍କୁ କହିଲେ ଔରଙ୍ଗଜେବଙ୍କୁ ଯାଇ କୁହ ଗୁରୁ ତେଗ୍ ବାହାଦୁର ଯଦି ଇସଲାମ୍ ଧର୍ମ ଗ୍ରହଣ କରିବେ ତେବେ ଯାଇ ଆମେମାନେ ଏହି ଧର୍ମ ଗ୍ରହଣ କରିବୁ। ଏହି ସର୍ତ୍ତକୁ ଔରଙ୍ଗଜେବ ସ୍ୱୀକାର କରିନେଲା ଓ ନିଜେ ଗୁରୁ ତେଗ୍ ବାହାଦୁର ଦିଲ୍ଲୀରେ ଔରଙ୍ଗଜେବଙ୍କ ଦରବାରକୁ ଯାଇ ପହଞ୍ଚିଲେ। କିନ୍ତୁ ଇସଲାମ୍ ଧର୍ମ ଗ୍ରହଣ କଲେନାହିଁ। ତାଙ୍କୁ ନାନା ପ୍ରକାରର ଯାତନା ଦିଆଗଲା, ଜେଲ୍‌ରେ ଭର୍ତ୍ତି କରାଗଲା। ଏପରିକି ଦୁଇ ଜଣ ଶିଷ୍ୟଙ୍କୁ ହତ୍ୟା କରି ତାଙ୍କୁ ଭୟଭୀତ କରାଇବାକୁ ଚେଷ୍ଟା କରାଗଲା। ଶେଷରେ ଦିଲ୍ଲୀର ଚାନ୍ଦିନୀ ଚୌକ ଠାରେ ତାଙ୍କୁ ହତ୍ୟା କରାଗଲା। ଗୁରୁଜୀ ହସି ହସି ୧୬୭୫ର ଆଜିର ଦିନରେ ନିଜ ଜୀବନକୁ ବଳିଦାନ ଦେଇଥିଲେ। ତାଙ୍କ ସ୍ମୃତିରେ ସହିଦ ସ୍ଥଳରେ ନିର୍ମିତ ହେଲା ଏକ ଗୁରୁଦ୍ୱାର ଯାହାର ନାମ ରଖାଗଲା 'ଗୁରୁଦ୍ୱାରା ଶୀଶ ଗଞ୍ଜ ସାହିବ୍'। ଗୁରୁ ତେଗ୍ ବାହାଦୁର ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ନିଜର ଚାରି ଜଣ ଶିଷ୍ୟଙ୍କ ସହିତ ସହିଦ ହୋଇଗଲେ ଓ ଏହା ସହିତ ଦେଶରେ 'ସର୍ବ ଧର୍ମ ସମ ଭାବ'ର ସଂସ୍କୃତିକୁ ସୁଦୃଢ଼ କରିପାରିଥିଲେ।

# ନାଇଟ୍ ସିଗ୍ନାଲ୍



ବୈଜ୍ଞାନିକମାନେ ପୃଥିବୀ ପାର୍ଶ୍ୱରେ ଅନ୍ତରୀକ୍ଷରେ ହେଉଥିବା ଏକ ନୂଆ ଓ ରହସ୍ୟମୟ ରେଡିଏସନ୍‌ର ସ୍ୱରକୁ ଅନ୍ୱେଷଣ କରିଛନ୍ତି। ଏହା ହେଉଛି ହାଲୁକା ରେଡିଓ ତରଙ୍ଗର ସ୍ୱର ଯାହା ପ୍ରତିଦିନ ସୂର୍ଯ୍ୟାସ୍ତ ପରେ ଆରମ୍ଭ ହୋଇ ପୁଣି ସୂର୍ଯ୍ୟୋଦୟ ହେବାର କିଛି ସମୟ ପରେ ଆଉ ଶୁଣିବାକୁ ମିଳେନାହିଁ। ଏହି ରେଡିଏସନ୍ ବର୍ଷ ବର୍ଷ ପର୍ଯ୍ୟନ୍ତ ଚାଲିଆସୁଛି କିନ୍ତୁ ୨୦୨୨ ମଧ୍ୟରେ ଏହା ଅଚାନକ ବନ୍ଦ ହୋଇଗଲା। ଏହି ଅନ୍ୱେଷଣ କରିଛନ୍ତି ରୁଷ୍‌ର ଜଣେ ଅନ୍ତରୀକ୍ଷ ବିଜ୍ଞାନ ସଂସ୍ଥା। ଏହି ସଂସ୍ଥାର ବୈଜ୍ଞାନିକମାନେ ଜାପାନର ସାଟେଲାଇଟ୍ ସଂଗ୍ରହ କରିଥିବା ସାତ ବର୍ଷର ଡାଟାର ବିଶ୍ଳେଷଣ କରି ଏହି ରେଡିଏସନ୍‌ର ନୂଆ ନାମ ଦେଇଛନ୍ତି ହେକ୍ଟୋମେଟ୍ରିକ୍ କଣ୍ଟିନୁମ୍। ତେବେ ଏହା କୌଣସି ସାଧାରଣ ରେଡିଏସନ୍ ନୁହେଁ, କିନ୍ତୁ ଏହାର ସ୍ୱରକୁ ପୃଥିବୀପୃଷ୍ଠରୁ ଶୁଣିହୁଏ ନାହିଁ କାରଣ ଆମ ବାତାବରଣ ଏହାକୁ ରୋକିଦିଏ। ଏଥିପାଇଁ ଏହି ତରଙ୍ଗକୁ ଅନ୍ୱେଷଣ କରିବା ପାଇଁ ସାଟେଲାଇଟ୍‌ର ଆବଶ୍ୟକତା ପଡ଼େ। ତେବେ ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଅନ୍ତରୀକ୍ଷରେ ଘୂରି ବୁଲୁଥିବା ଚାର୍ଜଡ୍ ପାର୍ଟିକିଲ୍ସକୁ ନିୟନ୍ତ୍ରିତ କରେ। ଦିନରେ ଏହି ରେଡିଏସନ୍ ଦେଖିବାକୁ ମିଳେ ନାହିଁ କାରଣ ସୂର୍ଯ୍ୟଙ୍କ କିରଣର ପ୍ଲାଜ୍‌ମା ଘନତ୍ୱ ବୃଦ୍ଧି କରାଏ ଓ ରେଡିଓ ତରଙ୍ଗ ତିଆରି ହୁଏ ନାହିଁ। ଯେମିତି ସୂର୍ଯ୍ୟ ଅସ୍ତ ଯାଆନ୍ତି ବାତାବରଣ ଥଣ୍ଡା ହୋଇଯାଏ ଓ ପ୍ଲାଜ୍‌ମାର ସ୍ଥିତିରେ ପରିବର୍ତ୍ତନ ହୁଏ ଓ ଏହି ରେଡିଏସନ୍ ଆରମ୍ଭ ହୋଇଯାଏ।

# ପିଲାମାନେ ମିଛ କହୁଛନ୍ତି କି ?

ବାସ୍ତବରେ ପିଲାମାନେ ଯେତେବେଳେ ବାରମ୍ବାର ଛୋଟ ଛୋଟ କଥାଗୁଡ଼ିକ ଉପରେ ମିଛ କହନ୍ତି ମାତାପିତାଙ୍କର ଚିନ୍ତା ବଢ଼ିଯାଏ। କିନ୍ତୁ ପ୍ରଥମେ ଜାଣିବା ଉଚିତ ଯେ ପିଲାମାନଙ୍କ ଦୁନିଆରେ ମିଛ ଓ ସତ କହିବାର କୌଣସି କନ୍‌ସେପ୍ଟ ନଥାଏ। ଏହି କନ୍‌ସେପ୍ଟ ବଡ଼ମାନେ ହିଁ



ପିଲାମାନଙ୍କ ଭିତରେ ଡେଭେଲପ୍ କରାଇ ଥାଆନ୍ତି। ନହେଲେ ଯାହା ଅନୁଭବ କରୁଛନ୍ତି, ଯାହା ଦେଖୁଛନ୍ତି ତାହା ନ କହି ମିଛ କହିବା ଉଚିତ ବୋଲି ସେମାନେ କିପରି ଜାଣିବେ। ସେମାନେ ନିଜ ପରିବେଶରୁ ମିଛ କହିବା ଶିଖିଥାନ୍ତି। ଏଥିପାଇଁ ସେମାନେ ଅନେକ ଥର ଗାଳି, ମାଡ଼ ଖାଇଥାନ୍ତି, ନିଜ ଭୁଲ୍‌କୁ ଲୁଚେଇବା ପାଇଁ ମିଛ କହନ୍ତି। ତେବେ ପିଲାଟିଏ ଯେତେବେଳେ ମିଛ କହେ ସେ ତା' ଭିତରେ ଥିବା ଭୟକୁ ଲୁଚେଇଥାଏ। ଏହି ଭୟ ଦଣ୍ଡ ପାଇଁ, ଗାଳି ଖାଇବା ପାଇଁ ବା ପୁଣି ସ୍ୱୀକାର କରା ନଯିବା ପାଇଁ। ଅନେକ ଥର ତାକୁ ଲାଗେ ଯେ ମିଛ କହିବା ଦ୍ୱାରା ପିତାମାତା ନାରାଜ ହେବେ କିମ୍ବା ତା' ଭୁଲ୍‌କୁ କ୍ଷମା କରିବେ ନାହିଁ ତେଣୁ ସେହି ସ୍ଥାନରେ ମିଛ କହିଲେ ଆତ୍ମରକ୍ଷାର ଏକ ଉପାୟ ହୋଇଯାଏ। ସେ ସେହିଠାରେ ମିଛ କହିନଥାଏ ନିଜ ସତ୍ୟକୁ ସୁରକ୍ଷା ଦେଇଥାଏ। ଏହି ସ୍ଥାନରେ ପିତାମାତାମାନେ ମିଛକୁ ଧରିବା ପରିବର୍ତ୍ତେ ସେମାନଙ୍କୁ ଭୟ ଦେଖାଇ ବୁଝେଇବା ପାଇଁ ଚେଷ୍ଟା କରିଥାନ୍ତି। ତେଣୁ ପିଲାଟି ଯଦି ମିଛ କହିଛି ପିତାମାତା ତାକୁ ଅପମାନିତ କିମ୍ବା ଭୟ ନଦେଖାଇ ଏପରି ପରିବେଶ ସୃଷ୍ଟି କରେଇବା ଉଚିତ ଯେଉଁଠାରେ ସେ ନିଡ଼ର ହୋଇ ନିଜ ଭୁଲ୍‌କୁ ସ୍ୱୀକାର କରିପାରିବ। ଏହା ବ୍ୟତୀତ ଆହୁରି କିଛି କାରଣ ରହିଛି ଯାହା ପିଲାମାନେ ମିଛ କହିବା ପାଇଁ ଦାୟୀ ହୋଇଥାନ୍ତି। ତେବେ ଏହା ସତ ଯେ ପିଲାଟିଏ ସତ କହିବା ପାଇଁ ସେତେବେଳେ ସାହସ କରେ ଯେତେବେଳେ ପିଲାଟିଏ ନିଜକୁ ସୁରକ୍ଷିତ ଓ ସ୍ୱୀକାର୍ଯ୍ୟ ଅନୁଭବ କରିଥାଏ। ତେଣୁ ଘରର ପରିବେଶ ଏପରି ତିଆରି କରନ୍ତୁ ଯେଉଁଥିରେ ସତ କହିବାକୁ ବିପଦ ନୁହେଁ, ସାହସ ବୋଲି ପିଲାଟିଏ ବୁଝିପାରିବ।

# କାର୍ତ୍ତିକଙ୍କ ଆଗାମୀ ଫିଲ୍ମ

**ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଶେଷ ଥର ପାଇଁ ନଜର ଆସିଥିଲେ ଫିଲ୍ମ 'ଭୁଲ୍ ଭୁଲୈୟା-୩'ରେ। ଫିଲ୍ମଟି ଗତ ବର୍ଷ ସିନେମା ଘରଗୁଡ଼ିକରେ ରିଲିଜ ହୋଇଥିଲା। ଏହାପରେ ଅଭିନେତା କୌଣସି ଫିଲ୍ମରେ ନଜର ଆସିନାହାନ୍ତି। କିନ୍ତୁ ଏ ସମୟରେ କାର୍ତ୍ତିକଙ୍କର ବଡ଼ ବଡ଼ ପ୍ରୋଜେକ୍ଟ ପଡ଼ି ରହିଛି ପାଇପ୍‌ଲାଇନ୍‌ରେ ଓ ଦର୍ଶକମାନେ ମଧ୍ୟ ତାଙ୍କୁ ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି। ରୋମାଣ୍ଟିକ ଫିଲ୍ମରୁ ଆରମ୍ଭ କରି ସୁପରନାଚୁରାଲ୍ ଫିଲ୍ମ ପର୍ଯ୍ୟନ୍ତ ଏହି ସୂଚୀ ମଧ୍ୟରେ ରହିଛି। ଏଥିମଧ୍ୟରୁ କେତୋଟି ଫିଲ୍ମ ବିଷୟରେ ନିମ୍ନରେ ଦିଆଗଲା।**





★ ଏକ ମ୍ୟୁଜିକାଲ୍ ରୋମାଣ୍ଟିକ ବିଷୟରେ ଘୋଷଣା କରାଯାଇଛି ଯେଉଁଥିରେ ଆର୍ଯ୍ୟନଙ୍କ ସହିତ ନଜର ଆସିବେ ଶ୍ରୀଲୀଲା। ତେବେ ଏହାର ଶୀର୍ଷକ ବିଷୟରେ ସ୍ଥିର କରାଯାଇ ନାହିଁ। କିନ୍ତୁ ଦର୍ଶକମାନେ ଏହା 'ଆଶିକୀ-୩' ହୋଇପାରେ ବୋଲି ଅନୁମାନ କରୁଛନ୍ତି। ତେବେ ଫିଲ୍ମଟି ଦୀପାବଳିରେ ରିଲିଜ ହେବାର ଥିଲା କିନ୍ତୁ ଏହାକୁ ପୋଷ୍ଟପନ୍ କରାଯାଇଛି।

★ ସମୀର ବିଧ୍ୱଂସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ତୁ ମେରୀ ମେଁ ତେରା ମେଁ ତେରା ତୁ ମେରୀ' ମଧ୍ୟ ଲାଇନ୍‌ରେ ରହିଛି। ଏହାକୁ ପ୍ରଡ୍ୟୁସ କରୁଛନ୍ତି କରଣଙ୍କ ଧର୍ମା ପ୍ରଡକ୍ସନ୍ସ। ଏଥିରେ କାର୍ତ୍ତିକଙ୍କ ସହିତ ନଜର ଆସିବେ ଅନନ୍ୟା ପାଣ୍ଡେ। ଫିଲ୍ମଟି ୨୫ ଡିସେମ୍ବରରେ ରିଲିଜ ହେବ।

★ ଧର୍ମା ପ୍ରଡକ୍ସନ୍ସ ଅନ୍ତର୍ଗତ ଆଉ ଏକ ଫିଲ୍ମ ନିର୍ମାଣ କରାଯାଉଛି ଯାହାର ଶୀର୍ଷକ ରଖାଯାଇଛି 'ନାଗଜିଲ୍ଲା' ଯେଉଁଥିରେ କାର୍ତ୍ତିକ ଜଣେ ଇଚ୍ଛାଧାରୀ ନାଗ ଭୂମିକାରେ ନଜର ଆସିବେ। ଫିଲ୍ମରେ ତାଙ୍କର ଫାଷ୍ଟ ଲୁକ୍ ନଜର ଆସିସାରିଛି। ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ମୃଗଦୀପ ସିଂହ ଲାମ୍ବା। ଫିଲ୍ମଟି ଆସନ୍ତା ବର୍ଷ ୧୪ ଅଗଷ୍ଟରେ ବଡ଼ ପରଦାରେ ରିଲିଜ ହେବ।

★ 'ଚକ୍ ଦେ ଇଣ୍ଡିଆ'ର ନିର୍ଦ୍ଦେଶକ ସୀମିତ ଅମୀନଙ୍କ ସହିତ କାର୍ତ୍ତିକଙ୍କର ଏକ ଫିଲ୍ମ ରହିଛି ଯାହାର ନାମ 'କ୍ୟାପ୍ଟେନ୍ ଇଣ୍ଡିଆ'। 'କ୍ୟାପ୍ଟେନ୍ ଇଣ୍ଡିଆ'ର ଦୁନିଆ ସହିତ କାର୍ତ୍ତିକ, ନିର୍ଦ୍ଦେଶକ ସୀମିତଙ୍କର ପରିଚୟ କରାଇଥିଲେ।

★ କାର୍ତ୍ତିକ 'ଭୁଲ୍ ଭୁଲୈୟା-୪'ରେ ମଧ୍ୟ ନଜର ଆସିବେ। ଏହି ଖବରକୁ ସୁନିଶ୍ଚିତ କରାଇଛନ୍ତି ନିର୍ଦ୍ଦେଶକ ଅନୀସ୍ ବଜମୀ। ବଲିଉଡ୍ ହଙ୍ଗାମା ସହିତ କଥାବାର୍ତ୍ତା କରିବା ସମୟରେ ଏହି ଫିଲ୍ମ ଉପରେ କାମ ଚାଲିଛି ବୋଲି କହିଛନ୍ତି ଅନୀସ୍।



# ଭାସମାନ ସହର-କଳ୍ପନା ଓ ବାସ୍ତବତା



ସମୁଦ୍ରରେ ଭାସମାନ ସହରର ସ୍ଥାପନା କରିବାର କାହାଣୀ ଏକ ସମୟରେ ବିଜ୍ଞାନ କଥାଗୁଡ଼ିକର କଳ୍ପନା ମାତ୍ର ଥିଲା। କିନ୍ତୁ ଏବେ ଏହି କଳ୍ପନା ବାସ୍ତବ ରୂପ ନେବାକୁ ଯାଉଛି। ସମୁଦ୍ରରେ ଭାସମାନ ସହର ଏବେ ଜଳବାୟୁ ଅନୁକୂଳ ଓ ସହରୀ ବିସ୍ତାର ରଣନୀତିଗୁଡ଼ିକର ଏକ ବ୍ୟବହାରିକ ସମାଧାନ ଭାବରେ ନଜର ଆସୁଛି। ଜଳବାୟୁ ପରିବର୍ତ୍ତନ ଓ ବୃଦ୍ଧି ପାଉଥିବା ଜଳସ୍ତର ସମୁଦ୍ରର ଶହେ କି.ମି ଭିତରେ ୨.୪ ବିଲିଅନ୍ ଲୋକଙ୍କୁ ବିସ୍ଥାପିତ କରିବାର ବିପଦ ସୃଷ୍ଟି କରୁଛି। ଏହି ଯୋଜନା ବୈଜ୍ଞାନିକ ଓ ଇଞ୍ଜିନିୟର୍‌ମାନଙ୍କୁ ଭାସମାନ ସହର ପରିଯୋଜନା ଉପରେ କାମ କରିବା ପାଇଁ ପ୍ରେରିତ କରିଛି। ବଡ଼ ଧରଣର ଭାସମାନ ବସ୍ତିଗୁଡ଼ିକରେ ତୋଫାନ, ସୁନାମୀ, ଜଙ୍କ୍, ଜୈବ ପ୍ରଦୂଷଣ ଓ ସଂରଚନାତ୍ମକ କ୍ଳାନ୍ତି ପରି ସମସ୍ୟାଗୁଡ଼ିକର ସମାଧାନ କରିବାର ଆବଶ୍ୟକତା ରହିଛି। ଜାପାନର ଓସିନ ସ୍ପାଇରାଲ୍ ଓ ଡୋଗେନ ସିଟିରୁ ଆରମ୍ଭ କରି ନେଦରଲାଣ୍ଡର ଫ୍ଲୋଟିଂ ଫ୍ୟୁଚର କନସୋର୍ଟିୟମ୍, ଦକ୍ଷିଣ କୋରିଆର ଓସିୟନିକ୍ସ ଓ ସାଉଦି ଆରବର ଅକ୍ସାଗନ୍ ପର୍ଯ୍ୟନ୍ତ ଏପରି କିଛି ପରିଯୋଜନା ରହିଛି ଯେଉଁଗୁଡ଼ିକ ଭାସମାନ ସହରର ପରିକଳ୍ପନାକୁ ଭୂମି ଉପରେ ସଫଳତାର ସହିତ ସ୍ଥାପନା କରିବା ପାଇଁ ଚେଷ୍ଟା କରୁଛନ୍ତି। ତେବେ ଭାସମାନ ସହରର ବିଚାର ପ୍ରଥମେ ଜାପାନରୁ ଆସିଥିଲା। ଜାପାନର ଶିମିଜୁ କର୍ପୋରେସନ୍ ଦ୍ୱାରା ୨୦୧୪ରେ ଓସିନ୍ ସ୍ପାଇରାଲ୍‌ର ଆଇଡିଆ ଆସିଥିଲା। ଏହି ପରିଯୋଜନା ଅନ୍ତର୍ଗତ ଗଭୀର ସମୁଦ୍ରରେ ଥର୍ମାଲ୍ ଗ୍ରେଡିଏଣ୍ଟ ଦ୍ୱାରା ସଂଚାଳିତ ଏକ ସ୍ପାଇରାଲ୍ ଆକାରରେ ପାଣିର ନିମ୍ନ ଭାଗରେ ଏକ ସହରର କଳ୍ପନା କରାଯାଇଥିଲା।

# ମିନି ଗୋଆ



ଉତ୍ତରପ୍ରଦେଶରେ ଶୀତ ଆରମ୍ଭ ହୋଇଗଲାଣି। ତେବେ ଶୀତଦିନେ ଲୋକମାନେ ପାହାଡ଼କୁ ଯିବା ବଦଳରେ ସମୁଦ୍ର କୂଳକୁ ଯିବା ପସନ୍ଦ କରନ୍ତି। ତେଣୁ ଏହି ଦିନମାନଙ୍କରେ ଲୋକମାନେ ଅଧିକ ସଂଖ୍ୟାରେ ଗୋଆ ଯିବାକୁ ପସନ୍ଦ କରନ୍ତି। ସମୁଦ୍ର କୂଳରେ ପଡ଼ିଥିବା ସୂର୍ଯ୍ୟକିରଣର ଆନନ୍ଦ ଉଠେଇବା ପାଇଁ ଯଦି ଚାହୁଁଛନ୍ତି ତେବେ ଗୋଆ ବଦଳରେ ଯାଆନ୍ତୁ ୟୁପିରେ ଥିବା ମିନି ଗୋଆକୁ ଯେଉଁଠାରେ ଜଙ୍ଗଲ ଓ ବିଚ୍ ବୁଲିବାର ଆନନ୍ଦ ଉଠେଇ ପାରିବେ। ୟୁପିର ପିଲିଭିତ ଜିଲ୍ଲାରେ ରହିଛି ପ୍ରଦେଶର ଏକମାତ୍ର ଚୁକା ବିଚ୍। ସେଠାରେ କୌଣସି ବଡ଼ ବଡ଼ ବିଚ୍ ପରି ଆନନ୍ଦ ଓ ରୋମାଞ୍ଚର ମଜା ଉଠେଇ ପାରିବେ। ତେବେ ଏହି ମାସରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ସେଠାକୁ ଯାଇଥାନ୍ତି। ପିଲିଭିତ୍ ଟାଇଗର ରିଜର୍ଭ ପାଇଁ ଏକ ପ୍ରସିଦ୍ଧ ସ୍ଥାନ। କିନ୍ତୁ ସେଠିକାର ଜଙ୍ଗଲ କୂଳରେ ରହିଛି ଏହି ଶାନ୍‌ଦାର ବିଚ୍। ଟାଇଗର୍ ରିଜର୍ଭର ଘନ ଜଙ୍ଗଲଗୁଡ଼ିକ ମଧ୍ୟରେ ରହିଛି ଶାରଦା ସାଗର ଡ୍ୟାମ୍ ଓ ଏହା କୂଳରେ ରହିଛି ଚୁକା ବିଚ୍। ବିଚ୍‌ର ରାତି ଦୃଶ୍ୟ ମାଲଡିଭ୍‌ସ ଠାରୁ କମ୍ ଆନନ୍ଦ ଦେବ ନାହିଁ। ପର୍ଯ୍ୟଟକମାନଙ୍କର ରହିବା ପାଇଁ ମଧ୍ୟ ସୁବ୍ୟବସ୍ଥା ରହିଛି ବିଚ୍ ପାଖରେ। ସେଠାରେ ନିର୍ମିତ ଥାରୁ ହଟ୍ ଓ ଟ୍ରି ହଟ୍‌ରେ ସେମାନେ ରହିପାରିବେ। ହଟ୍‌ଗୁଡ଼ିକରେ ରାତ୍ରିରେ ରହିବା ପାଇଁ ମଧ୍ୟ ସୁବିଧା ରହିଛି ଯେଉଁଥି ପାଇଁ ଅଗ୍ରୀମ ବୁକିଂର ବ୍ୟବସ୍ଥା ଉପଲବ୍ଧ। ଏହି ହଟ୍ସର ବୁକିଂ ପ୍ରକ୍ରିୟା ନଗରର ଅଫିସିଆଲ୍ ୱେବ୍‌ସାଇଟ୍ ଜରିଆରେ କରାଯାଏ। ଥାରୁ ହଟ୍ ଓ ବାମ୍ବୁ ଟ୍ରି ହଟ୍‌ରେ ଏକ ରାତି ଅତିବାହିତ କରିବା ପାଇଁ ଭାରତୀୟ ପର୍ଯ୍ୟଟକମାନଙ୍କୁ ୫୫୦୦-୯୦୦୦ ପ୍ରତି ଦୁଇ ଜଣ ଲୋକ ପାଇଁ ଓ ଜଣେ ଲୋକ ପାଇଁ ୫୦୦୦-୮୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ସେହିପରି ବିଦେଶୀ ପର୍ଯ୍ୟଟକମାନେ ଦୁଇ ଜଣଙ୍କ ପାଇଁ ୧୬,୦୦୦-୨୦,୦୦୦ ଓ ଜଣେ ଲୋକ ପାଇଁ ୧୪,୦୦୦-୧୮,୦୦୦ ପର୍ଯ୍ୟନ୍ତ ଖର୍ଚ୍ଚ କରିଥାନ୍ତି।

## ଓଷ୍ଟା ମହିଳା କର୍ମକର୍ତ୍ତାଙ୍କ କର୍ମଶାଳା ଉଦ୍‌ଯାପିତ

**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଦ୍ୱାରା ଆହୂତ ହୋଇଥିବା ଦୁଇଦିନିଆ ମହିଳା କର୍ମକର୍ତ୍ତାମାନଙ୍କର ରାଜ୍ୟସ୍ତରୀୟ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଶିକ୍ଷୟିତ୍ରୀମାନଙ୍କ ଦଳଗତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ୧୨ଟି ପ୍ରସ୍ତାବ ରାଜ୍ୟ କାର୍ଯ୍ୟକାରୀ କମିଟିରେ ଆଲୋଚନା ପାଇଁ ପଠାଯାଇଛି ବୋଲି ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।ଓଷ୍ଟା ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା କର୍ମକର୍ତ୍ତାଙ୍କ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ସମୃଦ୍ଧିର ବିଭିନ୍ନ ଦିଗ ଓ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଉପରେ ଏକ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ସଂଗଠନର ବିତ୍ତ ଓ ବିକାଶରେ ମହିଳାମାନଙ୍କର ଭୂମିକା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ଆନ୍ଦୋଳନ ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ ମହିଳା ଉପସଭାପତି ରାଜଲକ୍ଷ୍ମୀ ବେହେରା ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସମ୍ପାଦିକା ଯୁଗପ୍ରଭା ସାବତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦୁଇଦିନିଆ କର୍ମଶାଳାରେ ଶୈକ୍ଷିକ ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ପାଦିକା ରୀତା ମିଶ୍ର, ଓଷ୍ଟାର ସମସ୍ତ ପଦାଧିକାରୀ, ଜିଲ୍ଲା ସମ୍ପାଦକ ନାରାୟଣଚନ୍ଦ୍ର ବାରିକ, ତ୍ରିଲୋଚନା ଦାସ ଓ ରବୀନ୍ଦ୍ରନାଥ ଯୋଶୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

# ନିଶା ନିବାରଣ ବ୍ୟାପକ କରିବାକୁ ଆହ୍ୱାନ



**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗୁଣନିଧି ଭବନ ପରିସରରେ ସର୍ବୋଦୟର ଦିଗଦର୍ଶକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ, ଉତ୍କଳ ସର୍ବୋଦୟ ମଣ୍ଡଳ ତଥା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଜିଲ୍ଲା ସଭାପତି ଡ଼ଃ ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାରା ଓଡ଼ିଶାରେ ମଦକୁ ବନ୍ଦ କରିବା ଦାବିରେ ଯେଉଁ ଦସ୍ତଖତ ଅଭିଯାନ ଚାଲିଛି ତାହା ସଫଳ କରିବା ପାଇଁ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ମଦ ବନ୍ଦ ପାଇଁ ୧୯୫୬ ମସିହାରେ ଏକ ଆଇନ ଆଣିଥିଲେ । ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଯାହା ଫଳରେ ନିଶା ବିଶେଷ କରି ମଦ ଯୋଗୁ ପରିବାର ଭାଙ୍ଗିଯାଉଛି, ଦୁର୍ଘଟଣା ବଢୁଛି, ହତ୍ୟା ଭଳି ଜଘନ୍ୟ କାଣ୍ଡ ମଧ୍ୟ ଶିଖୁଛନ୍ତି । ଏବେର ସରକାର ଆସିଲେ ମଦକୁ ବନ୍ଦ କରିବେ ବୋଲି ତାଙ୍କ ଇସ୍ତାହାରରେ ଲେଖିଥିଲେ । ବଡ଼ ଦୁଃଖର ବିଷୟ ମଦ ବନ୍ଦ ପରିବର୍ତ୍ତେ ଅଧିକ ଦୋକାନ ଖୋଲିବାରେ ଲାଗିଛନ୍ତି । ଏଣୁ ସରକାର ୧୯୫୬ ମସିହାର ଆଇନକୁ ସମ୍ମାନ ଦେଇ ତୁରନ୍ତ ମଦ ଦୋକାନ ବନ୍ଦ କରନ୍ତୁ । ଏହା ନବବାବୁଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ । ଆଲୋଚନାଚକ୍ରରେ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ, ରବୀନ୍ଦ୍ର ମହାନ୍ତି, ରେଣୁକା ସାହୁ, ପ୍ରଭାତ କୁମାର ପାତ୍ର , ଗୋବିନ୍ଦ ଭଗବାନ, ଗଜେନ୍ଦ୍ର କୁମାର ପାଣି, ବିନିତାରାଣୀ ବେହେରା, ମାୟା ମରୀଚିକା, ମାଳତୀ ପାତ୍ର ଓ କୃଷ୍ଣଚନ୍ଦ୍ର ସାମନ୍ତରାୟ ଆଲୋଚନାରେ ଯୋଗ ଦେଇଥିଲେ ।

# ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ



**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ତାଙ୍କ ଜନ୍ମସ୍ଥାନ ସ୍ୱାଧୀନତା ସଂଗ୍ରାମୀ ପୀଠ ତଥା ଗୋକୁଳାନନ୍ଦ ଚୌଧୁରୀ ଜାତୀୟ ପୀଠରେ ନିରାଡ଼ମ୍ବର ପରିବେଶରେ ପାଳିତ ହୋଇଯାଇଛି । ପ୍ରଫୁଲ୍ଲ ବେହେରା ଏହି ଉତ୍ସବକୁ ପରିଚାଳନା କରିବା ସହିତ ପ୍ରାରମ୍ଭିକ ସୂଚନା ଦେବା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଗୁରୁ ମହାନ୍ତି ନବ ବାବୁଙ୍କ ବିଷୟରେ ସାରଗର୍ଭକ ଭାଷଣ ଦେଇଥିଲେ । ନବବାବୁଙ୍କ ସହିତ ତାଙ୍କ ସମ୍ପର୍କ ଓ ଏକାଠି କାର୍ଯ୍ୟ କରିବାର ଅନୁଭୂତି ବର୍ଣ୍ଣନା କରିଥିଲେ । ଏହା ପରେ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ପୁସ୍ତକର ଲେଖକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ବୀରେନ୍ଦ୍ର ନାୟକ ଏକ ଜୀବନ୍ତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଫେସର୍ ଡକ୍ଟର କର୍ମଦେବ ମହାରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଆଲୋଚନା ସଭାରେ ଜ୍ଞାନଦେବ ମହାରଣା, ଚିତ୍ତ ମହାନ୍ତି, ରମାକାନ୍ତ ମଣ୍ଡଳ, କ୍ଷିରୋଦ ମହାପାତ୍ର, ଇନ୍ଦୁମତୀ ସାହୁ, ସ୍ୱପ୍ନା ମହାପାତ୍ର, ବିଜୟ ରାଉତରାୟ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରମାକାନ୍ତ ନାଥ, ଡଃ ସତ୍ୟ ରାୟ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ହ୍ୟୁମାନଙ୍କୁ ବିଶ୍ରାମ ପାଇଁ କହିଥିଲେ ଡାକ୍ତର

**ଭୁବନେଶ୍ୱର,୨୩।୧୧/ଏନ୍‌ଏନ୍‌ଏସ୍:** ଦିବଂଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଚିକିତ୍ସା କରୁଥିବା ଡାକ୍ତର ରବିବାର ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଡାକ୍ତର ସଞ୍ଜୀବ କୁମାର କର ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଯେ ହ୍ୟୁମାନ ସାଗର ପ୍ରଥମେ ସେପ୍ଟେମ୍ବର ୨୦୨୪ରେ ତାଙ୍କୁ ପରାମର୍ଶ ପାଇଁ ଭେଟିଥିଲେ । ହ୍ୟୁମାନ ସାଗର ମଦ୍ୟପାନ ଜନିତ ଲିଭର୍ ସିରୋସିସ୍‌ରେ ପୀଡ଼ିତ ଥିଲେ, ଯାହା ସେତେବେଳକୁ ସ୍ପଷ୍ଟ ହୋଇସାରିଥିଲା । ଡାକ୍ତର କର କହିଛନ୍ତି ଯେ ସେ ହ୍ୟୁମାନଙ୍କୁ ନିୟମିତ ଭାବେ କାମର ବୋଝ କମାଇବା ଏବଂ ପର୍ଯ୍ୟାପ୍ତ ବିଶ୍ରାମ ନେବାକୁ ବାରମ୍ବାର ପରାମର୍ଶ ଦେଇଥିଲେ । ହ୍ୟୁମାନ ପ୍ରତି ଦୁଇରୁ ତିନି ମାସରେ ଥରେ ଫଲୋଅପ୍ ପାଇଁ ଆସୁଥିଲେ । ଅନିୟମିତ ଖାଇବା ଅଭ୍ୟାସ ଏବଂ ଲଗାତାର ରାତିସାରା କାମ କରିବା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ବିଗିଡ଼ି ଯାଇଥିଲା । ହ୍ୟୁମାନ ପେଟ ଫୁଲିବା, ଗୋଡ଼ ଫୁଲିବା ଏବଂ ନିଶ୍ୱାସ ନେବାରେ କଷ୍ଟ ଭଳି ଜଟିଳତା ନେଇ ଡାକ୍ତରଙ୍କ ପାଖକୁ ଆସୁଥିଲେ । ପରୀକ୍ଷାରୁ ତାଙ୍କର 'ଆସାଇଟସ୍' (ପେଟରେ ତରଳ ପଦାର୍ଥ ଜମିବା) ସହିତ ଲିଭର୍ ସିରୋସିସ୍ ଥିବା ଜଣାପଡ଼ିଥିଲା । ଉଲ୍ଲେଖଯୋଗ୍ୟ ଯେ, ଗତ ଶୁକ୍ରବାର ବଲାଙ୍ଗୀର ଟାଉନ୍ ଥାନାରେ ହ୍ୟୁମାନ ସାଗରଙ୍କ ଦୁଇ ଜଣ ମ୍ୟାନେଜରଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି । ଦିନେଶ ବେହେରା ଏବଂ ପ୍ରଶାନ୍ତ ବେହେରା, ଯିଏକି ନିକଟରେ ହ୍ୟୁମାନଙ୍କ କାର୍ଯ୍ୟକ୍ରମ ସୂଚୀ ପରିଚାଳନା କରୁଥିଲେ, ସେମାନଙ୍କ ନାଁରେ ଲିଖିତ ଅଭିଯୋଗ ହୋଇଛି ।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର



**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ଯୋବ୍ରାସ୍ଥିତ ଲକ୍ଷ୍ମୀବଜାରଠାରେ ସ୍ଥାପିତ ବୁଢ଼ାବାବା ମଲଟି ସ୍ପେଶାଲିଷ୍ଟ ହସିପଟାଲରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଗୁରୁ ବୁଢ଼ାବାବାଙ୍କ ୯୭ତମ ଜନ୍ମ ବାର୍ଷିକୀ ଅବସରରେ ଅର୍ଥପେଡ଼ିକ୍ସ, ଗାଇନୋକ୍ଲୋଜି, ନିରୋଲୋଜି, ଜେନେରାଲ ସର୍ଜରୀ ଏବଂ କାର୍ଡ଼ିଓଲୋଜିର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଶିବିରରେ ରୋଗୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏଥିସହିତ ରୋଗୀମାନଙ୍କର ବିଏମଡ଼ି, ଲିପିଡ଼ ପ୍ରୋଫାଇଲ, ଏଲ୍‌ଏଫ୍‌ଟି ଓ ବ୍ଲଡ଼ ସୁଗାର ଆଦି ପରୀକ୍ଷା ବିନା ମୂଲ୍ୟରେ କରାଯାଇଥିଲା । ହସ୍‌ପିଟାଲ୍‌ର ପରିଚାଳକ ତଥା ସର୍ଜରୀ ବିଶେଷଜ୍ଞ ଡାକ୍ତର ଉମେଶ ରାୟଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା ।

# ପଦ୍ମଭୂଷଣ ଯତୀନ୍ ଦାସ ସମ୍ମାନିତ



**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ପ୍ରାଚୀ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ୍ ଦାସଙ୍କୁ ଭୁବନେଶ୍ୱର, ଜେ.ଡି ସେଣ୍ଟର ଅଫ୍ ଆର୍ଟଠାରେ 'ପ୍ରାଚୀ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀ ଦାସ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚିତ୍ରକଳା ପ୍ରଦର୍ଶନୀରେ ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିପାରିଛନ୍ତି । ଅନେକ ପାରମ୍ପରିକ ଚିତ୍ରକଳା ମଧ୍ୟ ସଂଗୃହିତ କରି କଳା ଜଗତକୁ ସୁଦୃଢ଼ କରିଛନ୍ତି । ଏହି ସଭାରେ ସଭାପତିତ୍ୱ କରି ପ୍ରଫେସର ଡକ୍ଟର ମନ୍ଦାକିନୀ ଦାସ ଶ୍ରୀ ଦାସଙ୍କ କଳାଜଗତରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ ଯୋଗଦାନ କରିଥିଲେ । ସାଇ ବିଶ୍ୱନାଥ ତ୍ରିପାଠୀ ମାନପତ୍ର ପାଠ କରିଥିଲେ ଓ ଧିରେନ୍ ଦାସ, ରାମହରି ଜେନା, ବିଶ୍ୱଜିତ୍ ରାଉତ ସହଯୋଗ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ ଧନ୍ୟବାଦ ଅର୍ପଣ କରଥିଲେ ।

## ଛାତ୍ରୀଙ୍କୁ ଅପହରଣ, ଯୁବକ ଗିରଫ

**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ଲିଫ୍ଟ ଦେବାକୁ କହି ଜଣେ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୁଲିସ ମଧୁପାଟଣା ଅଞ୍ଚଳର ହ୍ରିତିକ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ହ୍ରିତିକର ଉକ୍ତ ଛାତ୍ରୀଙ୍କ ସହ ପୂର୍ବରୁ ପରିଚୟ ଥିଲା । ହ୍ରିତିକ ଛାତ୍ରୀଙ୍କୁ କଲେଜରୁ ନେଇ ଘରେ ଛାଡ଼ି ଦେବ ବୋଲି କହିଥିଲା । ଛାତ୍ରୀଙ୍କୁ ତାଙ୍କ ଘରେ ଛାଡ଼ିବା ପରିବର୍ତ୍ତେ ହ୍ରିତିକ ଜୋର ଜବରଦସ୍ତ ନିଜ ଘରକୁ ନେଇ ଯାଇଥିଲା । ସେଠାରେ ଛାତ୍ରୀଙ୍କୁ ଘରେ ରଖିବା ସହ ବିବାହ ପାଇଁ କହିଥିଲା । ହେଲେ ସୁଯୋଗ ଦେଖି ଛାତ୍ରୀ ଜଣକ ସେଠାରୁ ଖସି ଆସି ଘଟଣା ଏ ବିଷୟରେ ମହିଳା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରିବା ସହ ହ୍ରିତିକକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ୭୮ତମ ଏନ୍‌ସିସି ଦିବସ





**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** କଟକ ଗ୍ରୁପ୍ ମୁଖ୍ୟାଳୟଠାରେ ୭୮ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି । ଗ୍ରୁପ୍ କମାଣ୍ଡର୍ କର୍ଣ୍ଣେଲ୍ ସତ୍ୟବ୍ରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିକଶିତ ଦେଶ ଗଠନ, ଯୁବ ସଶକ୍ତିକରଣ ଓ ଚରିତ୍ର ଗଠନରେ ଏନ୍‌ସିସିର ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଏନ୍‌ସିସି କ୍ୟାଡେଟ୍‌ମାନଙ୍କର ସଫଳତା, ଗୌରବ ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ଷ୍ଟଲ୍‌ଗୁଡ଼ିକରେ ପ୍ରଦର୍ଶନ କରାଯାଇଥିଲା । କଟକ- ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଞ୍ଜିନିୟର୍ ପ୍ରକାଶ ଚନ୍ଦ୍ର ସେଠୀ, ମେୟର୍ ସୁବାସ ସିଂହ ଏବଂ ଅନ୍ୟାନ୍ୟ ସେବାନିବୃତ୍ତ ଅଧିକାରୀମାନେ ଉପସ୍ଥିତ ରହି କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଏନ୍‌ସିସି ଯୁବପିଢ଼ିଙ୍କ ମନରେ ଦେଶ ପ୍ରେମ ଓ ଶୃଙ୍ଖଳିତ ନେତୃତ୍ୱ ଭାବ ଏବଂ ସମାଜସେବାର ମୂଲ୍ୟବୋଧ ଗଠନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । କ୍ୟାଡେଟ୍‌ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ଏନ୍‌ସିସି ସଙ୍ଗୀତ ଓ ଜାତୀୟ ସଙ୍ଗୀତ ଗାନ କରାଯାଇ ସଭା ଉଦ୍‌ଯାପିତ ହୋଇଥିଲା ।

# ସୁରକ୍ଷିତ ବଚ୍‌ପନ୍, ସୁରକ୍ଷିତ ଭାରତ କାର୍ଯ୍ୟକ୍ରମ



**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ସମାଜସେବୀ ସଂଗଠନ ଲୋକସେବା କଟକ ଦ୍ୱାରା ସୁରକ୍ଷିତ ବଚପନ, ସୁରକ୍ଷିତ ଭାରତ କାର୍ଯ୍ୟକ୍ରମକୁ ବସୁନ୍ଧରା ଉ ହଳ ବାଳାଶ୍ରମ ପ୍ରାଙ୍ଗଣରେ ଆଜି ଆୟୋଜିତ ହୋଇଯାଇଛି । ବାଳାଶ୍ରମର ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ ଶିଶୁମାନେ ନିଜର ସୃଜନଶୀଳତା ଦେଖାଇପାରିଥିଲେ । କାର୍ଯ୍ୟକ୍ରମକୁ ଲୋକସେବାର କାର୍ଯ୍ୟକର୍ତ୍ତା ଅବିନାଶ ନାୟକ, ସୁଭ୍ରଜିତ ସ୍ୱାଇଁ, ଜୟଶ୍ରୀ ସାହୁ, ପ୍ରୀତବାସ ସାହୁ, ଅଭିଷେକ ନାୟକ, କରିସ୍ମା ବେଉରା, ପୁଷ୍ପାଞ୍ଜଳି ସାହୁ ଓ ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଉତ୍କଳ ବାଳଶ୍ରମର କର୍ମକର୍ତ୍ତା ସସ୍ମିତା ରାଉତ ଓ ମଞ୍ଜୁଲତା ସ୍ୱାଇଁ ସହଯୋଗ ଯୋଗାଇଥିଲେ ।

# ବିର୍ଲା ଓପସ୍‌ର ନୂତନ ପେଣ୍ଟ୍ସ ଗ୍ୟାଲେରୀ ଉଦ୍‌ଘାଟିତ



**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** ନୟାସଡ଼କଠାରେ ବିର୍ଲା ଓପସ୍‌ର ନୂତନ ପେଣ୍ଟସ୍ ଗ୍ୟାଲେରୀ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାସଡ଼କ ସ୍ଥିତ ଗୋପୀନାଥ ମନ୍ଦିରର ସମ୍ପାଦକ କିଶନ୍ କୁମାର୍ ମୋଦୀ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କମ୍ପାନୀର ରାଜ୍ୟ ସେଲ୍‌ସ୍ ମୁଖ୍ୟ ଆୟନ୍ ରୟ, ଏରିଆ ସେଲ୍‌ସ୍ ସିନିୟର୍ ମ୍ୟାନେଜର ଦେବାଶିଷ ପତି, ସେଲ୍‌ସ୍ ମ୍ୟାନେଜର ବିକାଶ ପଟେଲ ପ୍ରମୁଖ ଯୋଗଦେଇଥିଲେ । ଏହି କମ୍ପାନୀ ବିର୍ଲା ଓପସ୍ ପେଣ୍ଟ୍ସ୍ ଗ୍ୟାଲେରୀ ପ୍ରଥମ ଥର ଗ୍ରାହକମାନଙ୍କ ପାଇଁ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ରିହାତିର ବ୍ୟବସ୍ଥା କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ପ୍ରତି ୨୦ ଲିଟରରେ ୨ ଲିଟର ରଙ୍ଗ ରିହାତି ସହିତ ପ୍ରତି ୧୦ ଲିଟରରେ ୧ ଲିଟର ରିହାତି ପ୍ରଦାନ କରାଯାଇଛି । କମ୍ପାନୀ ପକ୍ଷରୁ ଉନ୍ନତ ମାନର ଓ୍ୱାରେଣ୍ଟି ଏବଂ ଓପସ୍ ଆସ୍ୟୁରାନ୍ସର ସୁବିଧା ଉପଲବ୍ଧି ହୋଇପାରିବ । ତତ୍ ସହିତ କମ୍ପାନୀ ତାର ପେଣ୍ଟସ୍ କ୍ରାଫ୍ଟ ସର୍ଭିସ୍ ଆରମ୍ଭ କରିବାକୁ ଯାଉଅଛି । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଅପେକ୍ଷା ଉନ୍ନତ ମାନର ରଙ୍ଗ ୧୦ ପ୍ରତିଶତରୁ ୧୫ ପ୍ରତିଶତ କଭରେଜ ଅଧିକ ହୋଇପାରିବ ।

ଏହି ଅବସରରେ ଓଡ଼ିଶା ପେଣ୍ଟ୍ସ୍ ଓ ଡେକରର ପାର୍ଟନର ଶିବ କୁମାର୍ ଅଗ୍ରୱାଲ, ବିକାଶ ଅଗ୍ରୱାଲଙ୍କ ସହ ପରିବାର ଜନ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ୟ ପାର୍ଟନର ଶୀତଲ ସିଂହାନୀୟାଙ୍କ ସମେତ ଅତିଥି ବୃନ୍ଦ ଉପସ୍ଥିତ ରହି ଉକ୍ତ ଷ୍ଟୋର୍‌ର ଅଗ୍ରଗତି ପାଇଁ ଶୁଭକାମନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମିଡିଆ ପ୍ରଭାରୀ ରାମ ଗୋପାଳ ଅଗ୍ରୱାଲା ପରିଚାଳନା କରିଥିଲେ ।

# ସରକାରୀ ହାଇସ୍କୁଲ୍ ଶିକ୍ଷକ ସଂଘର ପଞ୍ଚମ ବାର୍ଷିକ ଉତ୍ସବ



**କଟକ,୨୩।୧୧/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଶୁଭ ସୁନ୍ଦର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘର ଉପଦେଷ୍ଟା ପ୍ରଭାତ ମହାନ୍ତି ଯୋଗଦେଇ ସଂଗଠନର ଆବଶ୍ୟକତା, କାର୍ଯ୍ୟକାରିତା ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସମ୍ମାନିତ ଅତିଥି, ବିଶିଷ୍ଟ ସମାଜସେବୀ ଲଲାଟେନ୍ଦୁ ବଡ୍ଡୁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ସଂଗଠନର ସାଧାରଣ କାର୍ଯ୍ୟକାରୀ ସମ୍ପାଦକ ସହିସ୍ତା ସୁଲତାନା ବାର୍ଷିକ ବିବରଣୀ ପାଠ କରିଥିଲେ । ସାଂଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗଠନର ସକ୍ରିୟ ସଦସ୍ୟ ଚିନ୍ମୟୀ ପ୍ରଧାନ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ସଂଗଠନର ମୁଖ୍ୟ ଉପଦେଷ୍ଟା ଶୁଭଜିତ୍ ପ୍ରତିହାରୀ, କୋଷାଧ୍ୟକ୍ଷ ତପନ କୁମାର ପାତ୍ର, ସଂଯୋଜକ ଜ୍ୟୋତିର୍ମୟ ଦାଶ, ସଂଗ୍ରାମ କେଶରୀ ନାୟକ, ପପୁ ପରିଡ଼ା, ସର୍ବେଶ୍ୱର ପାତ୍ର, ଜ୍ୟୋତିର୍ମୟୀ ପଣ୍ଡା ଓ ସୌଭାଗ୍ୟ ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । କୋଷାଧ୍ୟକ୍ଷ ତପନ କୁମାର ପାତ୍ର ଧନ୍ୟବାଦ୍ ଦେଇଥିଲେ ।




### ସାଉଥ୍ ଆଫ୍ରିକା ବିପକ୍ଷ ଭାରତୀୟ ଦିନିକିଆ ଟିମ୍ ଘୋଷିତ

# ରାହୁଲ କ୍ୟାପ୍ଟେନ୍, ଫେରିଲେ ଗାଏକ୍‌ୱାଡ୍-ତିଲକ୍

## ସିରାଜ୍ ପୁଣି ଅଣଦେଖା, ଅକ୍ଷର ପଟେଲ୍ ବାଦ୍




**ମୁମ୍ବାଇ, ୨୩।୧୧/ଏଜେନ୍ସି:** ସାଉଥ୍ ଆଫ୍ରିକା ବିପକ୍ଷ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ପାଇଁ ରବିବାର ଭାରତୀୟ ଟିମ୍ ଘୋଷଣା ହୋଇଛି। ଏହି ସିରିଜ୍‌ରେ ଟିମ୍‌ର ନେତୃତ୍ୱ ୱିକେଟ୍‌କିପର୍-ବ୍ୟାଟର୍ କେଏଲ୍ ରାହୁଲ କରିବେ। ନିୟମିତ କ୍ୟାପ୍ଟେନ୍ ଶୁଭମନ ଗିଲ୍ ବେକ ଆଘାତ ଯୋଗୁଁ ଚୟନ ପାଇଁ ଉପଲବ୍ଧ ନଥିଲେ। ଏହି କାରଣରୁ ରାହୁଲଙ୍କୁ ଏହି ବଡ଼ ଦାୟିତ୍ୱ ମିଳିଛି। ଭାରତୀୟ ଦିନିକିଆ ଟିମ୍‌ରେ ତିଳକ ବର୍ମା ଏବଂ ଋତୁରାଜ ଗାଏକ୍‌ୱାଡ୍‌ଙ୍କୁ ମଧ୍ୟ ସାମିଲ କରାଯାଇଛି। ସାଉଥ୍ ଆଫ୍ରିକା-ଏ' ବିପକ୍ଷରେ ଚମତ୍କାର ବ୍ୟାଟିଂ କରିଥିବା ଋତୁରାଜ ଗାଏକ୍‌ୱାଡ୍‌ଙ୍କର ବହୁ ସମୟ ପରେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ ଘଟିଛି। ସେହିପରି ଟି-୨୦ ଅନ୍ତର୍ଜାତୀୟରେ ଉନ୍ନତ ପ୍ରଦର୍ଶନ ପରେ ତିଳକ ବର୍ମା ଦିନିକିଆ ସେଟ୍‌ଅପ୍‌କୁ ଫେରିଛନ୍ତି। ଋତୁରାଜ ଭାରତ ପାଇଁ ୬ ଏବଂ ତିଳକ ୪ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଅଲ୍‌ରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଏବଂ ଋଷଭ ପନ୍ତ୍ ମଧ୍ୟ ଦିନିକିଆ ସ୍କ୍ୱାଡ୍‌ର ସଦସ୍ୟ ଅଛନ୍ତି। ଏହି ଦୁଇ ତାରକା ଖେଳାଳି ଅଷ୍ଟ୍ରେଲିଆ ଗସ୍ତ ଅବସରରେ ଦିନିକିଆ ଟିମ୍‌ର ସଦସ୍ୟ ନଥିଲେ। ଅନ୍ୟପକ୍ଷରେ ୧୫ ଜଣିଆ ଟିମ୍‌ରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ରୂପରେ ମହାନ୍ ବ୍ୟାଟର୍ ମଧ୍ୟ ଉପସ୍ଥିତ ଅଛନ୍ତି। ତେବେ ଅଷ୍ଟ୍ରେଲିଆ ଗସ୍ତରେ ଟିମ୍‌ର ସଦସ୍ୟ ଥିବା ମହମ୍ମଦ ସିରାଜ୍ ଓ ଅକ୍ଷର ପଟେଲ୍‌ଙ୍କୁ ଦିନିକିଆ ସ୍କ୍ୱାଡ୍‌ରେ ସାମିଲ କରାଯାଇ ନାହିଁ। ଶ୍ରେୟସ୍ ଆୟର୍ ମଧ୍ୟ ଆହତ କାରଣରୁ ଟିମ୍‌ରେ ସ୍ଥାନ ହାସଲ କରିପାରି ନାହାନ୍ତି। ଭାରତ ଓ ସାଉଥ୍ ଆଫ୍ରିକା ମଧ୍ୟରେ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ନଭେମ୍ବର ୩୦ରେ ରାଞ୍ଚିରେ ହେବ। ଏହାପରେ ଡିସେମ୍ବର ୩ରେ ଦ୍ୱିତୀୟ ମ୍ୟାଚ୍ ରାୟପୁରରେ ଏବଂ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଡିସେମ୍ବର ୬ରେ ବିଶାଖାପାଟଣାରେ ଖେଳାଯିବ। ଏହାପରେ ଦୁଇ ଟିମ୍ ମଧ୍ୟରେ ଡିସେମ୍ବର ୯ ତାରିଖରେ ୫ ମ୍ୟାଚ୍‌ର ଟି-୨୦ ସିରିଜ୍ ମଧ୍ୟ ଖେଳାଯିବ। ଏଥିପାଇଁ ଭାରତୀୟ ଟିମ୍‌ର ଘୋଷଣା ପରେ ହେବ।

**ଭାରତୀୟ ଟିମ୍:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ୍, ବିରାଟ କୋହଲି, ତିଳକ ବର୍ମା, କେଏଲ୍ ରାହୁଲ (କ୍ୟାପ୍ଟେନ୍/ୱିକେଟ୍‌କିପର୍), ଋଷଭ ପନ୍ତ୍ (ୱିକେଟ୍‌କିପର୍), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡ଼େଜା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍‌ୱାଡ୍, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ୍ ସିଂହ ଏବଂ ଧ୍ରୁବ ଜୁରେଲ୍।

### ଗୁଆହାଟୀ ଟେଷ୍ଟ: ସେନୁରନ୍ ମୁଥୁସାମୀଙ୍କ ପ୍ରଥମ ଶତକ

# ସାଉଥ୍ ଆଫ୍ରିକା ପ୍ରଥମ ଇନିଂସ୍ ୪୮୯ ରନ୍‌ରେ ଶେଷ

**ଗୁଆହାଟୀ, ୨୩।୧୧/ଏଜେନ୍ସି:** ଗୁଆହାଟୀର ବରସାପାରା ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ରବିବାର ସାଉଥ୍ ଆଫ୍ରିକା ପ୍ରଥମ ଇନିଂସ୍‌ରେ ୪୮୯ ରନ୍ କରି ଅଲ୍‌ଆଉଟ୍ ହୋଇଛି। ଜବାବରେ ଦ୍ୱିତୀୟ ଦିନ ଷ୍ଟମ୍ପସ ବେଳକୁ ଭାରତ ବିନା ୱିକେଟ୍‌ରେ ୯ ରନ୍ କରିଛି। ଯଶସ୍ୱୀ ଜୟସ୍ୱାଲ୍ ୭ ଏବଂ କେଏଲ୍ ରାହୁଲ ୨ ରନ୍‌ରେ ଅପରାଜିତ ଫେରିଛନ୍ତି। ଭାରତ ପ୍ରଥମ ଇନିଂସ୍ ଆଧାରରେ

## ଦ୍ୱିତୀୟ ଦିନ ଭାରତ ୯/୦

ସାଉଥ୍ ଆଫ୍ରିକା ଠାରୁ ୪୮୦ ରନ୍ ପଛରେ ରହିଛି। ସାଉଥ୍ ଆଫ୍ରିକା କୋଲ୍‌କାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୩୦ ରନ୍‌ରେ ଜିତି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି। ସିରିଜ୍ ଡ୍ର' କରିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ପଡ଼ିବ।

ଗୁଆହାଟୀ ଟେଷ୍ଟର ପ୍ରଥମ ଦିନ ବହୁ ରୋମାଞ୍ଚକର ରହିଥିଲା। ଟସ୍ ଜିତି ବ୍ୟାଟିଂ ନେଇଥିବା ସାଉଥ୍ ଆଫ୍ରିକା ପ୍ରଥମ ଦିନ ପ୍ରଥମ ଇନିଂସ୍‌ରେ ୬ ୱିକେଟ୍ ହରାଇ ୨୪୭ ରନ୍ କରିଥିଲା। ଶୀର୍ଷକ୍ରମରେ ଏଡେନ୍ ମାର୍କରମ୍ (୩୮), ର୍ୟାନ୍ ରିକେଲ୍‌ଟନ୍ (୩୫), ଟ୍ରିଷ୍ଟନ୍ ଷ୍ଟବ୍ସ (୪୯) ଏବଂ କ୍ୟାପ୍ଟେନ୍ ଟେମ୍ବା ବାଭୁମା (୪୧ ରନ୍) ବ୍ୟାଟ୍‌ରେ ଉନ୍ନତ ପ୍ରଦର୍ଶନ କରିଥିଲେ। ଭାରତ ପକ୍ଷରୁ ସ୍ପିନର୍ କୁଲଦୀପ୍ ଯାଦବଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ଦ୍ୱିତୀୟ ଦିନ ଖେଳରେ ସେନୁରନ୍ ମୁଥୁସାମୀ ଓ କାଇଲ ଭେରେନେ ସାଉଥ୍ ଆଫ୍ରିକା ଇନିଂସ୍ ସମ୍ଭାଳିଥିଲେ। ଦୁହିଁଙ୍କ ମଧ୍ୟରେ ସପ୍ତମ ୱିକେଟ୍ ପାଇଁ ୮୮ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଭେରେନେଙ୍କୁ ଆଉଟ୍ କରି ରବୀନ୍ଦ୍ର ଜାଡ଼େଜା ଏହି ପାର୍ଟନରଶିପ୍‌କୁ ଭାଙ୍ଗିଥିଲେ। ରେଭେନେ ୧୨୨ ବଲ୍‌ରେ ୫ ଚୌକା ସହାୟତାରେ ୪୫ ରନ୍ କରିଥିଲେ। ତାଙ୍କ ଆଉଟ୍ ପରେ ମୁଥୁସାମୀଙ୍କ ସହ ମାର୍କୋ ଜାନ୍‌ସେନ୍ ଇନିଂସ୍ ସମ୍ଭାଳିଥିଲେ ଏବଂ ଦୁହିଁଙ୍କ ମଧ୍ୟରେ ଅଷ୍ଟମ ୱିକେଟ୍ ପାଇଁ ୯୭ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ମୁଥସାମୀଙ୍କୁ ଆଉଟ୍ କରି ମହମ୍ମଦ ସିରାଜ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ମୁଥୁସାମୀ ୧୦ ଚୌକା ଓ ଦୁଇ ଛକା ସହାୟତାରେ ୨୦୬ ବଲ୍‌ରୁ ୧୦୯ ରନ୍ କରିଥିଲେ। ଏହା ମୁଥୁସାମୀଙ୍କ କ୍ୟାରିୟରର ପ୍ରଥମ ଶତକ ଥିଲା। ମୁଥୁସାମୀଙ୍କ ପରେ ସାଉଥ୍ ଆଫ୍ରିକା ସାଇମନ୍ ହାର୍ମର୍ (୫)ଙ୍କ ୱିକେଟ୍ ହରାଇଥିଲା। ତେବେ ମାର୍କୋ ଜାନ୍‌ସେନ୍ ବିସ୍ଫୋରକ ବ୍ୟାଟିଂ କରି ୯୧ ବଲ୍‌ରେ ୬ ଚୌକା ଓ ୭ ଛକା ସହାୟତାରେ ୯୩ ରନ୍ କରି କୁଲଦୀପ୍ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। କେଶବ ମହାରାଜ ୧୨ ରନ୍‌ରେ ଅପରାଜିତ ଫେରିଥିଲେ। ଭାରତ ପକ୍ଷରୁ କୁଲଦୀପ୍ ଯାଦବ ୪ଟି ୱିକେଟ୍ ନେଇଥିବା ବେଳେ ବୁମ୍‌ରା, ସିରାଜ୍ ଓ ଜାଡ଼େଜାଙ୍କୁ ୨-୨ ସଫଳତା ମିଳିଥିଲା।



# ସ୍ମୃତି ମନ୍ଧାନାଙ୍କ ବିବାହ ଅନିଶ୍ଚିତ କାଳ ସ୍ଥଗିତ



**ନୂଆଦିଲ୍ଲୀ, ୨୩।୧୧/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍ ତଥା ଷ୍ଟାର୍ ଭାରତୀୟ କ୍ରିକେଟର୍ ସ୍ମୃତି ମନ୍ଧାନାଙ୍କ ବିବାହ ଅନିଶ୍ଚିତ କାଳ ପାଇଁ ସ୍ଥଗିତ ହୋଇଛି। ତାଙ୍କ ପିତାଙ୍କ ହୃଦ୍‌ଘାତ କାରଣରୁ ବିବାହକୁ ସ୍ଥଗିତ ରଖାଯାଇଛି। ଆଜି ସ୍ମୃତିଙ୍କ ବିବାହ ମ୍ୟୁଜିକ୍ କମ୍ପୋଜ୍ ପଲାଶ ମୁଚ୍ଛଲ୍‌ଙ୍କ ସହ ସାଙ୍ଗ୍‌ଲୀରେ ହେବାର ଥିଲା। ବିବାହର ସମସ୍ତ ରୀତି ନୀତି ଧୁମ୍‌ଧାମରେ ପାଳିତ ହେଉଥିବା ବେଳେ ସୋସିଆଲ୍ ମିଡିଆରେ କପଲ୍‌ଙ୍କ ଭିଡିଓ ମଧ୍ୟ ଖୁବ୍ ଭାଇରାଲ୍ ହେଉଥିଲା। ମନ୍ଧାନାଙ୍କ ମ୍ୟାନେଜର ତୁହିନ୍ ମିଶ୍ରା ସ୍ପଷ୍ଟ କରିଛନ୍ତି ଯେ ସ୍ମୃତିଙ୍କ ପିତାଙ୍କ ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟବସ୍ଥା ଠିକ୍ ନାହିଁ ଏବଂ ବିବାହ ଅନିଶ୍ଚିତ କାଳ ପାଇଁ ସ୍ଥଗିତ ରଖାଯାଇଛି। ମେହେନ୍ଦୀ ଓ ହଳଦୀ କାର୍ଯ୍ୟକ୍ରମ ଶନିବାର ସମ୍ପନ୍ନ ହୋଇଥିଲା। ଆଜି ଅପରାହ୍ଣରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବାର ଥିବା। କିନ୍ତୁ ଅଚାନକ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଛି। ସେ କହିଛନ୍ତି, ସକାଳେ ବ୍ରେକ୍‌ଫାଷ୍ଟ ବେଳେ ସ୍ମୃତିଙ୍କ ପିତା ଶ୍ରୀନିବାସ ମନ୍ଧାନାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। କିଛି ସମୟ ଅପେକ୍ଷା କରିବା ପରେ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଏବେ ସେ ଡାକ୍ତରଙ୍କ ଅବ୍‌ଜରଭେସନ୍‌ରେ ଅଛନ୍ତି। ମ୍ୟାନେଜର କହିଛନ୍ତି, ସ୍ମୃତି ତାଙ୍କ ପିତାଙ୍କ ବହୁ ନିକଟତର ଥିବାରୁ ଯେପର୍ଯ୍ୟନ୍ତ ତାଙ୍କ ସେ ଠିକ୍ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ବିବାଦ ସ୍ଥଗିତ ହୋଇପାରିବ ନାହିଁ ବୋଲି ସ୍ମୃତି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ସାଉଥ୍ ଆଫ୍ରିକାକୁ ହରାଇ ପ୍ରଥମ ଥର ମହିଳା ବିଶ୍ୱକପ୍ ଟାଇଟଲ୍ ଜିତିଥିବା ଭାରତୀୟ ଟିମ୍‌ର ସ୍ମୃତି ମନ୍ଧାନା ସଦସ୍ୟ ଥିଲେ। ବିଶ୍ୱକପ୍‌ରେ ମନ୍ଧାନା ଚମତ୍କାର ବ୍ୟାଟିଂ କରିଥିଲେ। ଫାଇନାଲ୍‌ରେ ମଧ୍ୟ ସେ ଶେଫାଳୀ ବର୍ମାଙ୍କ ସହିତ ଶତକୀୟ ପାର୍ଟନରଶିପ୍ କରିଥିଲେ। ଫାଇନାଲ୍ ଜିତିବା ପରେ ପଲାଶ ମୁଚ୍ଛଲ୍‌ଙ୍କ ସହ ସ୍ମୃତିଙ୍କୁ ପଡ଼ିଆରେ ସେଲିବ୍ରେଟ୍ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା।

### ୩୧ତମ ଅଲ୍ ଓଡ଼ିଶା ସ୍ନୁକର୍ ଓ ବିଲିୟାର୍ଡସ୍ ଚାମ୍ପିଅନ୍‌ଶିପ୍

# ଆଶୁତୋଷ ପାଢ଼ୀ ସିନିୟର୍ ସ୍ନୁକର୍ ଚାମ୍ପିଅନ୍

**ଭୁବନେଶ୍ୱର, ୨୩।୧୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପଟିଆସ୍ଥିତ ୬-ପକେଟ୍ କ୍ଲବ୍‌ରେ ଚାଲିଥିବା ୩୧ତମ ଅଲ୍ ଓଡ଼ିଶା ସ୍ନୁକର୍ ଓ ବିଲିୟାର୍ଡସ୍ ଚାମ୍ପିଅନ୍‌ଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ୍‌ରେ ଗୁରୁ ସୁବ୍ରତ ଦାସଙ୍କୁ ୬-୩ ଫ୍ରେମ୍‌ରେ ହରାଇ ଆଶୁତୋଷ ପାଢ଼ୀ ସିନିୟର୍ ପୁରୁଷ ସ୍ନୁକର୍ ଚାମ୍ପିଅନ୍ ହୋଇଛନ୍ତି। ଆଜିର ଏହି ଟାଇଟଲ୍ ସହ ଆଶୁତୋଷ ୫ ସିନିୟର୍ ସ୍ନୁକର୍ ଟାଇଟଲ୍ ଜିତି ଗୁରୁ ସୁବ୍ରତଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ପୂର୍ବରୁ ମଧ୍ୟ ସିନିୟର୍ ଆଶୁତୋଷ ସିନିୟର ବିଲିୟାର୍ଡ୍ସରେ ଗୁରୁତ ସୁବ୍ରତଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ। ଆଜି ଅନୁଷ୍ଠିତ ସିନିୟର୍ ସ୍ନୁକର୍ ଫାଇନାଲ୍‌ର ପ୍ରଥମ ଫ୍ରେମ୍‌ରେ ଆଶୁତୋଷ ୧୦୦ ପଏଣ୍ଟ (ସେଞ୍ଚୁରୀ) ହାସଲ କରି ସ୍କୋର୍ ୧-୦ କରିଥିଲେ। ଏହା ଚାମ୍ପିଅନ୍‌ଶିପ୍‌ରେ ବର୍ତ୍ତମାନର ସର୍ବାଧିକ ବ୍ରେକ୍ ଥିଲା। ଏହାପରେ ତ୍ରୁଟିଶୂନ୍ୟ ପ୍ରଦର୍ଶନ କରି ଅଭିଜ୍ଞ ସୁବ୍ରତ ଲଗାତାର ଦୁଇଟି ଫ୍ରେମ୍ ଜିତି ୨-୧ରେ ଆଗୁଆ ରହିଥିଲେ। ମାତ୍ର ଆଶୁତୋଷ ପ୍ରତ୍ୟାବର୍ତ୍ତନ କରିବା ସହିତ ୬୧ ପଏଣ୍ଟ ବ୍ରେକ୍‌ରି ୪ର୍ଥ ଫ୍ରେମ୍ ହାତେଇବା ସହିତ ସ୍କୋର୍ ୨-୨ରେ ବରାବର କରିଥିଲେ। ପରେ ସ୍କୋର୍ ୩-୩ ହୋଇଥିଲା ଏବଂ ପୁଣିଥରେ ଆଶୁତୋଷ ୧୧୧ ପଏଣ୍ଟ ହାସଲ କରି ୪-୩ରେ ଆଗୁଆ ହୋଇଥିଲେ। ପରେ ସ୍କୋର୍ ୫-୩ କରିବା ପରେ ସୁବ୍ରତଙ୍କୁ ଆଉ କୌଣସି ସୁଯୋଗ ନଦେଇ ଆଶୁତୋଷ ମ୍ୟାଚ୍ ହାତେଇ ନେଇଥିଲେ। ଆଶୁତୋଷ ପାଢ଼ୀଙ୍କୁ ଟ୍ରଫି ସହିତ ୨୦ ହଜାର ଟଙ୍କା ଏବଂ ସୁବ୍ରତଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ମିଳିଛି। ସେହିପରି ବିଲିୟାର୍ଡସ ଚାମ୍ପିଅନ୍ ଆଶୁତୋଷଙ୍କୁ ୧୦ ହଜାର ଏବଂ ରନର୍ସଅପ୍ ସୁବ୍ରତଙ୍କୁ ୫ ହଜାର ଟଙ୍କାର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଚଳିତ ଥର ପ୍ରଥମ ଥର ପାଇଁ ସିନିୟର୍ ବିଲିୟାର୍ଡ୍ସ ଓ ସିନିୟର୍ ସ୍ନୁକର୍ ବର୍ଗରେ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ସମସ୍ତ ବର୍ଗର ବିଜେତାଙ୍କ ଟ୍ରଫି ସହିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର୍ ଆସୋସିଏସନର ସମ୍ପାଦକ ସମୀର ଅଲୀ, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଗୋବିନ୍ଦ ଶର୍ମା ୬- ପକେଟ୍ କ୍ଲବ୍ ମାଲିକ ଚେତନ୍ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




# ଅଷ୍ଟ୍ରେଲିଆନ୍ ଓପନ୍ ଜିତିଲେ ଲକ୍ଷ୍ୟ ସେନ୍




**ସିଡ୍‌ନୀ, ୨୩।୧୧/ଏଜେନ୍ସି:** ଭାରତୀୟ ଷ୍ଟାର୍ ଶଟ୍‌ଲର୍ ଲକ୍ଷ୍ୟ ସେନ୍ ଚମତ୍କାର ପ୍ରଦର୍ଶନ କରି ଚଳିତ ସିଜନ୍‌ରେ ନିଜର ପ୍ରଥମ ଟାଇଟଲ୍ ଜିତିଛନ୍ତି। ରବିବାର ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ଜାପାନର ୟୁଶୀ ତନାକାଙ୍କୁ ହରାଇ ଲକ୍ଷ୍ୟ ଅଷ୍ଟ୍ରେଲିଆନ୍ ଓପନ୍ ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ନିଜ ନାମରେ କରିଛନ୍ତି। ୨୪ ବର୍ଷୀୟ ଲକ୍ଷ୍ୟ ଚମତ୍କାର ଲୟ ବଜାୟ ରଖି ୨୬ ବର୍ଷୀୟ ତନାକାଙ୍କୁ ୩୮ ମିନିଟ୍‌ର ମ୍ୟାଚ୍‌ରେ ୨୧-୧୫, ୨୧-୧୧ ସିଧା ଗେମ୍‌ରେ ହରାଇ ନିଜ ଟାଇଟଲ୍ ମୁରୁଡ଼ିର ଅନ୍ତ ଘଟାଇଛନ୍ତି। ଚଳିତ ବର୍ଷର ଆର୍ଲିୟନ୍ସ ମାଷ୍ଟର୍ସ ସୁପର୍ ୩୦୦ ଟାଇଟଲ୍ ଜିତିଥିବା ବିଶ୍ୱର ୨୬ ନମ୍ବର ଖେଳାଳି ତନାକାଙ୍କ ବିପକ୍ଷରେ ଲକ୍ଷ୍ୟ ଚକହାର ନିୟନ୍ତ୍ରଣ ଏବଂ ଦ୍ରୁତ ଖେଳର ନମୁନା ପେଶ୍ କରିବା ସହିତ ଗୋଟିଏ ବି ଗେମ୍ ନହରାଇ ମ୍ୟାଚ୍ ନିଜ ନାମରେ କରିଛନ୍ତି। ଏହି ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ୍ ଲକ୍ଷ୍ୟ ଚଳିତ ସିଜନ୍‌ରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍ ଟାଇଟଲ୍ ଜିତିବାରେ କେବଳ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ଏହା ପୂର୍ବରୁ ଆୟୁଷ ସେଟ୍ଟୀ ଆମେରିକା ଓପନ୍ ସୁପର୍ ୩୦୦ ଟୁର୍ଣ୍ଣାମେଣ୍ଟ ଜିତିଥିଲେ। ଭାରତର ଅନ୍ୟ ଖେଳାଳିଙ୍କ ମଧ୍ୟରେ ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀ ହଂକ ଓ ଚୀନ୍ ମାଷ୍ଟର୍ସ ଫାଇନାଲ୍‌ରେ ପହଞ୍ଚିଥିଲେ। ସେହିପରି କିଦାମ୍ବୀ ଶ୍ରୀକାନ୍ତ ମଧ୍ୟ ବର୍ଷ ଆରମ୍ଭରେ ମାଲେସିଆ ମାଷ୍ଟର୍ସରେ ଉପବିଜେତା ରହିଥିଲେ।

ଗତ କିଛି ସମୟ ଧରି ଲକ୍ଷ୍ୟଙ୍କ ପାଇଁ ସବୁକିଛି ଠିକ୍ ନଥିଲା ଏବଂ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ୨୦୨୧ ବିଶ୍ୱ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ ପଦକ ବିଜେତା ଲକ୍ଷ୍ୟ ନିଜର ଅନ୍ତିମ ସୁପର୍ ୩୦୦ ଟାଇଟଲ୍ ଗତବର୍ଷ ଲକ୍ଷ୍ନୌରେ ସୟଦ୍ ମୋଦୀ ଇଣ୍ଟରନାସ୍‌ନାଲ୍‌ରେ ଜିତିଥିଲେ। ସେ ସେପ୍ଟେମ୍ବରରେ ହଂକଂରେ ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟରେ ଉପବିଜେତା ରହିଥିଲେ।

**ଦେଶ ବିଦେଶ**

# ପ୍ରଥମ ଥର ବିନା ଔପଚାରିକ ହ୍ୟାଣ୍ଡ୍‌ଓଭର୍‌ରେ ଜି୨୦ ସମିଟ୍ ଶେଷ




**ଜୋହାନ୍ସବର୍ଗ, ୨୩।୧୧/ଏଜେନ୍ସି:** ସାଉଥ୍ ଆଫ୍ରିକାରେ ଅନୁଷ୍ଠିତ ୨ଂଶତମ ଜି୨୦ ସମିଟ୍ ରବିବାର ବିନା ଔପଚାରିକ ହ୍ୟାଣ୍ଡ୍‌ଓଭର୍‌ରେ ସମାପ୍ତ ହୋଇଛି। ସାଉଥ୍ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସ୍ କୌଣସି ଆମେରକୀୟ ଅଧିକାରୀଙ୍କୁ ଗଭେଲ୍ (ଅଧ୍ୟକ୍ଷତାର ପ୍ରତୀକ ହାତୁଡ଼ି) ପ୍ରଦାନ କରିନାହାନ୍ତି। ବିଦେଶ ମନ୍ତ୍ରୀ ରୋନାଲ୍ଡ ଲାମୋଲା କହିଛନ୍ତି ଆଜି କୌଣସି ଔପଚାରିକ ଉତ୍ସବ ହେବନାହିଁ। ଆମେରିକାର ଚାହିଁଲେ ସୋମବାର ସାଉଥ୍ ଆଫ୍ରିକା ବିଦେଶ ମନ୍ତ୍ରଣାଳୟ ଅଫିସ୍‌ରୁ ଜି୨୦ ଜଡ଼ିତ କାଗଜପତ୍ର (ଡକ୍ୟୁମେଣ୍ଟ) ନେଇପାରିବ। ଏହାପରେ ହ୍ୱାଇଟ୍ ହାଉସ୍ ଡେପୁଟି ସେକ୍ରେଟାରୀ ଅନ୍ନା କେଲୀ ଅଭିଯୋଗ କରିଛନ୍ତି ଯେ ସାଉଥ୍ ଆଫ୍ରିକା ଜି୨୦ର ଔପଚାରିକ ହ୍ୟାଣ୍ଡ୍‌ଓଭର୍ ନକରି ଭୁଲ୍ କରିଛି।

ଅସଲରେ ପୂର୍ବତନ ଜି୨୦ ସମିଟର ଆୟୋଜନ କରିଥିବା ଦେଶ ପରବର୍ତ୍ତୀ ଆୟୋଜକ ଦେଶକୁ ଔପଚାରିକ ଭାବେ 'ଗଭେଲ୍' ପ୍ରଦାନ କରିଥାଏ। ଏହାର ଏକ ଲାଇଭ୍ ସେରେମନି ହୋଇଥାଏ, ଯେଉଁଥିରେ ଦୁଇ ଦେଶର ନେତା ସାମ୍ନାସାମ୍ନି ଉପସ୍ଥିତ ଥାନ୍ତି। ମାତ୍ର ଚଳିତ ଥର ଆମେରିକା ପକ୍ଷରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିରେ ସାମିଲ ହୋଇନଥିଲେ। ଟ୍ରମ୍ପ କହିଥିଲେ ଯେ ସାଉଥ୍ ଆଫ୍ରିକାରେ ଗୋରା ଖ୍ରୀଷ୍ଟିଆନ୍‌ଙ୍କୁ ହତ୍ୟା କରାଯିବା ସହିତ ସେମାନଙ୍କ ଜମି ଛଡ଼ାଇ ନିଆଯାଇଛି। ଏହାର ବିରୋଧରେ ସେ ସମିଟ୍‌ରେ ସାମିଲ ହେବାକୁ ମନା କରିଦେଇଥିଲେ। ଅବଶ୍ୟ ପରେ ସେ ଜି୨୦ ହ୍ୟାଣ୍ଡ୍‌ଓଭର୍ ପାଇଁ ଜଣେ ରାଜଦୂତଙ୍କୁ ପଠାଇବାକୁ କହିଥିଲେ। କିନ୍ତୁ ସାଉଥ୍ ଆଫ୍ରିକା ରାଷ୍ଟ୍ରପତି କହିଥିଲେ ଯେ ସେ କୌଣସି ଜୁନିୟର୍ ଅଧିକାରୀଙ୍କୁ ଗଭେଲ୍ ପ୍ରଦାନ କରିବା ପରିବର୍ତ୍ତେ ଏକ ଖାଲି ଚୌକିକୁ ଆୟୋଜନ ଅଧିକାରୀ ପ୍ରଦାନ କରିବେ। ସାଉଥ୍ ଆଫ୍ରିକା ବିଦେଶ ମନ୍ତ୍ରୀ ଲାମୋଲା କହିଛନ୍ତି, ଆମେରିକା ଜି୨୦ର ଏକ ସଦସ୍ୟ ଏବଂ ତାକୁ ସମିଟ୍‌ରେ ନିଜ ଉପସ୍ଥିତି ଦର୍ଶାଇବାର ଥିଲା। ଏହା ଏକ ଲିଡର୍ସ ସମିଟ୍ ହୋଇଥିବାରୁ ଏଥିରେ ରାଷ୍ଟ୍ରପତି କିମ୍ବା କୌଣସି ମନ୍ତ୍ରୀ ସାମିଲ ହେବା ଉଚିତ। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଆମେରିକାର ସହିତ ସାଉଥ୍ ଆଫ୍ରିକାର କୌଣସି ରାଜନୈତିକ ବିବାଦ ନାହିଁ। କିନ୍ତୁ ଜି୨୦ ପରି ମଞ୍ଚରେ କୌଣସି ଜୁନିୟର୍ ଅଧିକାରୀଙ୍କୁ ପଠାଇ ହ୍ୟାଣ୍ଡ୍‌ଓଭର୍ କରାଯାଇ ପାରିବ ନାହିଁ। ଏହା କୌଣସି ବିବାଦ ନୁହେଁ, ବରଂ ସମ୍ମାନର ବିଷୟ।

# ଶିପ୍ରା ନଦୀରେ କାର୍ ଖସି ୩ ଶିକ୍ଷକ ମୃତ

**ନୈନିତାଲ୍, ୨୩।୧୧/ଏଜେନ୍ସି:** ଉତ୍ତରାଖଣ୍ଡର ହଲ୍‌ଦ୍ୱାନୀରୁ ଅଲ୍‌ମୋଡ଼ା ଯାଉଥିବା ଏକ କାର୍ ଶନିବାର ସନ୍ଧ୍ୟା ୭ଟା ବେଳେ ରାତୀଘାଟ ନିକଟରେ ଅନିୟନ୍ତ୍ରିତ ହୋଇ ଶିପ୍ରାନଦୀରେ ଖସିପଡ଼ିବା ଫଳରେ ଏଥିରେ ଥିବା ତିନିଜଣ ଶିକ୍ଷକଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ନଦୀରେ ଖସିପଡ଼ିବା ପରେ କାର୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ କାର୍ ଖସିପଡ଼ିବା ଶବ୍ଦ ଶୁଣି ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ୍ ଓ ଏସ୍‌ଡିଆର୍‌ଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଅନ୍ଧାର ଏବଂ ନଦୀର ଗଭୀରତା କାରଣରୁ ଉଦ୍ଧାରକାର୍ଯ୍ୟ ଚ୍ୟାଲେଞ୍ଜିଂ ଥିଲେ ମଧ୍ୟ ଟିମ୍ ତୁରନ୍ତ କାର୍‌ରେ ଫସିଥିବା ଲୋକଙ୍କୁ ବାହାର କରିନେଇଥିଲା। ମୃତକ ତିନି ଶିକ୍ଷକ ଅଲ୍‌ମୋଡ଼ା ନିବାସୀ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ଅନୁସାରେ ରାତୀଘାଟର ଏହି ମୋଡ଼ାଣିଟି ଅତ୍ୟନ୍ତ ବିପଜ୍ଜନକ ଏବଂ ପୂର୍ବରୁ ମଧ୍ୟ ଏଠାରେ ଅନେକ ଦୁର୍ଘଟଣା ଘଟିଛି। ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଦେଇଛି।

# ୱିଙ୍ଗ୍ କମାଣ୍ଡର ସ୍ୟାଲ୍‌ଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ

## ବର୍ଦ୍ଧିରେ ଅନ୍ତିମ ସାଲ୍ୟୁଟ୍ କଲେ ପାଇଲଟ୍ ପତ୍ନୀ



**ସିମ୍‌ଲା, ୨୩।୧୧/ଏଜେନ୍ସି:** ଦୁବାଇରେ ଏୟାର୍ ଶୋ' ବେଳେ ଯୁଦ୍ଧ ବିମାନ ତେଜସ୍ କ୍ରାସ୍‌ରେ ପ୍ରାଣ ହରାଇଥିବା ୱିଙ୍ଗ୍ କମାଣ୍ଡର୍ ନମାଂଶ ସ୍ୟାଲ୍‌ଙ୍କୁ ରବିବାର ରାଷ୍ଟ୍ରୀୟ ସମ୍ମାନ ସହ ଅନ୍ତିମ ବିଦାୟ ଦିଆଯାଇଛି। ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ ପୈତୃକ ଗ୍ରାମ ପାଟିୟାଲକରରେ ଦାଦାପୁଅ ଭାଇ ନିଶାନ୍ତ ତାଙ୍କୁ ମୁଖାଗ୍ନି ଦେଇଛନ୍ତି। ରବିବାର ଅପରାହ୍ଣରେ ତାଙ୍କ ପାର୍ଥିବ ଶରୀର ଗାଁରେ ପହଞ୍ଚିଥିଲା। ଅନ୍ତିମ ସଂସ୍କାର ଅବସରରେ ତାଙ୍କ ପାଇଲଟ୍ ପତ୍ନୀ ଅଫସାନ୍ ବର୍ଦ୍ଧି ପିନ୍ଧି ଅନ୍ତମ ଦର୍ଶନ ପାଇଁ ପହଞ୍ଚିଥିଲେ। ସେଠାରେ ସେ ଶହିଦ୍ ପତିଙ୍କୁ ଅନ୍ତିମ ସାଲ୍ୟୁଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତୀୟ ଏୟାର୍ ଫୋର୍ସର ଅଧିକାରୀମାନେ ସେଠାରେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଅପରାହ୍ଣ ଗୋଟାଏ ବେଳେ ଗଗଲ୍ ଏୟାର ପୋର୍ଟରେ କ୍ୟାବିନେଟ୍ ମନ୍ତ୍ରୀ ଯାଦବେନ୍ଦ୍ର ଗୋମା, ନଗରୋଟା ବଗୱାଁ ବିଧାୟକ ଆର୍‌ଏସ୍ ବାଲି ଏବଂ ଶାହପୁର ବିଧାୟକ କେୱଲ୍ ସିଂହ ପଠାନିଆ ଶହିଦ୍ ୱିଙ୍ଗ୍ କମାଣ୍ଡର୍ ସ୍ୟାଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଦୁବାଇ ଏୟାର୍ ଶୋ'ରେ ଭାରତୀୟ ଏୟାର୍ ଫୋର୍ସର ତେଜସ୍ ଯୁଦ୍ଧ ବିମାନ ଏକ ଫ୍ଲାଇଂ ଏକ୍ସରସାଇଜ୍ ଅବସରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ କାଙ୍ଗଡ଼ା ନିବାସୀ ୱିଙ୍ଗ୍ କମାଣ୍ଡର୍ ନମାଂଶ ସ୍ୟାଲ୍ (୩୪ ବର୍ଷ) ଶହିଦ୍ ହୋଇଥିଲେ। ନମାଂଶ ସ୍ୟାଲ୍ ସେଲୁର ଏୟାର୍ ବେସ୍‌ରେ ମୁତୟନ ଥିଲେ। ତାଙ୍କ ପତ୍ନୀ ବର୍ତ୍ତମାନ ଆଇଆଇଏମ୍ କୋଲ୍‌କାତରେ ଅଣ୍ଡର ଟ୍ରେନିଂ ଅଛନ୍ତି। ତାଙ୍କର ଜଣେ କନ୍ୟା ରହିଛି, ଯିଏ ପ୍ରଥମ ଶ୍ରେଣୀରେ ପଢୁଛୁ। ନମାଂଶଙ୍କ ମାତା-ପିତା ବୋହୂ ଅଫସାନ୍ ଏବଂ ନମାଂଶଙ୍କ କନ୍ୟା ସହିତ କୋଲ୍‌କାତାରେ ରହୁଥିଲେ। ନମାଂଶ ପ୍ରାୟ ଏକମାସ ତଳେ ଘରକୁ ଆସିଥିଲେ ଏବଂ ପ୍ରାୟ ୧୦-୧୨ ଦିନ ତଳେ କାର୍ଯ୍ୟସ୍ଥଳକୁ ଫେରିଯାଇଥିଲେ। ତାଙ୍କର ଜଣେ ବିବାହିତା ଭଉଣୀ ଅଛନ୍ତି।

# ଜୁନିୟର୍ ପୁରୁଷ ବିଶ୍ୱକପ୍ ହକି ପାଇଁ ମାଗଣା ଟିକେଟ୍

**ମଦୁରାଇ, ୨୩।୧୧/ଏଜେନ୍ସି:** ହକି ଇଣ୍ଡିଆ ଏକ ବଡ଼ ନିଷ୍ପତ୍ତିକ୍ରମେ ଜୁନିୟର୍ ପୁରୁଷ ହକି ବିଶ୍ୱକପ୍ ପାଇଁ ମାଗଣା ଟିକେଟ୍‌ର ଘୋଷଣା କରିଛି। ଏହି ବୈଶ୍ୱିକ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ମୋଟ ୨୪ ଟିମ୍ ଭାଗ ନେବେ। ଫଳରେ ଏହା ଜୁନିୟର୍ ବିଶ୍ୱକପ୍ ଇତିହାସରେ ସବୁଠୁ ବଡ଼ ଟୁର୍ଣ୍ଣାମେଣ୍ଟ ହେବ। ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ୍ ତିର୍କୀ କହିଛନ୍ତି, ମାଗଣା ଟିକେଟ୍ ପ୍ରଦାନ କରିବାର ଆମ ଉଦ୍ଦେଶ୍ୟ ହେଉଛି ତାମିଲନାଡୁ ଏବଂ ଏହାର ବାହାର ଛାତ୍ର, ଜୁନିୟର୍ ଖେଳାଳି, ସେମାନଙ୍କ ପରିବାର ଏବଂ ହକିପ୍ରେମୀଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ କରିବା। ଭର୍ଚୁଆଲ୍ ମାଗଣା ଟିକେଟ୍ ଟିକଟଜୀନୀ ୱେବ୍‌ସାଇଟ୍ କିମ୍ବା ହକି ଇଣ୍ଡିଆ ଆପ୍‌ର ବୁକ୍ କରାଯାଇ ପାରିବ ବୋଲି ବୟାନରେ କୁହାଯାଇଛି।

### ନିଶିତ୍ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍

# ପ୍ରାଂଶୁ ଚାମ୍ପିଅନ୍, ଆୟୁଷ୍ମାନ୍ ରନର୍

**ଭୁବନେଶ୍ୱର, ୨୩।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏବଂ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ ରବିବାର ସ୍କୁଲ୍ ପରିସରରେ ଷଷ୍ଠ ନିଶିତ୍ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ଆପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ (୪.୫ ପଏଣ୍ଟ) ଚାମ୍ପିଅନ୍ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆୟୁଷ୍ମାନ୍ ବେହେରା (୪.୫ ପଏଣ୍ଟ) ରନର୍ସଅପ୍ ହୋଇଛନ୍ତି। ବାଳିକା ବର୍ଗରେ ଶ୍ରଦ୍ଧା ସ୍ୱରୂପ ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବୟସ ବର୍ଗରେ ନମନ ପତି, ସାଇ କ୍ରିଷ୍ଣ ସାମଲ, ଲୋକିତ୍ ଲୁବ୍ୟାଂଶ ଏବଂ ଅଙ୍ଗଂଶ ପଟ୍ଟନାୟକ ପ୍ରଥମ ହୋଇଛନ୍ତି। ସାତ୍ତ୍ୱିକ ମହାନ୍ତି, ଶିବହରି ସନାଥ, ଅଭିନୟ ପ୍ରଧାନ ଏବଂ ସ୍ୱସ୍ତିକ ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ଚାମ୍ପିଅନ୍‌ଶିପ୍‌କୁ କେଶୁରା ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra